
# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୧୫/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 15/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 200 | ମୂଲ୍ୟ ₹୭/-





**ଆମିରଙ୍କ ସିକ୍ରେଟ୍**

ସୁପରଷ୍ଟାର ଆମିର ଖାନ୍ ବହୁକୋଟି ଟଙ୍କା ରୋଜଗାର କରୁଥିବାବେଳେ ତାଙ୍କ ଆକାଉଣ୍ଟ ପରିଚାଳନା କରିଥାନ୍ତି ବଲିଉଡ୍‌ର ପ୍ରିୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିକାଶ ବିମଲ। **୦୯**

**୧୪** **ଅଭିଜିତ୍‌ଙ୍କୁ ଟାଇଟଲ**

ଭାରତୀୟ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଚତୁର୍ଥ ଥର ଦିଲ୍ଲୀ ଗ୍ରାଣ୍ଡମାଷ୍ଟର୍ସ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି।





ଇଂଲଣ୍ଡର ଲର୍ଡ୍ସଠାରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟ୍ରଫି ସହ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା।

# ଇସ୍ରାଏଲ୍-ଇରାନ୍ ଘମାଘୋଟ ଯୁଦ୍ଧ

- **ତେଲ୍ ଆଭିଭ୍, ଜେରୁଜେଲମ୍‌କୁ ଟାର୍ଗେଟ କଲା ଇରାନ୍**
- **ଆକ୍ରମଣ ଜାରି ରହିଲେ ଜଳିଯିବ ତେହରାନ୍: ଇସ୍ରାଏଲ୍**

ତେଲ୍ ଆଭିଭ୍/ତେହେରାନ୍, ୧୪।୬

ଇରାନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ଏବଂ ତେହରାନ୍ ପକ୍ଷରୁ ତେଲ୍ ଆଭିଭ୍ ଓ ଜେରୁଜେଲମ୍‌ରେ ପ୍ରତିଆକ୍ରମଣ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟାର ପରିସରକୁ ବ୍ୟାପକ କରିବା ଆଶଙ୍କା ଉପୁଜାଇଛି। ଜୁନ୍ ୧୩ରେ ଇସ୍ରାଏଲ୍ ପକ୍ଷରୁ ଇରାନୀୟ ସାମରିକ ଓ ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ବଡ଼ଧରଣର ଏୟାରଷ୍ଟ୍ରାଇକ୍ କରାଯାଇଥିଲା। 'ଅପରେଶନ୍ ରାଇଜିଂ ଲାୟନ୍' ନାମରେ କରାଯାଇଥିବା ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନ୍‌ର ନତାଞ୍ଜ ଓ ଇସ୍‌ଫାହାନ୍ ନ୍ୟୁକ୍ଲିୟର କମ୍ପ୍ଲେକ୍ସ ସମେତ ଶତାଧିକ ଅସ୍ତ୍ରଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି। ଇରାନ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଏବଂ କୁଦ୍ସ ଫୋର୍ସ କମାଣ୍ଡରଙ୍କ ସମେତ ଅନେକ ଉଚ୍ଚ ପଦାଧିକାରୀ ଓ ପରମାଣୁ ବିଜ୍ଞାନୀ ନିହତ ହୋଇଛନ୍ତି। ଏହାର ଦିନକ ପରେ ଇରାନ୍ ଇସ୍ରାଏଲ୍‌କୁ ଜବାବ ଦେବାକୁ ଯାଇ 'ଅପରେଶନ୍ ଟ୍ରୁ ପ୍ରମିଜ୍ ୩ୟ' ଜରିଆରେ ବହୁ ବାଲିଷ୍ଟିକ୍ ମିଶାଇଲ୍ ଓ ଡ୍ରୋନ୍ ଛାଡ଼ିଛି। ସେଥିରୁ କେତେକ କ୍ଷେପଣାସ୍ତ୍ର ଇସ୍ରାଏଲୀ ପ୍ରତିରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଥିବାବେଳେ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲ୍ ମଧ୍ୟ ଏହାର ମୁହଁତୋଡ଼ ଜବାବ ଦେଉଛି। ଇରାନ୍ ଆକ୍ରମଣ ଜାରି ରଖିଲେ ତେହରାନ୍ ଜଳିଯିବ ବୋଲି ଇସ୍ରାଏଲ୍ ପକ୍ଷରୁ ଶନିବାର କଡ଼ା ଚେତାବନୀ ଦିଆଯାଇଛି। ହେଜ୍‌ବୋଲ୍ଲା ଓ ହୁଟି ଭଳି ସଙ୍ଗଠନ ଏଥିରେ ସାମିଲ ହେଲେ ଯୁଦ୍ଧ ଆହୁରି ଘନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ ଶିପିଂ ରୁଟ୍ ହୋର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ତୈଳଦର ବୃଦ୍ଧି ପାଇଛି। ଅନ୍ୟପକ୍ଷେ ଇସ୍ରାଏଲ୍‌ର ଏହି ଆକ୍ରମଣରେ ଆମେରିକାର ସମ୍ପୃକ୍ତି ନାହିଁ ବୋଲି ୱାଶିଂଟନ୍ କହିଛି। ଇରାନ୍ ଓ ବିଶ୍ୱ ଶକ୍ତିଗୁଡ଼ିକ ମଧ୍ୟରେ ଚାଲିଥିବା ଆଣବିକ ଆଲୋଚନା ବର୍ତ୍ତମାନ ଫସର ଫାଟିଛି। ସ୍ଥିତି ସଙ୍ଗିନ ଆଡ଼କୁ ଗତି କରୁଥିବାରୁ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଦେଖାଦେଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ଅନୁମାନ କରୁଛନ୍ତି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୯)

## ଆଣବିକ କେନ୍ଦ୍ରରେ ରେଡିଏଶନ୍ ଲିକ୍ ହୋଇଛି: ଆଇଏଇଏ ମୁଖ୍ୟ



ରାଫେଲ ଗ୍ରୋସି

ଇସ୍ରାଏଲ୍ ପକ୍ଷରୁ କରାଯାଇଥିବା ଆକ୍ରମଣରେ ଇରାନ୍‌ର ନତାଞ୍ଜ ଓ ଫୋର୍ଡୋ ଆଣବିକ କେନ୍ଦ୍ର ସୀମିତ କ୍ଷତିଗ୍ରସ୍ତ ହୋଇଥିବା ଇରାନୀୟ ଗଣମାଧ୍ୟମ ସୂଚନା ଦେଇଛି। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ମୁଖ୍ୟ ରାଫେଲ ଗ୍ରୋସି ୧୫ ସଦସ୍ୟବିଶିଷ୍ଟ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)କୁ କହିଛନ୍ତି, ଇରାନୀୟ ଆଣବିକ କେନ୍ଦ୍ର ଉପରେ ଇସ୍ରାଏଲୀ ଷ୍ଟ୍ରାଇକ୍ ଯୋଗୁ ରେଡିଓଆକ୍ଟିଭ୍ ଓ କେମିକାଲ୍ କଣ୍ଟାମିନେଶନ୍ ହୋଇଛି। ତେବେ ଏଥିରେ ନତାଞ୍ଜ ନ୍ୟୁକ୍ଲିୟର ଫାସିଲିଟିର ଭୂତଳ ଭଣ୍ଡାର କ୍ଷତିଗ୍ରସ୍ତ ହୋଇଥିବାର କୌଣସି ସଙ୍କେତ ମିଳିନାହିଁ। ଅନ୍ୟ ୨ଟି (ଫୋର୍ଡୋ ଓ ଇସ୍‌ଫାହାନ୍) ଫାସିଲିଟି ଉପରେ ମଧ୍ୟ ଆକ୍ରମଣ ହୋଇଥିବା ଇରାନୀୟ କର୍ତ୍ତୃପକ୍ଷ ଆଇଏଇଏକୁ ଅବଗତ କରାଇଛନ୍ତି। ଏହି ଆଣବିକ କେନ୍ଦ୍ରଗୁଡ଼ିକର ଚତୁଃପାର୍ଶ୍ୱରେ ସାମରିକ କାର୍ଯ୍ୟକଳାପ ଜାରି ରହିଛି। ଏହାବ୍ୟତୀତ ଏନେଇ ବର୍ତ୍ତମାନ ତାଙ୍କ ପାଖରେ ପର୍ଯ୍ୟାପ୍ତ ସୂଚନା ନାହିଁ ବୋଲି ଗ୍ରୋସି କହିଛନ୍ତି। ପ୍ରକାଶ ଯେ, ଆଣବିକ କେନ୍ଦ୍ରରେ ରେଡିଏଶନ୍ ଲିକ୍ ହେଲେ ପରିବେଶ ଉପରେ ଏହାର ଖରାପ ପ୍ରଭାବ ପଡ଼ିବ।

# ଦକ୍ଷିଣ ଆଫ୍ରିକା ଚାମ୍ପିୟନ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ନୂଆ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା। ଫଳରେ ଏହି ଆଫ୍ରିକୀୟ ଦେଶ ପାଇଁ ସିନିୟର ସ୍ତରରେ ଏକ ଆଇସିସି ଟ୍ରଫି ହାସଲ ଲାଗି ଦୀର୍ଘ ୨୭ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ୧୯୯୮ରେ ୱେଷ୍ଟଇଣ୍ଡିଜକୁ ହରାଇ ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏହାଥିଲା ଦଳ ପାଇଁ ପ୍ରଥମ ଆଇସିସି ଟ୍ରଫି। ଏହାପରେ ୨୦୨୪ ପୁରୁଷ ଟି୨୦ ବିଶ୍ୱକପ ଫାଇନାଲରେ ଭାରତଠାରୁ ହାରି ନିରାଶ ହୋଇଥିଲା। ଏହା ବ୍ୟତୀତ ଅନେକ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ଦୁର୍ଭାଗ୍ୟବଶତଃ ଖାଲି ହାତରେ ଫେରିବାର ମଧ୍ୟ ଅନେକ ନଜିର ରହିଛି। ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ ୧୯୯୨, ୧୯୯୯, ୨୦୦୭, ୨୦୧୫ ଓ ୨୦୨୩ରେ ଏହି ଦଳ ସେମିଫାଇନାଲ ଖେଳିଥିଲେ ମଧ୍ୟ ଆଗକୁ ବଢ଼ିପାରି ନ ଥିଲା। ସେହିପରି ପୁରୁଷ ଟି୨୦ ବିଶ୍ୱକପରେ ଦଳ ୨୦୦୯ ଓ ୨୦୧୪ରେ ସେମିଫାଇନାଲ ଖେଳିଥିଲା। ଏହିସବୁ ଆଇସିସି ଟୁର୍ନାମେଣ୍ଟରେ ଦଳରେ ହାନ୍ସି କ୍ରୋନିଏ, ଜଣ୍ଟି ରୋଡ୍ସ, କେପଲର ୱେସେଲ୍ସ, ଆଲାନ ଡୋନାଲ୍ଡ, ଗ୍ୟାରୀ କର୍ଷ୍ଟେନ, ହର୍ଶେଲ ଗିବ୍ସ, ଜ୍ୟାକ୍ସ କାଲିସ, ଶନ୍ ପୋଲକ, ଲାନ୍ସ କ୍ଲୁଜନର, ଗ୍ରେମ୍ ସ୍ମିଥ, ଏବି ଡିଭିଲର୍ସଙ୍କ ପରି ତାରକା ଖେଳାଳି ଥିଲେ ମଧ୍ୟ ଦଳ ଟାଇଟଲ ହାସଲ କରିପାରି ନ ଥିଲା। ଏଥର କିନ୍ତୁ ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜୟ ଦକ୍ଷିଣ ଆଫ୍ରିକାରେ ଖୁସିର ଲହରି ଖେଳାଇ ଦେଇଛି।

ଲଣ୍ଡନ, ୧୪।୬

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୫ ଉଇକେଟରେ ହରାଇ ଦକ୍ଷିଣ ଆଫ୍ରିକା ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଛି। ଲର୍ଡ୍ସ ଟେଷ୍ଟର ୪ର୍ଥ ଦିବସରେ ବିଜୟ ପାଇଁ ଦକ୍ଷିଣ ଆଫ୍ରିକାକୁ ଆଉ ୬୯ ରନ ଆବଶ୍ୟକ ହେଉଥିଲା। ଏହା ହାସଲ ପାଇଁ ୨୭.୩ ଓଭର ଖେଳି ୩ ଉଇକେଟ ହରାଇବାକୁ ପଡ଼ିଥିଲେ ହେଁ ଧୈର୍ଯ୍ୟ ନ ହରାଇ ଦଳ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ପୂର୍ବ ଦିନର ସ୍କୋର ୨୧୩/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୨୮୨ ରନ ସଂଗ୍ରହ କରି ନେଇଥିଲା। ଲର୍ଡ୍ସ ଗ୍ରାଉଣ୍ଡର ୧୪୧ ବର୍ଷ ଇତିହାସରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍। ଦକ୍ଷିଣ ଆଫ୍ରିକା ବିଜୟରେ ହିରୋ ସାଜିଥିଲେ କାଗିସୋ ରାବାଡ଼ା ଓ ଏଡେନ ମାରକ୍ରମ। ରାବାଡ଼ା ୨ ଇନିଂସରେ ୯ ଉଇକେଟ ନେଇଥିବାବେଳେ ମାରକ୍ରମ ଦ୍ୱିତୀୟ ଇନିଂସରେ ୧୩୬ ରନର ସ୍ମରଣୀୟ ଇନିଂସ ଖେଳି ଅଷ୍ଟ୍ରେଲିଆଠାରୁ ଟାଇଟଲ ଛଡ଼ାଇ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

(ଅଧିକ ରିପୋର୍ଟ ଖେଳପୃଷ୍ଠା)

# ଯାଜପୁର: ୧୧ ନମୁନାରେ ହଇଜା ପଜିଟିଭ

- **ରଜରେ ସାମୂହିକ ଭୋଜିଭାତ ଉପରେ କଟକଣା**
- **ପରିଦର୍ଶନରେ ଆସିବେ ୧୪ ଜଣିଆ କେନ୍ଦ୍ରୀୟ ଟିମ୍**

ଯାଜପୁର, ୧୪।୬
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଡାଇରିଆ ବ୍ୟାପିଥିବାବେଳେ ମୋଟ ୬୨ ନମୁନା ମଧ୍ୟରୁ ୧୧ଟିରେ ହଇଜା(କଲେରା) ପଜିଟିଭ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ଶୁକ୍ରବାର ୪୧ ନମୁନା ମଧ୍ୟରୁ ୮ଟିରେ ଏବଂ ଶନିବାର ୨୧ ନମୁନା ମଧ୍ୟରୁ ୩ଟିରେ ହଇଜା ଜୀବାଣୁ ଚିହ୍ନଟ ହୋଇଛି। ତେବେ ଲୋକେ ଭୟଭୀତ ହେବା ଆଶଙ୍କା କରି କେଉଁ ଅଞ୍ଚଳରେ ହଇଜା ପଜିଟିଭ ରୋଗୀ ଅଛନ୍ତି ସେନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଆକ୍ରାନ୍ତଙ୍କ ଝାଡ଼ା ନମୁନା ପରୀକ୍ଷା କରାଗଲେ ଆହୁରି ହଇଜା ପଜିଟିଭ ବାହାରିବେ ବୋଲି ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ଡିଏମ୍‌ଓ) ପ୍ରକାଶ ଚନ୍ଦ୍ର ବଳ ସୂଚନା ଦେଇଛନ୍ତି। ଶନିବାର ଦାନଗଦି ବ୍ଲକ୍ ଉଛବାଲି ପଞ୍ଚାୟତ ତରଇଲୋ ଗ୍ରାମର ଗେଲେଇ ପାତ୍ର (୭୨)ଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଜିଲାରେ ଅଦ୍ୟାବଧି ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ ସେଥିରେ କେବଳ ତରଇଲୋ ଗ୍ରାମର ୪ ଜଣ ରହିଛନ୍ତି। ଶନିବାର ସୁଦ୍ଧା ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ୮୪ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଯାଜପୁର ରୋଡ୍, କୋରେଇ ଡାକ୍ତରଖାନାରେ ଡାଇରିଆ ସଂକ୍ରମଣ ନିୟନ୍ତ୍ରଣକୁ ଆସିଥିବାବେଳେ ଏବେ ବି ଧର୍ମଶାଳାରେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି। ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ବୃନ୍ଦା ଡି. ଯାଜପୁର ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲାପାଳଙ୍କ ସହ ଏକ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରିବାକୁ ଏକ ୧୪ ଜଣିଆ କେନ୍ଦ୍ରୀୟ ଦଳ ଯାଜପୁର ଜିଲାକୁ ଆସୁଥିବା ସୂଚନା ମିଳିଛି।

ହଇଜା ସଂକ୍ରମଣ ଚିହ୍ନଟ ହେବା ପରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡି କେତେକ କଟକଣା ଜାରି କରିଛନ୍ତି। ରଜପର୍ବ ପାଳନ ପାଇଁ ସାମୂହିକ ସମାବେଶରେ ଭୋଜି ନ କରିବାକୁ ଜରୁରୀ ପରାମର୍ଶ ଦିଆଯାଇଛି। ଏହାସହ ବାହାରର ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପାଣି ନ ପିଇବା, ସର୍ବଦା ଘରେ ରନ୍ଧା ଖାଦ୍ୟ ଖାଇବା, ଫୁଟା ଏବଂ ଫିଲ୍‌ଟର କରାଯାଇଥିବା ବିଶୁଦ୍ଧ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ନଦୀ, ନାଳ, ପୋଖରୀ ପାଣିରେ ସ୍ନାନ, ଶୌଚ ଇତ୍ୟାଦି ନ କରିବାକୁ ନୋଟିସ ହୋଇଛି। ଡାଇରିଆ ଲକ୍ଷଣ ଦେଖାଗଲେ ଆଶା କିମ୍ବା ଅଙ୍ଗନୱାଡି ଦିଦି ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ☞ପୃଷ୍ଠା-୪




# ଏନ୍‌ଇଇଟି-ୟୁଜି: ରାଜସ୍ଥାନର ମହେଶ କୁମାର ଶୀର୍ଷରେ

ନୂଆଦିଲ୍ଲୀ, ୧୪।୬(ପି.ଟି.)



ମହେଶ କୁମାର

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ଫଳାଫଳ ଶନିବାର ପ୍ରକାଶ ପାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଘୋଷିତ ଫଳାଫଳ ଅନୁଯାୟୀ, ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ସହ ଦେଶରେ ଟପ୍ପର ହୋଇଥିବାବେଳେ ମଧ୍ୟପ୍ରଦେଶର ଉତ୍କର୍ଷ ଅୱଧିୟା ଦ୍ୱିତୀୟ ର୍‌ୟାଙ୍କ୍‌ରେ ରହିଛନ୍ତି। ଚଳିତ ବର୍ଷ ମୋଟ ୨୨.୦୫ ଲକ୍ଷ ଛାତ୍ରଛାତ୍ରୀ ଏନ୍‌ଇଇଟି-ୟୁଜି ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ୧୨.୩୬ ଲକ୍ଷରୁ ଅଧିକ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭.୨ ଲକ୍ଷ ଛାତ୍ରୀ ହୋଇଥିବାବେଳେ ୫.୧୪ ଲକ୍ଷ ଛାତ୍ର। ୫୨୯ ଜଣ ବିଦେଶୀ, ୪୦୫ ଜଣ ପ୍ରବାସୀ ଭାରତୀୟ ଏବଂ ☞ପୃଷ୍ଠା-୪

## ସ୍ନେହାଶିଷ ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୧୪।୬
(ଅନୁରାଧା ମହାରଣା)



ସ୍ନେହାଶିଷ ଦାଶ

ନିଟ୍ ୟୁଜିରେ ସ୍ନେହାଶିଷ ଦାଶ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ୯୯.୯୯୭ ପର୍ସେଣ୍ଟାଇଲ୍ ସହ ସର୍ବଭାରତୀୟ ସ୍ତରରେ ୬୦ ର୍‌ୟାଙ୍କ ରଖିଛନ୍ତି। ସ୍ନେହାଶିଷ ଦିଲ୍ଲୀ ପବ୍ଲିକ ସ୍କୁଲ ଡିପିଏସ୍ କଳିଙ୍ଗର ଛାତ୍ର। ତେବେ ସେ ଭବିଷ୍ୟତରେ ନ୍ୟୁରୋଲୋଜି ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

ସୂଚନା ଥାଉକି, ଚଳିବର୍ଷ ଓଡ଼ିଶାରୁ ୬୧,୧୧୧ଜଣ ନିଟ୍ ୟୁଜି ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୪

# ଛେଳିକୁ ନେଇ ଯୁବକଙ୍କୁ ହତ୍ୟା

**ଦମ୍ପତିଙ୍କ ସମେତ ୩ ଗିରଫ, ଜଣେ ଫେରାର**

ପାଟଣା, ୧୪।୬
(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ଗ୍ରାମରେ ଛେଳି ଚୋରିକୁ ନେଇ ଶୁକ୍ରବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଜଣେ ଯୁବକଙ୍କୁ ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଭାବେ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ସାହାରପଡ଼ା ବ୍ଲକ୍ ଶଙ୍ଖୁଆ ଗ୍ରାମର ପରମାନନ୍ଦ ନାଏକଙ୍କ ପୁଅ ବିପିନ ବିହାରୀ ନାଏକ(୪୬)। ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଶଙ୍ଖୁଆ ଗ୍ରାମର ଦେବଶ୍ରୀ ପାତ୍ର (୫୫), ତାଙ୍କ ସ୍ତ୍ରୀ ବୀଣାପାଣି ପାତ୍ର (୪୦) ଓ ପଦ୍ମିନୀ ପାତ୍ର(୫୦) ବୋଲି ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି।

ସୂଚନା ମୁତାବକ, ବିପିନ ଶୁକ୍ରବାର ରାତିରେ ଦେବଶ୍ରୀଙ୍କ ଗୁହାଳ ଘରେ ପଶିଥିଲେ। ଅଞ୍ଚଳରେ ପୂର୍ବରୁ ଛେଳି ଚୋରି ହୋଇଥିବାରୁ ସେ ଛେଳି ଚୋରି କରିବାକୁ ଆସିଥିବା ସନ୍ଦେହ କରି ତାଙ୍କୁ କାବୁ କରିଥିଲେ। ଦେବଶ୍ରୀ, ତାଙ୍କ ସ୍ତ୍ରୀ ବୀଣାପାଣି, ପଦ୍ମିନୀ ଓ ଅନ୍ୟଜଣେ ମିଶି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସୁବିଧାବାଦର ସିଦ୍ଧାନ୍ତ





**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-38: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା16.06.2025ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0143/2526




**୮.୫ ଲକ୍ଷ+** ସରକାରୀ ଚାକିରି

**୩.୭୫ ଲକ୍ଷ+** ଚୁକ୍ତିଭିତ୍ତିକ ଚାକିରି

**୨ କୋଟି+** ବେସରକାରୀ କ୍ଷେତ୍ର/ ଏମ୍ଏସ୍ଏମ୍ଇରେ କର୍ମନିଯୁକ୍ତି

MISSION ROZGAR

# ନିଯୁକ୍ତି ପତ୍ର ବଣ୍ଟନ

ଉତ୍ତରପ୍ରଦେଶ ପୋଲିସ ନିଯୁକ୍ତି ଓ ପ୍ରସାର ବୋର୍ଡ ଦ୍ୱାରା ସଞ୍ଚାଳିତ ନିରପେକ୍ଷ ଏବଂ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଜରିଆରେ ମନୋନୀତ ହୋଇଥିବା

# ୬୦,୨୪୪


## ସିଭିଲ ପୋଲିସ କନ୍‌ଷ୍ଟେବଲ

ଙ୍କୁ

# ଅମିତ ଶାହା

**ସ୍ୱରାଷ୍ଟ୍ର ବ୍ୟାପାର ଏବଂ ସମନ୍ୱୟ ମନ୍ତ୍ରୀ**
**ଭାରତ ସରକାର**

— ଙ୍କ ଦ୍ୱାରା —



**ଗରିମାମୟ ଉପସ୍ଥିତି**

# ଯୋଗୀ ଆଦିତ୍ୟନାଥ

**ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ**



**କେଶବ ପ୍ରସାଦ ମୌର୍ଯ୍ୟ**
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

**ବ୍ରଜେଶ ପାଠକ**
ଉପ ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

**ତଥା ଅନ୍ୟ ମାନ୍ୟଗଣ୍ୟ ଅତିଥିବୃନ୍ଦ**

**ତାରିଖ: ୧୫ ଜୁନ୍, ୨୦୨୫ । ସମୟ: ଅପରାହ୍ନ ୧୨.୩୦ ଘଟିକା**
**ସ୍ଥାନ: ଡିଫେନ୍ସ ଏକ୍ସପୋ ଗ୍ରାଉଣ୍ଡ, ସେକ୍ଟର-୧୮, ବୃନ୍ଦାବନ କଲୋନୀ, ଲକ୍ଷ୍ନୌ**

## ଅପରାଧମୁକ୍ତ ସମାଜ ଏବଂ ସୁଦୃଢ଼ ଆଇନ ଶୃଙ୍ଖଳା ପାଇଁ ପ୍ରତିବଦ୍ଧ ସରକାର

ରାଜ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସଫଳତାପୂର୍ବକ ଲାଗୁ

ଉତ୍ତରପ୍ରଦେଶ ରାଜ୍ୟ ଫରେନ୍‌ସିକ୍ ବିଜ୍ଞାନ ଅନୁଷ୍ଠାନ, ଲକ୍ଷ୍ନୌ ସ୍ଥାପିତ

ବର୍ଷ ୨୦୧୭ ପରେ ୮ଟି ନୂଆ ଫରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର ସ୍ଥାପିତ ହୋଇଛି, ୬ଟିର ନିର୍ମାଣ କାର୍ଯ୍ୟ ପ୍ରଗତି ପଥରେ

ବଦାୟୁଁ, ଲକ୍ଷ୍ନୌ ଏବଂ ଗୋରଖପୁରରେ ଯଥାକ୍ରମେ ବୀରାଙ୍ଗନା ଅବନ୍ତୀବାଈ, ବୀରାଙ୍ଗନା ଉଦା ଦେବୀ ଏବଂ ବୀରାଙ୍ଗନା ଝଲକାରୀ ବାଈ ମହିଳା ପିଏସି ବାଟାଲିୟନ୍‌ର ସ୍ଥାପନା

୧,୫୯୬ ମହିଳା ହେଲ୍ପ ଡେସ୍କର ସ୍ଥାପନା

ରାଜ୍ୟରେ ୪.୨୧ ଲକ୍ଷରୁ ଅଧିକ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି

ବିଗତ ୮ ବର୍ଷରେ ୨.୧୬ ଲକ୍ଷ ପୋଲିସକର୍ମୀଙ୍କୁ ନିଯୁକ୍ତି

୧୩୧ ନୂଆ ଜିଲ୍ଲା ଥାନା, ୮୨ ଦମକଳ କେନ୍ଦ୍ର, ୭୫ ସାଇବର ଅପରାଧ ଥାନା, ୧୦ ଭିଜିଲାନ୍ସ ଷ୍ଟେଶନ, ୬ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଥାନାକୁ ମଞ୍ଜୁରୀ

ମହତ୍ତ୍ୱପୂର୍ଣ୍ଣ ସଂସ୍ଥାପନାଗୁଡ଼ିକର ସୁରକ୍ଷା ପାଇଁ 'ଉତ୍ତରପ୍ରଦେଶ ସ୍ୱତନ୍ତ୍ର ସୁରକ୍ଷା ବଳ'ର ଗଠନ

# କାମ ଦମ୍‌ଦାର-ଡବଲ ଇଞ୍ଜିନ ସରକାର

**ସିଧା ପ୍ରସାରଣ** DD NEWS ଓ Youtube.com/DDNEWS Youtube.com/dduttarpradesh ଏବଂ UPGovtOfficial CMOUttarpradesh CMOfficeUP

ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଉତ୍ତରପ୍ରଦେଶ




# ‘ଜୁଲାଇ ୬ ସୁଦ୍ଧା ରତ୍ନଭଣ୍ଡାର କାମ ଶେଷ କର’

## ଏଏସ୍‌ଆଇକୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)

ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମହାନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢୀ ପତ୍ର ଲେଖିଛନ୍ତି। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି ଜୁନ୍ ୨୮ରୁ ଜୁଲାଇ ୬ ମଧ୍ୟରେ ବାକି ଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ କରିବା ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଡ. ପାଢୀ ଏଏସ୍‌ଆଇକୁ ଅନୁରୋଧ କରିଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦବୀର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି।

ଅରୁଣସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳ ଏବଂ ଅଦ୍ୟାବଧି ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାର୍ଯ୍ୟ ପାଇଁ ଏଏସ୍‌ଆଇକୁ ଧନ୍ୟବାଦ ଜ୍ଞାପନ କରିବା ସହ ମୁଖ୍ୟ ପ୍ରଶାସକ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ କରିଛନ୍ତି। ଯଥା-ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ଶ୍ରୀମନ୍ଦିର ଉତ୍ତରଦ୍ୱାରଠାରେ ର୍‍ୟାମ୍ପ ନିର୍ମାଣ ଏଏସ୍‌ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍‌ଆଇ ନିର୍ଦ୍ଦେଶକ (ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୂଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଓ ବେଢାରେ ଥିବା ପାର୍ଶ୍ୱମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍‌ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଦର୍ଶାଯାଇଛି। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍‌ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସହ ସମସ୍ତ କାର୍ଯ୍ୟ ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ଡ. ପାଢୀ ସୂଚନା ଦେଇ କହିଛନ୍ତି ଯେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଏସ୍‌ଆଇକୁ ଯେଉଁ ପତ୍ର ଲେଖାଯାଇଛି, ସେଥିରେ ସ୍ପଷ୍ଟ ଭାବେ କୁହାଯାଇଛି କି ରଥଯାତ୍ରା ପରଦିନ ଅର୍ଥାତ ୨୮ ତାରିଖଠାରୁ ଜୁଲାଇ ୬ ପର୍ଯ୍ୟନ୍ତ ସମୟ ମିଳୁଛି। ତେଣୁ ଏହି କମ୍ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ସମସ୍ତ ଜିନିଷ ଓ କାରିଗର ଆଗୁଆ ରଖିବା ସହ କାର୍ଯ୍ୟ କରିବେ। ମୁଖ୍ୟତଃ ଭିତର ରତ୍ନଭଣ୍ଡାର କାର୍ଯ୍ୟ ଶେଷ ହୋଇଛି, ଖାଲି ଚଟାଣ ପଡ଼ିବ। ବାହାର ରତ୍ନଭଣ୍ଡାର ଯାହା କାର୍ଯ୍ୟ ବାକି ଅଛି, ତୁରନ୍ତ ମରାମତି ଓ ସଂରକ୍ଷଣ କରିବାକୁ କୁହାଯାଇଛି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ସହ ପାର୍ଶ୍ୱଦେବଦେବୀ ମନ୍ଦିରର ଆଲୋକୀକରଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ବର୍ତ୍ତମାନ ଯେଉଁ ଫ୍ଲଡ୍‌ଲାଇଟ ସାହାଯ୍ୟରେ ଆଲୋକୀକରଣ କରାଯାଉଛି, ତାହାର ଆହୁରି ଅଧିକ ଉନ୍ନତୀକରଣ କରାଯିବ। ଫଳରେ ବହୁ ଦୂରରୁ ଶ୍ରୀମନ୍ଦିର ଅଧିକ ଆକର୍ଷଣୀୟ ଓ ସୁନ୍ଦର ଦେଖାଯିବ। ତେଣୁ କାର୍ଯ୍ୟ କରିବାକୁ କୁହାଯାଇଛି। ସେହିପରି ନାଟମଣ୍ଡପରେ ଏସି ବ୍ୟବସ୍ଥା ନେଇ ଯେଉଁ କାର୍ଯ୍ୟ କରାଯିବ, ସେ ନେଇ ତାଙ୍କଠାରୁ ଅନୁମତି ପାଇଁ କୁହାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।




# ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଏଏସ୍‌ଆଇ ମୃତ




ସତ୍ୟବାନ କୁମାର ସିଂ

ବଣାଇଁ, ୧୪।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ-ଲଙ୍ଗଳକଟା ନିକଟ ସିଲିଙ୍ଗୁଟା ସଂରକ୍ଷିତ ଜଙ୍ଗଲରେ ଶନିବାର ସକାଳେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ସିଆର୍‌ପିଏଫ୍ ଏଏସ୍‌ଆଇଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସତ୍ୟବାନ କୁମାର ସିଂ। ତାଙ୍କ ଘର ଉତ୍ତରପ୍ରଦେଶରେ। ସେ ସିଆର୍‌ପିଏଫ୍ ୧୩୪ ନମ୍ବର ବାଟାଲିୟନରେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଭାବେ ଝାଡ଼ଖଣ୍ଡରେ ମୁତୟନ ଥିଲେ। ତାଙ୍କ ମୃତ୍ୟୁ ପରେ କୋମ୍ବିଂ ଅପରେଶନ ସ୍ଥଗିତ ରଖି ନୂଆ ରଣନୀତି ପ୍ରସ୍ତୁତ କରୁଛି ପୋଲିସ। ଏଏସ୍‌ଆଇଙ୍କ ମୃତଦେହ ଏୟାର ଲିଫ୍ଟରେ ରାଞ୍ଚି ମୁଖ୍ୟାଳୟ ନିଆଯାଇ ଗାର୍ଡ ଅଫ୍ ଅନର ଦିଆଯିବା ପରେ ପୈତୃକ ଘର ଉତ୍ତରପ୍ରଦେଶକୁ ନିଆଯାଇଥିବା ସୂଚନା ମିଳିଛି।

ଗତ ୧୨ ତାରିଖରୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସଂଲଗ୍ନ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲିଛି। ଶୁକ୍ରବାର ରାତିରେ ସିଆର୍‌ପିଏଫ୍ ଓ ପୋଲିସ ଅପରେଶନ କରୁଥିଲେ। ଶନିବାର ସକାଳେ ପୁଣି ଅପରେଶନ ଆରମ୍ଭ ହୋଇଥିଲା। ବାଙ୍କୋ-ଲଙ୍ଗଳକଟା ପରେ ଥିବା ସିଲିଙ୍ଗୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ବିଛାଇଥିବା ଲ୍ୟାଣ୍ଡମାଇନ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ଏଏସ୍‌ଆଇ ସିଂ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ହସ୍ପିଟାଲ ପରିସରରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପହଞ୍ଚି ଘଟଣାର ଅନୁସନ୍ଧାନ କରିଥିଲେ।

ସୂଚନାଯୋଗ୍ୟ, ମାଓବାଦୀ ସୁପ୍ତ ହୋଇଯାଇଥିବା ପ୍ରଚାରକୁ ଚ୍ୟାଲେଞ୍ଜ କରି ଗତ ୨୭ ତାରିଖରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ସ୍ପଷ୍ଟ ଦିବାଲୋକରେ ସେମାନେ ୫ ଟନ୍ ବିସ୍ଫୋରକ ଲୁଟି ନେଇଥିଲେ। ପରେ ଓଡ଼ିଶା ଓ ଝାଡଖଣ୍ଡ ପୋଲିସ ମିଳିତ ଅପରେଶନ କରୁଥିଲା। ସାଢ଼େ ୩ ଟନ୍ ବିସ୍ଫୋରକ ଜବତ ହୋଇଥିଲା। ହେଲେ ଏହାର ୩ ଦିନ ପରେ ମେ ୩୦ରେ କୋବ୍ରା ବାଟାଲିୟନର ଯବାନ ସୁନୀଲ କୁମାର ସରଣ୍ଡା ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଆହତ ହୋଇଥିଲେ। ୩୧ ତାରିଖରେ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ସାହୁ ବାର୍ଜୋ ଗୁରୁତର ଆହତ ହୋଇଥିଲେ। ଶନିବାର ଜଣେ ସିଆର୍‌ପିଏଫ ଏଏସଆଇ ଶହୀଦ ହୋଇଛନ୍ତି। କିଛିବର୍ଷ ମାଓବାଦୀଙ୍କ ନୀରବତାକୁ ସେମାନଙ୍କ ଅନ୍ତଭାବି ଏଠାରୁ ସିଆର୍‌ପିଏଫ କ୍ୟାମ୍ପ ଉଠାଇ ଦିଆଯାଇଥିଲା। କିନ୍ତୁ ଏବେ ମାଓବାଦୀ ପୁଣି ସକ୍ରିୟ ହୋଇଉଠିଛନ୍ତି।

# ତ୍ରିରଙ୍ଗା ଯାତ୍ରା ପରେ ରୋଡ୍ ଶୋ’ କରିବେ ମୋଦି

## ୫୦ ହଜାର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ବଣ୍ଟାଯିବ

ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ଭୁବନେଶ୍ୱରରେ ଏକ ରୋଡ୍ ଶୋ’ କରିବା କାର୍ଯ୍ୟକ୍ରମ ରହିଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ଜୁନ୍ ୨୦ ଅପରାହ୍ନ ୩ ଟାରେ ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏହାପରେ ସେ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ପରେ ରୋଡ୍ ଶୋ କରିବେ। ଭୁବନେଶ୍ୱରରେ ରୋଡ୍ ଶୋ ପରେ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଦେଶ ବାଣ୍ଟିବେ। ଏହାସହ ଅନେକ ନୂଆ ଯୋଜନାର ଘୋଷଣା କରିବେ। ମହାପୁରୁଷ ଆଦର୍ଶ ଗାଁ ଯୋଜନା ମଧ୍ୟ ଘୋଷଣା ହୋଇପାରେ ବୋଲି ମନ୍ତ୍ରୀ ନାଏକ ସୂଚନା ଦେଇଛନ୍ତି।

ରାଜ୍ୟରେ ଭାଜପା ସରକାରର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୋଦି ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସଫଳ ହେବା ସଙ୍ଗେ ସଙ୍ଗେ ମୋଦିଙ୍କ ଗସ୍ତର ସଫଳ ପ୍ରଭାବ କିପରି ରହିବ ତାକୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅପରେଶନ ସିନ୍ଦୂରର ସଫଳତା ପରେ ବିମାବନ୍ଦରଠାରୁ ପ୍ରଥମେ ତ୍ରିରଙ୍ଗାଯାତ୍ରା ହେବ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାମକୃଷ୍ଣ ପତିଙ୍କ ୩୯ତମ ରାଜ୍ୟସ୍ତରୀୟ ସ୍ମୃତି ବାର୍ଷିକୀ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: ୪୨ ମୌଜା କଳପଡ଼ା, ସମୟ: ସକାଳ ୯ଟା।
- କିଶୋର ନଗରରେ ରଜ ମହୋତ୍ସବର ୩ୟ ଦିବସ, ସ୍ଥାନ: କିଶୋର ନଗର ହାଟ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ସୁର ମନ୍ଦିର ପକ୍ଷରୁ ୨୭ତମ ରଜ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ସତ୍ୟବାଦୀ କଳା ସଂସଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଶ୍ରୀ କ୍ରେଶର ଦେବଙ୍କ ମେଳଣ ପଡ଼ିଆ, ବଳଙ୍ଗା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ବିକାଶ ମେଳାର ଚତୁର୍ଥ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବନ୍ଧୁମିଳନ ଓ ଗୁରୁପୂଜନ, ସ୍ଥାନ: ନାୟକାଣିଡିହୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଭାବଗ୍ରାହୀ ପାଠାଗାର ପରିସର, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ରଜ ମହୋତ୍ସବ, ସ୍ଥାନ: ଟିକିରା, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ନିମାପଡ଼ା କପାଳୀକ୍ଷେତ୍ର, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ପୌରାଣିକ ପୀଠ ସୀତାବିଞ୍ଜିଠାରେ ମେଳା ଆରମ୍ଭ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଟିକିରା ତଳ ସାହିରେ ରଜ ମହୋତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ବିକାଶ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ଛଉ ନୃତ୍ୟ ଶିବିରର ଉଦଯାପନୀ ଉତ୍ସବ, ସ୍ଥାନ: ଶହିଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଡିଆରକେ କ୍ଳବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ସକାଳ ୧୦ଟା।
- ପଞ୍ଚମ ବେଦ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୧୦ଟା ଓ ସନ୍ଧ୍ୟା ୬ଟା।
- ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା, ସ୍ଥାନ: ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ଅନ୍ୱେଷା କଳାକେନ୍ଦ୍ରର ରଜ ଉତ୍ସବ, ସ୍ଥାନ: ମୋତି ହୋଟେଲ, ସମୟ: ସନ୍ଧ୍ୟା ୬ଟା।
- 'ଅଳ୍ପରେ ପ୍ରେମ' ପକ୍ଷରୁ ରଜ ମଉଜ, ସ୍ଥାନ: ଅଭିନନ୍ଦନ କଲ୍ୟାଣ ମଣ୍ଡପ, ଉତ୍କଳ ଆଶ୍ରମ ରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ଗୋସେବା କାର୍ଯ୍ୟକ୍ରମ, ସ୍ଥାନ: ନିଳିକଣା, ଡେରାବିଶ, ସମୟ: ସକାଳ ୭ଟା।
- ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ:ବରୁଣେଶ୍ୱର ମନ୍ଦିର ପରିସର, କେରଡାଗଡ଼, ରାଜନଗର, ସମୟ: ସକାଳ ୭ଟା।
- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡା, ସମୟ: ସକାଳ ୭ଟା।
- ମୁର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: ବଗଡା, କେନ୍ଦ୍ରାପଡା ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା, ସ୍ଥାନ: ମାଉସୀ ମାଆ ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ନାମ ଯଜ୍ଞ, ସ୍ଥାନ: ମାଆ ସାହାଡା ସୁନ୍ଦରୀ ମନ୍ଦିର, ମେଣ୍ଟପୁର, ଆଳି, ସମୟ: ଅପରାହ୍ନ ୫ଟା।
- ମାଆ ବୁଢ଼ୀ ମଙ୍ଗଳା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଗଳିଦାଣ୍ଡ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମାଆ ପାଟକୁମାରୀ କଳାବିକାଶ ଯୁବ ସଂଗଠନ ପକ୍ଷରୁ ନାଟକ ପ୍ରଦର୍ଶନ, ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ମା' ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।
- ୭୦ତମ ସର୍ବଭାରତୀୟ ମହିଳାପୁରୁଷ କବାଡ଼ି ଚାମ୍ପିୟନଶିପର ତୃତୀୟ ଦିବସ, ସ୍ଥାନ: ରସୁଲପୁର ବ୍ଲକ୍‌ର ଖଣ୍ଡିତର କବାଡ଼ି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୟାଗଡ଼
- ରଜ ମହୋସବ କମିଟି ଓ ନୟାଗଡ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ: ନୟାଗଡ଼ ସହର ରାଜବଗିଚା , ସମୟ: ସକାଳ ୯ଟା।
- ରଜ ମଉଜ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ ପୁରୁଣା ସହର ମା ଦକ୍ଷୀଣକାଳୀଙ୍କ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ରଜ ମହୋତ୍ସବର ୨ୟ ଦିବସ, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ତନ୍ତିସାହି, ସମୟ: ଅପରାହ୍ନ ୩ଟା୩୦।
- ରଜ ମହୋତ୍ସବର ୨ୟ ଦିସବ, ସ୍ଥାନ:ଖଣ୍ଡପଡା ଉମାଦେବୀ ପୀଠ, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୟାଗଡ ବ୍ଲକ କଳାହାଣ୍ଡି ମୌଜାର ମା' ବୀରଚଣ୍ଡି ଠାକୁରାଣୀ ପୀଠ, ସମୟ:ଅପରାହ୍ନ ୪ଟା।
- ବେଣାଗାଡିଆ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ ଉପ୍ରା ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ଜିସିଡ଼ି ଖେଳ ପଡ଼ିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା। ମେହେନ୍ଦି, ଝୋଟି ପ୍ରତିଯୋଗିତା, ସ୍ଥାନ: ମହିଳା ସଂସ୍କୃତି ଅନୁଷ୍ଠାନ, ରାୟଗଡା, ସମୟ: ଅପରାହ୍ନ ୪ଟା।ହ୍

## ନବରଙ୍ଗପୁର
- ରଜ ଉତ୍ସବ, ସ୍ଥାନ: ଉମରକୋଟ ବ୍ଲକ ଦର୍ଗାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମଣ୍ଡଳ ପ୍ରସ୍ତୁତି ବୈଠକ,ସ୍ଥାନ: ଜୋନ-୧ ସାଇ କଲ୍ୟାଣୀ ମଣ୍ଡପ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ମାଲକାନଗିରି
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀଙ୍କ ମାଲକାନଗିରି ଗସ୍ତ, ସମୀକ୍ଷା ବୈଠକ ଓ ସାମ୍ବାଦିକ ସମ୍ମିଳନୀ
- ସ୍ଥାନ:ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା ।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ନାଟ୍ୟ ମହାର୍ଷି ଭଗବାନ ସାହୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ଡେରା, ସମୟ : ସକାଳ ୭ଟା୩୦ ।
- ଜବାହାର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ବାର୍ଷିକ ଉତ୍ସବ, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ: ଗୁଲୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୫ଟା୩୦ ।
- ରଜ ମଉଜ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପାଣ୍ଠ ନିବାସ, ସମୟ: ଅପରାହ୍ନ ୫ଟା୩୦ ।

## ରାଉରକେଲା
- ସାଥୀ ସଙ୍ଗଠନ ପକ୍ଷରୁ ସଚେତନତା ରାଲି, ସ୍ଥାନ: ୭/୧୭ ଛକ, ସମୟ: ସକାଳ ୭ଟା ୩୦ ।
- ରଜ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଫିଟ୍‌ନେସ ପାର୍କ, ସେକ୍ଟର-୧୯, ସମୟ: ସକାଳ ୭ଟା ।
- ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ଗୋପବନ୍ଧୁପାଲ୍ଲୀ, ସମୟ: ସକାଳ ୮ଟା ।
- ପରିଚୟ ପକ୍ଷରୁ ରଜ ନୃତ୍ୟୋତ୍ସବ, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ବିକାଶ ବାହନ ଉଦ୍‌ଘାଟନ, ସ୍ଥାନ: ଛେଣ୍ଡ କଲୋନି, ଫେଜ୍-୧ ଏନ୍‌ଏସି ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ସାଗରିକା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ସେକ୍ଟର-୧୫ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ମା' ବାଟମଙ୍ଗଳା ମହିଳା ସମିତି ପକ୍ଷରୁ ରଜପର୍ବ ପାଳନ ସମାରୋହ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୫ଟା ।
- ଶ୍ରୀଧର ଜ୍ଞାନସ୍ମୃତି କେନ୍ଦ୍ରରେ ସାହିତ୍ୟ ଆସର, ସ୍ଥାନ: ଜେଲ୍ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦
- ରୋଟାରୀ କ୍ଲବ ଅଫ ରାଉରକେଲା ଅର୍ବାନ ପକ୍ଷରୁ ରଜ ସଂକ୍ରାନ୍ତି, ସ୍ଥାନ: ରାଉରକେଲା କ୍ଲବ, ସେକ୍ଟର-୧୯, ସମୟ: ସନ୍ଧ୍ୟା ୭ଟା ୩୦ ।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ସକାଳ ୭ଟା।,
- ପଦ୍ମପୁର ପ୍ରତିଭା ସମ୍ମାନ, ସ୍ଥାନ: ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼,ସମୟ:ସକାଳ ୯ଟା।
- ବିଶ୍ୱ ବରିଷ୍ଠ ହତାଦର ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ବିରିକୋଟ ଓ ଗୋପାଳପୁର ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ବିକାଶ ମେଳାର ଚତୁର୍ଥ ଦିବସ, କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ସକାଳ ୮ଟା।
- ବିକାଶ ବାହନ ଯାତ୍ରା ପରିକ୍ରମା ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସହଲା, ତମାମୁରା ଓ କପାସିରା ଗ୍ରାମ ପଞ୍ଚାୟତ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳାର ଚତୁର୍ଥ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ବିକାଶ ମେଳା ଚତୁର୍ଥ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମଦର ଟେରେସା ସେବାକେନ୍ଦ୍ର ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ସକାଳ ୮ଟା।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଗଁରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଧାରରେ ଅର୍ଥ, ବସ୍ତ୍ରଭୂଷଣ, ଉଚ୍ଚ ସମ୍ମାନ ଏବଂ ବନ୍ଧୁଙ୍କ ଆତିଥ୍ୟଯୋଗ ରହିଛି। ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ମଧ୍ୟରେ ନୂତନ ଯୋଜନା ପ୍ରଣୟନ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ଶିଥିଳତା ଦେଖାଦେବା କାରଣରୁ ଚିନ୍ତିତ ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ବୁଝାମଣାର ଅଭାବ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ।

**ବୃଷ** କଠୋର ସତ୍ୟ ପ୍ରକାଶ ବନ୍ଧୁ ସମ୍ପର୍କକୁ ତିକ୍ତ କରିଦେଇପାରେ। ଆଲୋଚନା ପରିସରରେ ଆପଣ ସଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯିବାର ସୂଚନା ରହିଛି। କିନ୍ତୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ପରୋକ୍ଷ ଶତ୍ରୁତା କାରଣରୁ ଆପଣଙ୍କ ନିର୍ଦ୍ଦିଷ୍ଟ ସ୍ଥାନରୁ ଅର୍ଥପ୍ରାପ୍ତିର ଆଶା ମଉଳି ଯାଇପାରେ। ପ୍ରତିବନ୍ଧକ ଲାଗି ରହିବାରୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧା ଭୋଗିବେ। ପରିବାରରେ ମନର ଭାବ ପ୍ରକାଶ କରିବାରେ ପଛେଇଯିବେ। ମକଦ୍ଦମା କ୍ଷେତ୍ରରେ ସମସ୍ୟା ସମାଧାନର କ୍ଷୀଣ ଆଶା ରହିଛି।

**କର୍କଟ** ଅର୍ଥନୈତିକ ଅଭିବୃଦ୍ଧି ଘଟିବା ସହ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ ହୋଇପାରେ। ଯାହା ବହୁତ ଦିନ ହେଲା ମନେମନେ ଭାବୁଥିଲେ ଆଜି ତାହା ବାସ୍ତବରେ ପରିଣତ ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ରହିଆସୁଥିବା ବିବାଦର ଅନ୍ତ ଘଟିବାର ସୂଚନା ରହିଛି। ସରକାରୀ ସ୍ତରରୁ କିମ୍ବା ଆଇନର ସହାୟତାରୁ ଉପକୃତ ହେବେ।

**ସିଂହ** ପଦସ୍ଥ ବ୍ୟକ୍ତିଙ୍କ ସହାୟତାରୁ ପଦୋନ୍ନତିର ସୁଯୋଗ ପାଇବେ। ଏକ ଆନନ୍ଦଦାୟକ ପରିବେଶରେ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ ଅସ୍ଥିରତା ଦୂରୀଭୂତ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟ ଦୂରେଇଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ସାଙ୍ଗକୁ ପଡ଼ୋଶୀଙ୍କ ସୌହାର୍ଦ୍ଦ୍ୟ ମଧ୍ୟ ଲାଭ କରିବେ।

**କନ୍ୟା** ଆଜି ଅର୍ଥଲାଭ, ବସ୍ତ୍ରାଳଙ୍କାର ପ୍ରାପ୍ତି ଓ ବନ୍ଧୁଗହଣରେ ମିଷ୍ଟାନ୍ନ ଭୋଜନ ଯୋଗ ରହିଛି। ପାରିବାରିକ ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତା ପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜା ସକାଶେ ଯତ୍ନବାନ୍ ହେବେ। ମୂଲ୍ୟବାନ୍ ଜିନିଷ କ୍ରୟକରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଆବଶ୍ୟକ ହୋଇପାରେ।

**ତୁଳା** ଯାତ୍ରାକାଳରେ ଅନ୍ୟମନସ୍କ ଜନିତ ସମସ୍ୟା ଉପୁଜିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରୁ କିମ୍ବା ଉଚ୍ଚସ୍ତରରୁ ସମ୍ମାନିତ ହୋଇପାରନ୍ତି। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ, କିନ୍ତୁ ବାଣିଜ୍ୟ ପାଇଁ ଦିନଟି ମନ୍ଦ ନୁହେଁ। ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ, ଆଇନ ଅଦାଲତରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ।

**ବିଛା** ଅନୁକୂଳ ଗ୍ରହଯୋଗ ପ୍ରଭାବରୁ ଅର୍ଥ, ସମ୍ମାନ, ବନ୍ଧୁପ୍ରୀତି ମାଧ୍ୟମରେ ଆନନ୍ଦ ପ୍ରାପ୍ତି ଘଟିବ। ସମସ୍ୟା ଆସିଲେ ମଧ୍ୟ ତାହାର ସମାଧାନର ଉପାୟ ବାହାର କରିନେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଚେଷ୍ଟା କରୁଥିବା କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ଯୋଗୁ ଆଶ୍ୱସ୍ତ ହେବେ। ଅନ୍ୟମାନଙ୍କ ଉପରେ ଅଭିମାନ କରି ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ହେତୁ ଅନୁତାପ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ର, ସଙ୍ଗଠନ, ପ୍ରଶାସନ ଓ ପଡ଼ୋଶୀଙ୍କ ଆଦରରୁ ଖୁସି ରହିବେ। ବନ୍ଧୁମାନଙ୍କ ସହ ପରିବାର ଭିତରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ମକର** ବିଜାତୀୟ ବ୍ୟକ୍ତିଙ୍କ ମାଧ୍ୟମରେ ଆର୍ଥିକ, ସାଙ୍ଗଠନିକ ସହାୟତା ପ୍ରାପ୍ତି ହେବ। ଆଜି ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ସକାଶେ ଟେନସନ ବଢ଼ିଯିବ। ଆନୁଷ୍ଠାନିକ କାମ, ସାହିତ୍ୟ, ସଭାସମିତି, ଲେଖାପଢ଼ା ଓ ଚୁକ୍ତିପତ୍ରରୁ ଶୁଭଫଳ ପାଇବେ। ସନ୍ତାନହେତୁକ ଚିନ୍ତା ଟଳିବ।

**କୁମ୍ଭ** ବ୍ୟାଙ୍କ, ଲଟେରି, ସଞ୍ଚୟରୁ ଅର୍ଥପ୍ରାପ୍ତି ସୁଯୋଗ ମିଳିପାରେ। ଚିନ୍ତା ନ କରି କାମ କଲେ ସଫଳତା ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ରୋଗ, ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହେବାର ସମ୍ଭାବନା ରହିଛି। ଏଣୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହନ୍ତୁ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମୀନ** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବ୍ୟୟବହୁଳତା ଦୁଶ୍ଚିନ୍ତାର କାରଣ ହେବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ, ବନ୍ଧୁଙ୍କ ମଧ୍ୟରେ କିମ୍ବା ସାମାଜିକ ସ୍ତରରେ ବିବାଦ ବଢ଼ିପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ଯାତ୍ରା ଓ ବାଣିଜ୍ୟ ସକାଶେ ଦିନଟି ଭଲ ଏବଂ ବନ୍ଧୁ ମିଳନରୁ ଖୁସି ରହିପାରନ୍ତି। କର୍ମକ୍ଷେତ୍ରରେ ବିଜୟ ଲାଭର ସମ୍ଭାବନା ରହିଛି।

ଆଜି ରଜ ସଂକ୍ରାନ୍ତି, ଜୁନ୍ ୧୫ ତାରିଖ, ବିଶ୍ୱ ପିତୃ ଦିବସ (ଜୁନ୍ ତୃତୀୟ ରବିବାର), ଆଷାଢ଼ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ରବିବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୬ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୨୬ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୪ ଗତେ ଘ.୦୬।୨୨ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧର, ବାନ୍ଧ, ପକା, ଏ ତିନିହେଁ ଏକା।**

ପନ୍ଥା ଭିନ୍ନ କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିବା, ବାନ୍ଧିବା ଏବଂ ତଳେ ପକାଇ ମାଡ଼ିବସିବା ଏସବୁ ଏକ ପ୍ରକାରର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧରିଲା ମାଛ ସାନ ଯିବା ମାଛ ବଡ଼।**

ସାଧାରଣତଃ ହାତଛଡ଼ା ବା ହଜିବା ଜିନିଷ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଇଥାଏ। ଏହା ପରିବର୍ତ୍ତେ ଯେତେ ବଡ଼ ଜିନିଷ ହାତରେ ବା ପାଖରେ ଥିଲେ ମଧ୍ୟ ତାହା କେବେହେଲେ ମନକୁ ଆତ୍ମସନ୍ତୋଷ ଦେଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗ ଚିତ୍ର।

# ଏବର୍ଷ ଚାଷ ପାଇଁ ପାଗ ଅନୁକୂଳ ରହିବ

ଭୁବନେଶ୍ୱର,୧୪।୬ (ଅନୁରାଧା ମହାରଣା)

ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେବଳ ଦକ୍ଷିଣ ଓଡ଼ିଶାରେ ସକ୍ରିୟ ରହିଛି। ସେସବୁ ଅଞ୍ଚଳରେ ବର୍ଷା ହେଉଥିବାବେଳେ ରାଜ୍ୟର ଅନ୍ୟ ଅଞ୍ଚଳରେ ଗରମ ଓ ଗୁଳୁଗୁଳି ହେଉଛି। ତେବେ ଆସନ୍ତା ଦୁଇରୁ ତିନିଦିନ ମଧ୍ୟରେ ମୌସୁମୀ ଆହୁରି ସକ୍ରିୟ ହୋଇ ବର୍ଷା କରାଇବ। ମୌସୁମୀ ଋତୁରେ ଯେତିକି ବର୍ଷା ହୁଏ, ଚଳିତବର୍ଷ ଓଡିଶାରେ ସେତିକି କିମ୍ବା ତା'ଠୁ ଅଧିକ ବର୍ଷା ହେବ। ଯାହା ଫଳରେ ଚାଷ ପାଇଁ ଅନୁକୂଳ ହେବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି।

### ୨ଦିନରେ ମୌସୁମୀ ସକ୍ରିୟ ହେବ, ୭ଦିନ ବର୍ଷିବ

ଏନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ପହିଲି ରଜରେ ୩୦ ଜିଲାରେ ଝଡ଼ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଥିଲା। କିଛି ସ୍ଥାନରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡି ସହ ଝଟ୍‌କା ପବନ ହୋଇଥିବା ସୂଚନା ମିଳିଛି। ତେବେ ରଜର ଆଉ ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଅନ୍ୟପଟେ ବଙ୍ଗୋପସାଗରରେ ମୌସୁମୀ ବାୟୁ ସକ୍ରିୟ ହେଉଥିବାରୁ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ହେବ। ସମୁଦ୍ର ମଧ୍ୟରୁ ଜଳୀୟବାଷ୍ପ ପ୍ରବେଶ କରୁଥିବାରୁ ମୌସୁମୀ ସକ୍ରିୟ ହେବାକୁ ସକ୍ଷମ ହେଉଛି। ଆଗାମୀ ଦୁଇଦିନ ମଧ୍ୟରେ ବିଦର୍ଭ, ଛତିଶଗଡ ଏବଂ ଓଡିଶା ର ଆହୁରି କିଛି ଅଞ୍ଚଳକୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଥିବାବେଳେ ଗୁଜରାଟ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ବିହାରକୁ ପରବର୍ତ୍ତୀ ୩ଦିନ ମଧ୍ୟରେ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଏହା ସହିତ ପଶ୍ଚିମ କେନ୍ଦ୍ରୀୟ ଆରବ ସାଗରରୁ ଦକ୍ଷିଣ ଓଡ଼ିଶା ଉପକୂଳ ଯାଏ ଏକ ଟ୍ରପ ଲାଇନ ଲମ୍ବିଛି, ଯାହାକି ବର୍ଷା କରାଇବାରେ ସହାୟକ ହେବ। ଏହା ପ୍ରଭାବରେ ଆଗାମୀ ୭ ଦିନ ଯାଏ ରାଜ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ପ୍ରଥମ ପୃଷ୍ଠାରୁ...

### ଯାଜପୁର: ୧୧ ନମୁନାରେ ...

ଦିଆଯାଇଛି। ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ବୃନ୍ଦା ଡି. ଏବଂ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ବିଜୟ କୁମାର ମହାପାତ୍ର ଯାଜପୁର ଜିଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ଏହି ଅବସରରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା କହିଛନ୍ତି, ଝାଡାବାନ୍ତି ସଂକ୍ରମିତଙ୍କ ତାଲିକା କରାଯିବ ଏବଂ ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ। ଆର୍‌ବିଏସ୍‌କେ ମୋବାଇଲ ହେଲଥ୍ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ ଓ ଯେଉଁ ଗ୍ରାମରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବେ ସେଇ ଗ୍ରାମକୁ ଆଗ ପରିଦର୍ଶନ କରାଯିବ। ଅପହଞ୍ଚ ଗ୍ରାମଗୁଡ଼ିକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ପାଣି ପାଉଚ୍ ଏବଂ ବୋତଲ ମାନୁଫାକ୍ଚର ଉପରେ ତଦାରଖ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

### ଏନ୍‌ଇଇଟି-ୟୁଜି: ...

୬୦୬ ଜଣ ଓସିଆଇ କାର୍ଡଧାରୀ ପରୀକ୍ଷାରେ ସଫଳ ହୋଇଛନ୍ତି। ମହାରାଷ୍ଟ୍ରର କ୍ରିଶଙ୍ଗ ଜୋଷୀ ଏବଂ ଦିଲ୍ଲୀର ମୃଣାଳ କିଶୋର ଝା ଯଥାକ୍ରମେ ତୃତୀୟ ଓ ଚତୁର୍ଥ ର୍ୟାଙ୍କ୍‌ରେ ରହିଛନ୍ତି। ସେହିପରି ମହିଳାମାନଙ୍କ ମଧ୍ୟରେ ଦିଲ୍ଲୀର ଅଭିକା ଅଗ୍ରୱାଲ ଟପ୍ପର ହୋଇଥିବାବେଳେ ସେ ସର୍ବଭାରତୀୟ ସ୍ତରରେ ୫ମ ସ୍ଥାନରେ ରହିଛନ୍ତି। ଉତ୍ତରପ୍ରଦେଶର ସର୍ବାଧିକ ୧.୭୦ ଲକ୍ଷରୁ ଅଧିକ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଏହା ପଛକୁ ମହାରାଷ୍ଟ୍ରରୁ ୧.୨୫ ଲକ୍ଷରୁ ଅଧିକ ଏବଂ ରାଜସ୍ଥାନରୁ ୧.୧୯ ଲକ୍ଷରୁ ଅଧିକ ପ୍ରାର୍ଥୀ ରହିଛନ୍ତି। ମୋଟ ୭୨୦ ମାର୍କରୁ ୭୩ ଜଣ ପରୀକ୍ଷାର୍ଥୀ ୬୫୧ରୁ ୬୮୬ ମଧ୍ୟରେ ରଖିଥିବାବେଳେ ୧,୨୫୯ ଜଣ ୬୦୧ରୁ ୬୫୦ ମଧ୍ୟରେ ମାର୍କ ହାସଲ କରିଛନ୍ତି।

### ସ୍ନେହାଶିଷ ଓଡ଼ିଶା ...

୫୯,୨୩୮ଜଣ ପରୀକ୍ଷା ଦେଇଥିବାବେଳେ ୩୧,୬୭୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏସ୍‌ସି ବର୍ଗରେ ପବିତ୍ର ସେଠୀ ୯୯.୯୯୧ ପର୍ସେଣ୍ଟାଇଲ୍ ସହ ୧୮୦ ନିଟ୍ ର୍ୟାଙ୍କ ହାସଲ କରିଛନ୍ତି। ପିଡବ୍ଲ୍ୟୁବିଡି (ମହିଳା) ବର୍ଗରେ ବୈଶାଳୀ ମହାରଣା ୯୯.୦୫୯ ପର୍ସେଣ୍ଟାଇଲ୍ ସହ ୨୦,୪୯୬ ର୍ୟାଙ୍କ ଓ ସାଇମା ମିର୍ଜା ୯୮.୪୫୬ ପର୍ସେଣ୍ଟାଇଲ ସହ ୩୩୩୮୯ ନିଟ୍ ର୍ୟାଙ୍କ ପାଇଛନ୍ତି। ସେହିପରି ପିଡବ୍ଲ୍ୟୁବିଡି(ପୁରୁଷ) ବର୍ଗରେ ଦୁର୍ବଦଳ ମେହେର ୯୯.୬୭୨ ପର୍ସେଣ୍ଟାଇଲ୍ ସହ ୭୦୦୭ ନିଟ୍ ର୍ୟାଙ୍କ ପାଇଛନ୍ତି।

### ଛେଳିକୁ ନେଇ ...

ମାଡ଼ରେ ବିପିନଙ୍କ ମୃତ୍ୟୁ ଘଟିଥିଲା। ପରେ ମୃତଦେହକୁ ଶଙ୍ଖୁଆ ଗୋରାଣ୍ଡି ଯୋଡ଼ି ରାସ୍ତାର ଶଙ୍ଖୁଆ ହାଇସ୍କୁଲ ନିକଟରେ ପକାଇଦେଇଥିଲେ। ଶନିବାର ସକାଳେ ରାସ୍ତାକଡ଼ରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିପିନଙ୍କ ବାପା ପରମାନନ୍ଦ ନାଏକଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୧୨୨/୨୫) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ମହାକୁଡ଼ କହିଛନ୍ତି।

# ସାମୁଦ୍ରିକ କଟକଣା ହଟିଲା

- ଡଙ୍ଗା ମଙ୍ଗ ପୂଜାର୍ଚ୍ଚନା ପରେ ମତ୍ସ୍ୟଜୀବୀଙ୍କ ସଜବାଜ
- ସାଢ଼େ ୭ ମାସ ଥିଲା କଟକଣା
- କୋର ଜୋନ୍‌ରେ ସୀମା ଚିହ୍ନଟ ପାଇଁ ଭାସମାନ ୧୪ ବଇଁଆ

ମହାକାଳପଡ଼ା,୧୪।୬ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଖରିନାସୀ ମତ୍ସ୍ୟ ଜେଟିଠାରେ ମତ୍ସ୍ୟଜୀବୀମାନେ ଜାଲ ଡ଼ଙ୍ଗା ପ୍ରସ୍ତୁତ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ସାଢ଼େ ୭ ମାସ ଅର୍ଥାତ୍ ୨୦୨୪ ନଭେମ୍ବର ପହିଲାରୁ ୨୦୨୫ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା ଜାରି କରାଯାଇଥିଲା। ରବିବାର ଏହି କଟକଣା ହଟିବ। ଏଥିପାଇଁ ଶନିବାର ସ୍ଥାନୀୟ ମତ୍ସ୍ୟଜୀବୀମାନେ ଡଙ୍ଗା ମଙ୍ଗ ପୂଜା କରିବା ପରେ ଜାଲ ଧରି ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି କହିଛନ୍ତି। ଏହି ବ୍ଲକ୍ ଅଧୀନ ବତୀଘର, ଖରିନାସୀ, ରାମନଗର, ପେଟଛେଲା, ଜମ୍ବୁ , ସୁନିତି , ତଣ୍ଡିଆପାଳ , ବଉଳ କଣି ଆଦି ପଞ୍ଚାୟତର ପ୍ରାୟ ୧୦ ହଜାର ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ସମୁଦ୍ର ଉପରେ ନିର୍ଭର କରନ୍ତି। ଗହୀରମଥାରେ ଅଲିଭରିଡ଼ଲେ କଇଁଛଙ୍କ ଅଣ୍ଡାଦାନ ଯୋଗୁ ଏହି କଟକଣା ଜାରି କରାଯାଇଥିଲା। ସେହି କଇଁଛମାନେ ଇତିମଧ୍ୟରେ ସେମାନଙ୍କ ମୂଳସ୍ଥାନକୁ ଫେରୁଛନ୍ତି। ଏଥିପାଇଁ ଗହୀରମଥାରେ ବର୍ଷ ସାରା ପ୍ରବେଶ କଟକଣା ଲାଗୁ କରାଯାଇଥିଲା। କୂଳଠାରୁ ୨୦ କିମି ଦୂର ସମୁଦ୍ର ପର୍ଯ୍ୟନ୍ତ କୋର୍ ଜୋନରେ ପ୍ରବେଶ କଟକଣା ରହିଛି। ୨୦ କିମି ପରେ ବଫର ଜୋନ ରହିଛି। ସେହିପରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମହାନଦୀ ମୁହାଣଠାରୁ ଧାମରା ମୁହାଣ ୧୪୩୫ ବର୍ଗମାଇଲ ବିସ୍ତାର ହୋଇଛି। ଏହି ନିଷିଦ୍ଧ ଅଞ୍ଚଳରେ ପ୍ରବେଶ ନ କରିବା ପାଇଁ ବନ ବିଭାଗ ପକ୍ଷରୁ ଅତ୍ୟାଧୁନିକ କାରିଗରି କୌଶଳରେ ୧୪ଟି ସୀମା ଚିହ୍ନଟ ଭାସମାନ ବଇଁଆ ସ୍ଥାପନ କରାଯାଇଛି। ଏହି ନିଷିଦ୍ଧ ଅଞ୍ଚଳରେ ବର୍ଷସାରା ପ୍ରବେଶ କଟକଣା କରାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ମୂଲ୍ୟବାନ ମାଛ ପଡୁଥିବାରୁ ଟ୍ରଲର ଓ ବୋଟ୍ ମାଲିକମାନଙ୍କ ଲୋଲୁପ ଦୃଷ୍ଟି ରହିଛି। ବନ ବିଭାଗ କର୍ମଚାରୀଙ୍କୁ ଚକମା ଦେଖାଇ ଟ୍ରଲର ମାଲିକମାନେ ବେଆଇନ ଭାବେ ସେହି ଅଞ୍ଚଳକୁ ପ୍ରବେଶ କରି ମୂଲ୍ୟବାନ ମାଛ ଧରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ କପିଳ ଚନ୍ଦ୍ର ପ୍ରଧାନ କହିଛନ୍ତି, କଟକଣା ହଟିବା ପରେ କୌଣସି ମତ୍ସ୍ୟଜୀବୀ ବେଆଇନ ଭାବେ ନିଷିଦ୍ଧାଞ୍ଚଳକୁ ପ୍ରବେଶ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପବନ ଶକ୍ତିର ଗୁରୁତ୍ୱ ଜାଣିବା ଜରୁରୀ

## ଆଜି 'ବିଶ୍ୱ ପବନ ଦିବସ'



ପ୍ରତିବର୍ଷ ଜୁନ ୧୫ରେ ବିଶ୍ୱ ପବନ ଦିବସ ପାଳନ କରାଯାଏ। ଏହି ବିଶେଷ ଦିନଟି ପବନ ଶକ୍ତିର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ଏବଂ ସ୍ଥାୟୀ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବାର ଏକ ସୁଯୋଗ ଭାବରେ କାର୍ଯ୍ୟ କରେ। ଉକ୍ତ ଦିନ ଲୋକେ ପବନ ଶକ୍ତିର ସମ୍ଭାବନା ଏବଂ ଗୁରୁତ୍ୱକୁ ପାଳନ କରିବା ଲାଗି ଏକାଠି ହୁଅନ୍ତି। ଏବେ ବୈଶ୍ୱିକ ସମସ୍ୟାଭାବେ ଉଭା ହୋଇଥିବା ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାରେ ପବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ତଥା କାର୍ବନ ନିର୍ଗମନ ହ୍ରାସ କରିବା ବିଷୟରେ ସଚେତନତା ବୃଦ୍ଧି ପାଇଁ ଏହି ଦିନଟି ଉତ୍ସର୍ଗୀକୃତ। ୨୦୦୭ରେ ୟୁରୋପୀୟ ୱିଣ୍ଡ ଏନର୍ଜି ଆସୋସିଏଶନ ବା ୟୁରୋପୀୟ ପବନ ଶକ୍ତି ସଂଘ (ଇଡବ୍ଲୁଇଏ)ଦ୍ୱାରା ପ୍ରଥମେ 'ପବନ ଦିବସ' ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୧୮ଟି ୟୁରୋପୀୟ ଦେଶରେ ପହଞ୍ଚିଥିଲା ଏବଂ ପ୍ରାୟ ୩୫,୦୦୦ ବ୍ୟକ୍ତି ଏହାକୁ ପାଳନ କରିଥିଲେ। ୨୦୦୮ରେ ପବନ ଦିବସ ୨୦ଟି ୟୁରୋପୀୟ ଦେଶରୁ ୧୦୦,୦୦୦ ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରିଥିଲା। ୨୦୦୯ରେ ଏହାକୁ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ କରିବା ପାଇଁ ୟୁରୋପୀୟ ପବନ ଶକ୍ତି ସଂଘକୁ ବିଶ୍ୱ ପବନ ଶକ୍ତି ପରିଷଦ(ଜିଡବ୍ଲୁଇସି)ସହଯୋଗ କରିଥିଲେ ଏବଂ ଏହାକୁ 'ବିଶ୍ୱ ପବନ ଦିବସ'ଭାବେ ନାମକରଣ କରିଥିଲେ। ୩୫ଟି ଦେଶରେ ୩୦୦ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏହା ଦଶ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଥିଲା। ପବନ ଶକ୍ତିର ଲାଭ ଏବଂ ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ପବନ ଶକ୍ତିର ସମ୍ଭାବନା ବିଷୟରେ ସଚେତନ କରାଇବାକୁ ଚଳିତ ବର୍ଷ ଗୁରୁତ୍ୱାରୋପ କରାଯାଇଛି।

# ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ: ୧୦ ଆହତ

ଅସ୍ତରଙ୍ଗ,୧୪।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହିପଞ୍ଚାୟତର ଅସନ ଗ୍ରାମରେ ଶନିବାର ବାତ୍ୟା ଆଶ୍ରୟସ୍ଥଳୀ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଉଭୟ ଗୋଷ୍ଠୀ ପରସ୍ପରକୁ ଠେଙ୍ଗାବାଡ଼ି ଓ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଫଳରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅସ୍ତରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ରାଜନୈତିକ ବିବାଦରୁ ଏହି ଘଟଣା ଘଟିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଆପଦକାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ଲକ୍ଷ ଟଙ୍କା ବ୍ୟୟରେ ଅସନ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କରିବାକୁ ବ୍ଲକ ପ୍ରଶାସନ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାରଙ୍କୁ ଟେଣ୍ଡର ଦେଇଥିଲା। ଅନ୍ୟପଟେ ସ୍ଥାନୀୟ କମିଟି ସଭାପତି ତଥା ଆଳସାହି ପରେ ସରପଞ୍ଚ ଶ୍ରୀୟା ବରାଳ ଏହି ଦାୟିତ୍ୱ ଜଣେ ୱାର୍ଡସଭ୍ୟାଙ୍କୁ ଦେଇଥିଲେ। ଏହାକୁ ନେଇ କିଛିଦିନ ପୂର୍ବେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ସହ ଅସ୍ତରଙ୍ଗ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ପୋଲିସ କେବଳ ମାମଲା ରୁଜୁ କରି ବସିପଡ଼ିଥିଲା। ସମ୍ପୃକ୍ତ ୱାର୍ଡସଭ୍ୟା କେତେଜଣ ଶ୍ରମିକଙ୍କ ଦ୍ୱାରା ଶନିବାର ମରାମତି କାର୍ଯ୍ୟ କରୁଥିବା ବେଳେ ସେଠାରେ ଅନ୍ୟ ଏକ ଗୋଷ୍ଠୀ ପହଞ୍ଚି ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଠେଙ୍ଗା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଅସନ ଗ୍ରାମର ମିଟୁ ଦାସ, ବିଦୁ ଦାସ, ବାବୁରାମ ମଲ୍ଲିକ, କୁଞ୍ଜବିହାରୀ ଦାସ, ଅନନ୍ତ ଦାସ, ଜଟାଧାରୀ ଦାସ ଏବଂ ପାଟସୁନ୍ଦରପୁର ଗ୍ରାମର ମଣ୍ଟୁ ବେହେରା, ମୁନା ଦଳାଇଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଅସନ ଗ୍ରାମର ୫ଜଣ ଗୁରୁତରଙ୍କୁ ପରେ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଉତ୍ତେଜନା ଦେଖାଦେବା ପରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି।

# ବିମାନ ଦୁର୍ଘଟଣାରେ ମୃତକଙ୍କ ପାଇଁ ଯୁବ କଂଗ୍ରେସର ସମୂହ ପ୍ରାର୍ଥନା



ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)

ପ୍ରଦେଶ ଯୁବକଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ରାମମନ୍ଦିରଠାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସମୂହ ପ୍ରାର୍ଥନା କରାଯାଇଛି। ସେଠାରେ ଯୁବକଂଗ୍ରେସ କର୍ମୀମାନେ ମହମବତି ପ୍ରଜ୍ୱଳନ କରିଥିଲେ। ଯୁବକଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ କେନ୍ଦ୍ରୀୟ ବିଦ୍ୟାଳୟଠାରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ, ମହମ୍ମଦ ଇମ୍‌ଦାଦ, ଉଦିତ ପ୍ରଧାନ, ସୁଦୀପ ସାମଲ ପ୍ରମୁଖ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସରକାରୀ ଯୋଜନା ପାଇଁ ଆଧାର ବାଧ୍ୟତାମୂଳକକୁ ନେଇ ରାଜନୀତି

ଭୁବନେଶ୍ୱର,୧୪।୬(ସୁନିତ୍ ମିଶ୍ର)

ସରକାରୀ ଯୋଜନା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ ପରେ ଜୋର୍ ଧରିଛି ରାଜନୀତି। ଏଣିକି ସରକାରୀ ଯୋଜନା ଲାଗି ଡିଏଲ୍, ପାସ୍‌ବୁକ୍ କିମ୍ବା ଡ୍ରାଇଭିଂ ଲାଇସେନ୍ସ କାମ ଦେବ ନାହିଁ ବୋଲି ସରକାର ଯୋଜନା କରିଛନ୍ତି। ହେଲେ ବିରୋଧୀ ଏଭଳି ନିଷ୍ପତ୍ତିକୁ ଟାର୍ଗେଟ କରିଥିବା ବେଳେ ଅଯୋଗ୍ୟ ବା ଭୂତ ହିତାଧିକାରୀଙ୍କୁ ଚିହ୍ନଟ ଲାଗି ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ସବୁ ଯୋଜନା ସହ ଯଦି ଆଧାରକାର୍ଡ ବାଧ୍ୟତାମୂଳକ ହୋଇଯିବ ତେବେ ଭୂତ ହିତାଧିକାରୀମାନେ ବନ୍ଧାହୋଇଯାଆନ୍ତେ। ସୁପ୍ରିମକୋର୍ଟଙ୍କ ନିୟମ ମାନିବାକୁ ସରକାର ବାଧ୍ୟ। ସବୁ ଯୋଗ୍ୟ ହିତାଧିକାରୀଙ୍କୁ କିପରି ସୁବିଧା ମିଳିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଅତୀତର ଯେଉଁ ସରକାର ଥିଲା ସେମାନେ ଭୋଟବ୍ୟାଙ୍କ କରିବା ଲାଗି ଅଯୋଗ୍ୟ ହିତାଧିକାରୀମାନଙ୍କୁ ମଧ୍ୟ ଯୋଗ୍ୟକରି ସବୁ ଯୋଜନା ଦେଉଥିଲେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି, ବିଜେଡି ସରକାର ସମୟରେ ତୃଣମୂଳସ୍ତରର ଲୋକଙ୍କ ନିକଟରେ ସରକାରୀ ଯୋଜନା ସବୁ ପହଞ୍ଚାଇବା ଲାଗି ଅନେକ ବ୍ୟବସ୍ଥା କରାଯାଇଥିଲା। କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି, ସରକାର ପ୍ରଥମେ ଦାଦନ ଶ୍ରମିକମାନେ କିପରି ଆଧାର କାର୍ଡ କରିପାରିବେ ସେଥିପ୍ରତି କାର୍ଯ୍ୟକ୍ରମ କରିବା କଥା। ତା'ପରେ ଯାଇ ସବୁ ଯୋଜନା ସହ ଆଧାର ସଂଯୋଗ କରିବା ଉପରେ ଗୁରୁତ୍ୱ ଦେଲେ ଭଲ ହେବ ବୋଲି ତାରା କହିଛନ୍ତି।


## କୋଟେସନ୍ ଆବଶ୍ୟକ

ନିମ୍ନଲିଖିତ ତାରିଖ ଅନୁଯାୟୀ ୨ ଓଡ଼ିଶା ସମର ଶିକ୍ଷାର୍ଥୀ ବାହିନୀ ଅଫିସ୍, ସଞ୍ଜୟ ମେମୋରିଆଲ ଟେକ୍‌ନିକାଲ୍ ଇଞ୍ଜିନିୟରିଂ କଲେଜ ଅଙ୍କୁଶପୁରଠାରେ NCC କ୍ୟାମ୍ପ ଅନୁଷ୍ଠିତ ହେଉଛି।
(କ) ୧୯।୦୬।୨୦୨୫ଠାରୁ ୨୮।୦୬।୨୦୨୫, (ଖ) ୦୫।୦୭।୨୦୨୫ଠାରୁ ୧୪।୦୭।୨୦୨୫, (ଗ) ୧୧।୦୮।୨୦୨୫ଠାରୁ ୨୦।୦୮।୨୦୨୫।
ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ କିରାଣୀ ସାମଗ୍ରୀ, ଚିକେନ, ଅଣ୍ଡା ସୁଲଭ ମୂଲ୍ୟରେ ଯୋଗାଇ ପାରୁଥିବା ଠିକାଦାର କିମ୍ବା ବ୍ୟବସାୟୀ ନିମ୍ନଲିଖିତ ଠିକଣାରେ ତାରିଖ:୧୬।୦୬।୨୦୨୫ ସକାଳ ୧୧ଟା ସୁଦ୍ଧା କୋଟେସନ ପ୍ରେରିତ କରନ୍ତୁ।

**କ୍ୟାମ୍ପ କମାଣ୍ଡେଣ୍ଟ ଓସି ୨ ଓଡ଼ିଶା ବାଟାଲିୟନ**
ଏନ୍.ସି.ସି., ବ୍ରହ୍ମପୁର, ଗାନ୍ଧୀନଗର, ଫୋନ୍ ନମ୍ବର: 9330958722



## STATE INSTITUTE OF HOTEL MANAGEMENT
DIGITAL DOOR NO.ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPARTMENT OF TOURISM, GOVT. OF ODISHA)

SIHM **SPOT ADMISSION** NCHMCT
**FOR HOTEL MANAGEMENT COURSES**

FOR 10+2 PASSOUT CANDIDATES
ENGLISH SHOULD BE ONE OF THE SUBJECT AT THE 12TH LEVEL
**DEGREE IN B.Sc IN HOSPITALITY & HOTEL ADMINISTRATION/VEGETARIAN**
Age: No age limit
Duration - 03 Years

FOR 10+2 PASSOUT CANDIDATES
**DIPLOMA IN HOTEL MANAGEMENT**
Trade: 1. Food Production (only vegetarian option available) 2. Housekeeping Operation 3. Food & Beverage Service 4. Front Office Operations 5. Bakery & Confectionery
Age: No age limit
Duration - 1 Year & 6 Months

FOR CLASS 10 PASSOUT CANDIDATES
**CERTIFICATE COURSE IN FOOD PRODUCTION/VEGETARIAN**
Age: No age limit
Duration - 1 Year & 6 Months
&
**CERTIFICATE COURSE IN FOOD & BEVERAGE SERVICE**
Age: No age limit
Duration - 6 Months

FOR FURTHER DETAILS
visit our website: www.sihmbalangir.org
e-mail : admissions@sihmbalangir.org
Contact No. 8447903803, 9437140772, 8018581031


# କୁଆପାଲିରେ ବ୍ୟାପିଲା ଝାଡ଼ାବାନ୍ତି, ୭୦ ଆକ୍ରାନ୍ତ

## ୧୭ ଜଣଙ୍କୁ ପଦ୍ମପୁର ସ୍ଥାନାନ୍ତର

ପାଇକମାଳ,୧୪।୬(ବଡ ଶତପଥୀ)


ସିଡିଏମ୍‌ଓଙ୍କ ସହ ଅନ୍ୟ କର୍ମଚାରୀମାନେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ବରଗଡ ଜିଲା ପାଇକମାଳ ବ୍ଲକ କୁଆପାଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ଗ୍ରାମର ପ୍ରାୟ ୭୦ଜଣ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୧୭ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଶନିବାର ଚାରି ଜଣ ରୋଗୀଙ୍କ ମଳ, ଚାରି ଜଣ ରୋଗୀଙ୍କ ପାଣି ନମୁନା ଏବଂ ୨ ଜଣ ରୋଗୀଙ୍କ ଖାଦ୍ୟ ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ପଠାଯାଇଛି। ଶୁକ୍ରବାର ଅପରାହ୍ନରେ କୁଆପାଲି ଗ୍ରାମର ଜଣେ ବୃଦ୍ଧାଙ୍କ ବିୟୋଗରେ ଶ୍ରାଦ୍ଧ ଭୋଜି ହୋଇଥିଲା। ଏଥିରେ ଗ୍ରାମବାସୀ ଏକତ୍ରିତ ହୋଇ ଭୋଜି ଖାଇଥିଲେ। ହେଲେ ସନ୍ଧ୍ୟାରୁ କେତେକ ଲୋକଙ୍କ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଖବର ପାଇ ଆର୍‌ବିଏସ୍‌କେ ସୁଦୀପ୍ତ ସାହୁ, ସିଏଚ୍‌ଓ ରମି ରଶ୍ମିତା, ଏଏନ୍‌ଏମ୍ ଖୁଦେଶ୍ୱରୀ ପଧାନ ସତ୍ୟଭୂଷଣ ସାହୁ, ସମୀର ଭୋଇ, ଅଶୋକ ବନ୍‌ଛୋର ପ୍ରମୁଖ କର୍ମଚାରୀମାନେ କୁଆପାଲି ଗାଁକୁ ଯାଇ ଆଶାକର୍ମୀ କନକଲତା ବରିହା, ଅଙ୍ଗନୱାଡି କର୍ମୀ ସବିତା ସିଦାର ପ୍ରମୁଖଙ୍କ ସହ ଘର ଘର ଯାଇ ଚିକିତ୍ସା ଆରମ୍ଭ କରିଥିଲେ।

ଶନିବାର ସକାଳେ ବରଗଡ ସିଡିଏମ୍‌ଓ କୁବେର ଚନ୍ଦ୍ର ମହନ୍ତ, ଶୁଭ୍ରପ୍ରକାଶ ସେନାପତି, ସତୀଶ ନାୟକ, ଆଲିଶା ପ୍ରଧାନ ଅଜିତ ମେହେର, ତେଜଭାନୁ ସାହୁ ପ୍ରମୁଖ କର୍ମଚାରୀମାନେ ମିଶି ଘର ଘର ଯାଇ ୧୬୧ ପରିବାରକୁ ଔଷଧ ବଣ୍ଟନ କରିଥିଲେ। ଏଥିସହ ଫୁଟାପାଣି ପିଇବାକୁ ପରାମର୍ଶ ଦେଇଥିଲେ। ପାଣିରେ ହେଲୋଜିନ୍ ବଟିକା ପକାଇବା, ବାସି ଖାଦ୍ୟ ନ ଖାଇବା ପାଇଁ ପରାମର୍ଶ ଦେଇଛୁ ବୋଲି ସିଡିଏମ୍‌ଓ କହିଛନ୍ତି। ଏ ସମ୍ପର୍କରେ ଡାକ୍ତର ସୁଦୀପ୍ତ ସାହୁ, ପିଏଚଇଓ ଦୀପା ସାହୁଙ୍କୁ ପଚାରିବାରୁ ପରିସ୍ଥିତି ନିୟନ୍ତ୍ରଣ ଥିବା କହିଛନ୍ତି।

ଡୁଙ୍ଗୁରିପାଲି, ଭଗତପୁର ଓ ବନମାଳ ଗ୍ରାମର କେତେଜଣ ବନ୍ଧୁ ଏହି ଭୋଜି ଖାଇବାକୁ ଆସିଥିଲେ। ସେହି ତିନୋଟି ଗ୍ରାମରେ ମଧ୍ୟ ୩ଜଣ ଲେଖାଏଁ ମୋଟ ୯ ଜଣ ଅସୁସ୍ଥ ହୋଇଥିଲେ।

# ବିଶୋଧନ କରାଗଲା ପାନୀୟ ଜଳ ଉତ୍ସ

## ଭଣ୍ଡାରିପୋଖରୀରେ ସୁଧୁରୁଛି ଝାଡ଼ାବାନ୍ତି ସ୍ଥିତି

ଭଣ୍ଡାରିପୋଖରୀ,୧୪।୬ (ରାଜେନ୍ଦ୍ର ଶତପଥୀ)


ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ମଣିନାଥପୁର ଗ୍ରାମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଷୋଳମପୁର ପଞ୍ଚାୟତର ଦାଣ୍ଡକୁଳ, ଟିଖିଲିଆ, ମଣିନାଥପୁର, ଜଳହରି, ସାରଣା, ଚତୁର୍ଭୁଜପୁର ଆଦି ଗ୍ରାମରେ ଝାଡ଼ାବାନ୍ତି ଘଟଣାରେ ସ୍ଥିତି ସୁଧୁରୁଛି। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଦାଣ୍ଡକୁଳ, ଟିଖିଲିଆର ୧୩, ସାରଣା ଗ୍ରାମର ଜଣେ, ମଣିନାଥପୁରର ୨ଜଣ ଚିକିତ୍ସିତ ହୋଇ ଫେରିଥିବା ବେଳେ ଉକ୍ତ ଗ୍ରାମର ଅନ୍ୟ ଜଣେ, ଚତୁର୍ଭୁଜପୁର ଗ୍ରାମର ୩ଜଣ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଶନିବାର ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଦାଣ୍ଡକୁଳ, ମଣିନାଥପୁର, ମୁଡ଼ାପଦା ଆଦି ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଅପରପକ୍ଷେ ଏସବୁ ଅଞ୍ଚଳରେ ଥିବା ପାନୀୟ ଜଳ ଉତ୍ସଗୁଡ଼ିକୁ ବିଶୋଧନ କରାଯାଇଛି। ବ୍ଲକ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଦିବାକର ସାହୁଙ୍କ ନେତୃତ୍ୱରେ ନଳକୂପଗୁଡ଼ିକୁ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧନ କରାଯାଇଛି। ବିଶୋଧନର ୪୮ ଘଣ୍ଟା ପରେ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି। ଜିଲା ସଂକ୍ରାମକ ରୋଗ ବିଶେଷଜ୍ଞ ପାର୍ଥସାରଥି ମିଶ୍ର ଆକ୍ରାନ୍ତଙ୍କଠାରେ ହଇଜା ଜୀବାଣୁ ମିଳି ନ ଥିବା ସ୍ପଷ୍ଟ କରିଛନ୍ତି। ଭଲ ଭାବେ ହାତଧୁଆ ପ୍ରତି ଧ୍ୟାନ ଦେବା, ଓଆର୍‌ଏସ୍ ପିଇବା, ହାଲୋଜିନ ବଟିକା ବ୍ୟବହାର, ଭୋଜିଭାତକୁ ଏଡ଼ାଇବା, ବାସିଖାଦ୍ୟ ଗ୍ରହଣ ନ କରିବା, ଝାଡ଼ାବାନ୍ତି ଆକ୍ରାନ୍ତ ନେଇ ତୁରନ୍ତ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ଦେବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କମଳାକାନ୍ତ ସ୍ୱାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଝାଡ଼ାବାନ୍ତିର କାରଣ ଏବେ ବି ଅସ୍ପଷ୍ଟ ରହିଛି।


## PUBLIC NOTICE

All people are hereby notified that the property described below in Schedule annexed hereto is owned and possessed by **Barrister Ranjit Mohanty Trust (BRM Trust).**

The said Trust is registered as a Public Trust under Indian Trust Act. The Board of Trustees of the said Trust and vide their resolution have resolved to sell the same to our client namely National Insurance Academy having its registered office at 25, Balewadi, Baner Road, NIA P.O. Pune- 411 045.

The owners of the said property mentioned below have assured that BRM Trust is the owner of the same and has full right, title and interest to sell the same and assign the possession thereof to our client.

They are further assured that there is no charge of whatsoever nature, encumbrance, reservation or acquisition over the said property. Based upon the said representation, our client has agreed to purchase the said property. In case anybody has any objection, claim or any charge of whatsoever nature over the said property then they are notified to inform about the same in writing alongwith the necessary supporting documents to the undersigned within 15 days from the publication of the said notice, failing which our client shall presume that there are no charge, encumbrance or claim of whatsoever of anybody over the said property and the said property is free from encumbrances and BRM Trust has clear and marketable title to sell the said property to our client and in that case our client shall proceed further to purchase the said property by executing necessary conveyance Deed. In that case no complaint of whatsoever nature will be entertained thereafter.

**Schedule of the Property**

**Land:** All that piece and parcel of Plot Nos. 1744 and 1746, Mouza-Pubasasan, Khata No. 797/239 (02 Plots), Area: AC.1.10 decs, Dist: Puri, D.S.R.O.: Pipili, Kissam- Household alongwith;

**Building:** One three-storied building measuring 25,000 sqft.
One two-storied building measuring 18,000 sqft.
Total: 43,000 sqft.

**Suvashish Pattanaik,** Advocate, Odisha High Court
Mob.: 9861096779, E-mail: suvashishpattanaik@yahoo.co.in


# ରାଜ୍ୟରେ ଆୟୁଷ୍ମାନ୍ କାର୍ଡ ବଣ୍ଟନ ୧କୋଟି ଟପିଲା

## କାର୍ଡ ପାଇ ନ ଥିଲେ ଆଧାର କାର୍ଡ/ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ଦେଖାଇ ଦେୟମୁକ୍ତ ଚିକିତ୍ସା ପାଇପାରିବେ

ଭୁବନେଶ୍ୱର,୧୪।୬(ବନ୍ଦନା ସେଠୀ)

ଚଳିତ ବର୍ଷ ଏପ୍ରିଲ ୧୧ରେ ଶୁଭାରମ୍ଭ ହୋଇଥିବା ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏ ବି ପି ଏ ମ୍ ଜେ ଏ ୱା ଇ - ଜିଜେଏୱାଇ)ରେ ଯୁଗ୍ମ କାର୍ଡ ବଣ୍ଟନ ୧କୋଟି ଟପିଛି। ଏଥିସହ ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ବର୍ଷ ବା ତଦୂର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇ-କେୱାଇସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି (ସାସ୍) ଅଧ୍ୟକ୍ଷ ଅଶ୍ୱତୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୟୋ ବନ୍ଦନା ଯୋଜନାରେ ପ୍ରତି ପରିବାର ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ବାର୍ଷିକ ୫ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇବେ। ଏହି ଟଙ୍କା ତାଙ୍କ ମୂଳ ପରିବାରର ୫ଲକ୍ଷ ଟଙ୍କା ପାଣ୍ଠିଠାରୁ ଅଲଗା ହେବ। ଯେଉଁ ଯୋଗ୍ୟ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ନୂଆ ଯୁଗ୍ମ କାର୍ଡ ପାଇନାହାନ୍ତି ସେମାନେ ନିଜ ଆଧାର କାର୍ଡ/ପୁରୁଣା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ସୁଦ୍ଧା ରାଜ୍ୟର ସମସ୍ତ ଜିଲାରେ ସମୁଦାୟ ୧କୋଟି ୪୧ହଜାର ୮୬୩ଟି ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଯୁଗ୍ମ କାର୍ଡ ବଣ୍ଟାଯାଇଛି। କାର୍ଡ ବଣ୍ଟନରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଜିଲା ଆଗୁଆ ରହିଛି। ଗଞ୍ଜାମ ଜିଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟାହୋଇଥିବାବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଏବଂ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି। ସେହିପରି ୭୦ବର୍ଷ ବା ତଦୂର୍ଦ୍ଧ୍ୱ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୩.୨୧ଲକ୍ଷ ବରିଷ୍ଠ ନାଗରିକଙ୍କ ଇ-କେୱାଇସି କରି କାର୍ଡ ପ୍ରସ୍ତୁତ କରାଯାଇଛି। ଅବଶିଷ୍ଟ ୧୯.୭୯ ଲକ୍ଷ ବରିଷ୍ଠ ନାଗରିକଙ୍କ ଇ-କେୱାଇସି ବିକାଶ ବାହନ ଯାତ୍ରା ଅନ୍ତର୍ଗତ ଜୁନ୍ ୨୨ସୁଦ୍ଧା ଶେଷ କରିବାକୁ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଗ୍ରାମ ଓ ପଞ୍ଚାୟତ ୱାରି ଅଣୁ କାର୍ଯ୍ୟସୂଚୀ ସହ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରିବା ପାଇଁ ସାସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡା. ବୃନ୍ଦା. ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ସାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। ...ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। —ଶ୍ରୀଅରବିନ୍ଦ

ମିଥୁନ (ରଜ) ସଂକ୍ରାନ୍ତି



# ସୁବିଧାବାଦର ସିଦ୍ଧାନ୍ତ



ଆକାର ପଟେଲ

ଗାଜାରେ ଶୀଘ୍ର, ନିଃସର୍ତ୍ତ ତଥା ଏକ ଲମ୍ବା ଯୁଦ୍ଧ ବିରତି ଦାବି କରାଯାଇ ଜୁନ୍ ୧୨ରେ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କ୍ଷୁଧାକୁ ଯୁଦ୍ଧର ଏକ ଅସ୍ତ୍ର ଭାବେ ଇସ୍ରାଏଲ ବ୍ୟବହାର କରୁଛି ବୋଲି ଏଥିରେ ଦର୍ଶାଯାଇଥିଲା। ଏହା ସପକ୍ଷରେ ୧୪୯ଟି ଦେଶ ଭୋଟ ଦେଇଥିବାବେଳେ ଆମେରିକା ଓ ଇସ୍ରାଏଲ ଏହାକୁ ବିରୋଧ କରିଥିଲେ। ଭାରତ ଭୋଟଦାନରୁ ନିବୃତ୍ତ ରହିଥିଲା। ଭାରତ ବାରମ୍ବାର ଭୋଟିଂରୁ ଦୂରେଇ ରହିବା ଧାରା ଜାରି ରଖିଆସିଛି। ଏଥିରେ ଅନେକେ ଭାରତୀୟ ନିରାଶ ହୋଇଛନ୍ତି, କାରଣ ପାଲେଷ୍ଟାଇନ ଓ ତାହାର ନାଗରିକଙ୍କ ପ୍ରତି ରହି ଆସିଥିବା ଭାରତର ଦୀର୍ଘଦିନର ସମ୍ପର୍କ ତୁଟିଯାଇଛି। କିନ୍ତୁ ଏହା ଭାଜପାର ମୂଳ ହିନ୍ଦୁତ୍ୱ ବିଚାରଧାରାକୁ ଦୃଷ୍ଟିରେ ରଖି କରାଯାଉଛି। ଅନ୍ୟପଟେ ନିକଟରେ ଭାରତ-ପାକିସ୍ତାନ ଯୁଦ୍ଧରେ ବିଶ୍ୱ ଯେଉଁ ଦୃଷ୍ଟିକୋଣ ପ୍ରକାଶ କରିଆସିଛି ସେଥିରେ ସରକାରଙ୍କ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆମେ ଦେଶଗୁଡ଼ିକୁ ଆମ ସମର୍ଥନରେ ଆଣି ପାରିଲୁ ନାହିଁ। ମୋଦିଙ୍କ ଶାସନରେ ଭାରତର ବୈଦେଶିକ ନୀତିକୁ ସମାଲୋଚନା କରିବା ସ୍ତମ୍ଭର ଉଦ୍ଦେଶ୍ୟ ନୁହେଁ, ବରଂ ଭଲ ଭାବେ ବୁଝାଇବା ପାଇଁ ଏହା ଏକ ପ୍ରୟାସ। ୧୯୫୦ ଦଶନ୍ଧିରେ ଜନସଂଘ ରୂପରେ ଭାଜପା ତାହାର ଇସ୍ତାହାରରେ ବୈଦେଶିକ ନୀତି ସିଦ୍ଧାନ୍ତ ସମ୍ପର୍କରେ ବହୁତ କମ୍ ଦର୍ଶାଇଛି। ତେବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଲେଖାର ସିଦ୍ଧାନ୍ତରେ ଯାହା ବର୍ଣ୍ଣନା କରିଛନ୍ତି ସେଥିରେ ଭାରତ ବିଶ୍ୱରେ କ'ଣ କରିବାକୁ ଚେଷ୍ଟା କରୁଛି ତାହା ଆମେ ବୁଝିପାରିବା। ଜୟଶଙ୍କର ମନେକରନ୍ତି ଯେ, ଆମ ସମୟରେ ଆମେରିକା ଓ ୟୁରୋପ ସେମାନଙ୍କ ନିଜସ୍ୱ ବିଚାରକୁ ସାମ୍ନାକୁ ଆଣିବେ ଏବଂ ଚାଇନା ଆଗକୁ ବଢ଼ି ଚାଲିବ। ଭାରତ ଭଳି ସବୁଦେଶ ବିଶ୍ୱର ଅନ୍ୟଦେଶଗୁଡ଼ିକ ସହ ସେମାନଙ୍କ ସମ୍ପର୍କ ବଢ଼ାଇ ଲାଭ ଉଠାଇବେ ଏବଂ ଏଥିପାଇଁ ସେମାନଙ୍କ ସକାଶେ କୌଣସି ମାନଦଣ୍ଡ ବା ସଙ୍ଗତି ଦରକାର ନ ଥିଲା। ଭାରତ ଏସିଆର ସବୁଦେଶ ମଧ୍ୟରେ ଏକ ଆଞ୍ଚଳିକ ନେତୃତ୍ୱର ସହଭାଗିତା ଓ ସମ୍ପର୍କ ଚାହୁଁଥିଲା, ଯେଉଁଥିରେ ଚାଇନା ସହିତ ସମାନ ବୋଲି ଦାବି କରିପାରିବ। ଜୟଶଙ୍କର ଲେଖିଛନ୍ତି, ଅନେକ ଦାୟିତ୍ୱ ଏକାବେଳକେ ତୁଲାଇବାକୁ ପଡ଼ିବ ଏବଂ ଭାରତ ସେଗୁଡ଼ିକୁ ଦକ୍ଷତାର ସହ ନିୟନ୍ତ୍ରଣ କରିବାକୁ ହେବ। ଏହା ହେଲା ସୁବିଧାବାଦ ଏବଂ ତାହା ସବୁ ଠିକ୍ ଥିଲା, କାରଣ ସୁବିଧାବାଦ ଭାରତର ସଂସ୍କୃତିରେ ହିଁ ରହିଛି ବୋଲି ସେ ଆମକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଇସ୍ରାଏଲ ଦ୍ୱାରା ଚାଲିଥିବା ଗଣହତ୍ୟା ଓ ଶିଶୁକ୍ଷୁଧା ବିରୋଧରେ ଭୋଟ ଦେବାରୁ ବିରତ ରହିବା ବିଷୟକୁ ଆମେ ବୁଝିବା ଉଚିତ। ନୀତିରେ ଅସଙ୍ଗତି ରହିବା ଭଲ ଓ ଦରକାର ମଧ୍ୟ, କାରଣ ସୁସଙ୍ଗତିକୁ ଅଧିକ ଚାହିଁବା ଯୋଗୁ ସ୍ଥିତିରେ ପରିବର୍ତ୍ତନ ହେଲା ନାହିଁ। ଏଣୁ ଏହି ସିଦ୍ଧାନ୍ତକୁ କ'ଣ କୁହାଯିବ? ଜୟଶଙ୍କର ସୁବିଧାବାଦ ଓ ଅସଙ୍ଗତିର ସିଦ୍ଧାନ୍ତ ବିଷୟ ପ୍ରଥମେ ବୁଝାଇବା ସହ କହିଥିଲେ ଯେ, ଗୋଟିଏ ନାମ (ସିଦ୍ଧାନ୍ତର) ବିଷୟରେ ଚିନ୍ତା କରିବା କଷ୍ଟକର। ସେ 'ମଲ୍ଟି ଆଲାଇନ୍‌ମେଣ୍ଟ' ଓ 'ଇଣ୍ଡିଆ ଫାଷ୍ଟ' ଭଳି ଖଣ୍ଡବାକ୍ୟ ସାମ୍ନାକୁ ଆଣିଛନ୍ତି ଓ ଖାରଜ କରିଛନ୍ତି। ସେ 'ବିକାଶଶୀଳ ସମୃଦ୍ଧି ଓ ପ୍ରଭାବ' ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ଯାହାକୁ ଠିକ୍ କହିଛନ୍ତି, କିନ୍ତୁ ବିଚାରଗୁଡ଼ିକ ଆକର୍ଷଣୀୟ ନୁହେଁ। ସେ ବିଶ୍ୱାସ କରନ୍ତି, ଯଦି ଅଧିକ ଦିନ ପର୍ଯ୍ୟନ୍ତ ଏହା ଜାରି ରହିବ ତେବେ ଏହା ପାଇଁ କିଛି ନାମ ଧୀରେ ଧୀରେ ଆସିବ। କାରଣ ସମସ୍ୟା ହେଉଛି, ଆମେ ଏଯାବତ ଏକ ବୃହତ୍ ପରିବର୍ତ୍ତନର ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛୁ।

ବାସ୍ତବରେ କୌଣସି ପ୍ରକାରେ ଏହା ଏକ ବୈଦେଶିକ ନୀତି ନୁହେଁ ବୋଲି ବିରୋଧୀ ସୂଚିତ କରିବେ। ଯାହାସବୁ ଆରମ୍ଭରୁ ଘଟି ଆସୁଥିଲା, ତାହାକୁ ଘୋଡ଼ାଇବା ପାଇଁ ଏହା ଉଦ୍ଦିଷ୍ଟ ଥିଲା। ତାହାସବୁ ତାମ୍‌ସା ଓ ସମାରୋହରେ ମୋଦିଙ୍କ ଆଗ୍ରହ ଏବଂ ପରିବର୍ତ୍ତନକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରାଯାଉଥିଲା। ବିରୋଧୀ ମଧ୍ୟ ପଚାରିବେ, ଭାଜପାର ଭାଷଣବାଜିରୁ କାହିଁକି ଜୟଶଙ୍କରଙ୍କ ସିଦ୍ଧାନ୍ତ ହଟିଗଲା। ଏଠାରେ ଭାରତ ପାଇଁ କୌଣସି ଭୂମିକା ନାହିଁ। ଏଠାରେ କୌଣସି ବସୁଧୈବ କୁଟୁମ୍ବକମ୍ ଶୈଳୀ ନାହିଁ କିମ୍ବା ବିଶ୍ୱଗୁରୁ ପ୍ରକାରର ଶବ୍ଦାଡ଼ମ୍ବର ନାହିଁ। ଏହାସହ ଜୟଶଙ୍କରଙ୍କ 'ନାମହୀନ' ସିଦ୍ଧାନ୍ତ ସବୁପ୍ରକାର ନୀତିନୈତିକତାରୁ ହଟିଯାଇଛି। ଏଥିପାଇଁ ଭାରତ ବିଶ୍ୱ ସହ ଜଡ଼ିତ ହୋଇପାରୁ ନାହିଁ। ଦେଖିବାକୁ ଗଲେ, ବିଶ୍ୱ ହେଉଛି ଏକ ଦେଣନେଣର ସ୍ଥାନ ଏବଂ ଭାରତ ଏଥିରୁ ଲାଭ ନେବା ପାଇଁ ତାହାର ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିବାକୁ ପଡ଼ିବ। ଏହି ବିଚାରରେ, ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୟୁକ୍ରେନ୍ ଯୁଦ୍ଧରୁ ଏବଂ ରୁଷିଆରୁ ଶସ୍ତା ତେଲ କିଣି ଲାଭ ଉଠାଇବାର ଥିଲା। ୟୁରୋପ ଶକ୍ତି ପାଇଁ ରୁଷିଆ ଗ୍ୟାସ୍ ଉପରେ ନିର୍ଭରଶୀଳ ହୋଇଥିବାରୁ ରୁଷିଆରୁ ଏହା କିଣିବା ପାଇଁ ପ୍ରାୟତଃ ଅନ୍ୟ ଦେଶଗୁଡ଼ିକ ଉପରେ ଚାପ ପକାଇବା କଷ୍ଟକର ଥିଲା। ଏଣୁ ଚାଇନା ସହ ଭାରତ ଲାଭ ଉଠାଇବା ପାଇଁ ତେଲ କିଣିଲେ। ଏହା କେତେ ଶସ୍ତା ଥିଲା? ଏପ୍ରିଲ-ଡିସେମ୍ବର ମଧ୍ୟରେ ଆମଦାନୀ ହେଉଥିବା ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୯୯.୨ ଡଲାର ଥିଲା। ରୁଷିଆ ତେଲକୁ ଛାଡ଼ିଦେଲେ, ଅନ୍ୟ ତେଲର ହାରାହାରି ମୂଲ୍ୟ ୧୦୧.୨ ଡଲାର ଥିଲା, ଅର୍ଥାତ୍ ବ୍ୟାରେଲ ପିଛା ଲାଭ ୨ ଡଲାର ରହୁଥିଲା, ଯାହା ଆମେ ତୈଳ ମୂଲ୍ୟରେ ଦେଖୁଛୁ, ସେହି ଲାଭ ଭାରତୀୟଙ୍କ ପାଖକୁ ଆସିଲା ନାହିଁ, ବରଂ ଧନୀ ହେଲେ ପ୍ରାଇଭେଟ ରିଫାଇନରମାନେ। ଏହି ସିଦ୍ଧାନ୍ତ ଉଭୟ ପକ୍ଷରେ କାମ କରିବ ବୋଲି ଜୟଶଙ୍କର ଆକଳନ କରିଥିବା ଜଣାପଡୁନାହିଁ। ସେ ପରିକଳ୍ପନା କରିଥିବା ଏଭଳି ଏକ ବିଶ୍ୱରେ ଭାରତ ଭଳି ଲାଭ ଉଠାଇବାକୁ ଅନ୍ୟମାନେ ଚାହିଁବେ ଓ ଏହାକୁ ସୁବିଧାବାଦୀ ଶୈଳୀ ଭାବେ ଗ୍ରହଣ କରିବେ। ଆମର ବିଶ୍ୱ ସ୍ତରରେ ପହଞ୍ଚିବା ଲାଗି କାହିଁକି ଏଭଳି ଏକ ମାନ୍ଦା ପ୍ରତିକ୍ରିୟା ଗ୍ରହଣ କରିଛୁ ତାହା ବୁଝିବାରେ ଏହା ସାହାଯ୍ୟ କରିପାରେ। ଆମେ ବିଶ୍ୱ ସହ ଅଧିକ ଦେଣନେଣରେ ଜଡ଼ିତ ହେବାକୁ ଚାହୁଁଛୁ, ଯାହା ଜାତିସଂଘ ଭୋଟରୁ ସାମ୍ନାକୁ ଆସିଛି। ପ୍ରମୁଖ ଶକ୍ତିଗୁଡ଼ିକ ଏହାକୁ ବୁଝିଛନ୍ତି ଓ ଗ୍ରହଣ କରିଛନ୍ତି ଏବଂ ଏହା ବଦଳରେ ସେମାନେ ଆମ ସହ ଦେଣନେଣ କରିବେ। ଏହା ଭଲ, ଖରାପ ନା ଭିନ୍ନ ବୈଦେଶିକ ନୀତି, ତାହା ପାଠକେ ନିଷ୍ପତ୍ତି ନେବେ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 6 | | | 2 | | | | |
| 9 | | 5 | | 4 | | | 6 | |
| | | 2 | 1 | | | | | 4 |
| | | | 3 | | 7 | | 9 | |
| | | | | 9 | | 7 | | |
| | | | | | | | 5 | 2 |
| | | | | | | | | |
| 2 | 9 | | 6 | | | 4 | | |
| | | | 4 | 7 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 9 | 1 | 6 | 5 | 3 | 7 | 8 |
| 6 | 5 | 3 | 4 | 7 | 8 | 2 | 1 | 9 |
| 1 | 8 | 7 | 2 | 3 | 9 | 6 | 5 | 4 |
| 9 | 7 | 1 | 8 | 2 | 6 | 5 | 4 | 3 |
| 5 | 3 | 4 | 9 | 1 | 7 | 8 | 2 | 6 |
| 8 | 6 | 2 | 3 | 5 | 4 | 7 | 9 | 1 |
| 3 | 9 | 8 | 7 | 4 | 2 | 1 | 6 | 5 |
| 4 | 2 | 5 | 6 | 8 | 1 | 9 | 3 | 7 |
| 7 | 1 | 6 | 5 | 9 | 3 | 4 | 8 | 2 |

ଗତକାଲିର ଉତ୍ତର

# ଅବକାରୀ ନୀତିରେ ମହିଳାଙ୍କ ସହଭାଗିତା



ଡ. ମାନସ ରଞ୍ଜନ ଶତପଥୀ

ଓଡ଼ିଶାରେ ବହୁଳ ମଦ କାରବାର ହେତୁ ନୂତନ ସରକାରଙ୍କ ଉପରେ ଏକ ମଦ ବିରୋଧୀ ନୀତି ପ୍ରବର୍ତ୍ତନ ପାଇଁ ପ୍ରବଳ ଜନମତ ସୃଷ୍ଟି ହେଉଥିଲା। ଏହାକୁ ନିର୍ଦ୍ଦିଷ୍ଟ ଭାବେ ଦୃଷ୍ଟିରେ ରଖି ନୂତନ ଅବକାରୀ ନୀତି ଆଗତ କରିବାକୁ ସରକାର ଯୋଜନା ରଖିଛନ୍ତି। ସରକାରୀ ସୂତ୍ରରୁ ପ୍ରକାଶିତ ଖବର ଅନୁଯାୟୀ, ନୂତନ ନୀତି ରାଜ୍ୟର ସାମାଜିକ, ଆର୍ଥିକ ସ୍ଥିତି ତଥା ଜନସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ନିଶା କାରବାରକୁ ଅଧିକ ସୁବ୍ୟବସ୍ଥିତ ଏବଂ ନିୟନ୍ତ୍ରିତ ହେବା ଲକ୍ଷ୍ୟ ରଖିଛି, ଯାହା ପ୍ରତି ତିନି ବର୍ଷରେ ପରିବର୍ତ୍ତନ ହେବ। ନୂତନ ଅବକାରୀ ନୀତିରେ ମଦ ନିଷେଧ ନିଷ୍ପତ୍ତି ଯଦି କାର୍ଯ୍ୟକାରୀ ହୁଏ ତେବେ ସରକାରୀ ସ୍ତରରେ ଆର୍ଥିକ କଠିନତା ଭଳି ଆହ୍ୱାନକୁ ସାମ୍ନା କରିବା ସ୍ପଷ୍ଟ। ଅବକାରୀ ରାଜସ୍ୱ ଆଦାୟ ପରିମାଣ ୮,୬୮୦ କୋଟି ଟଙ୍କା ୨୦୨୫ ସୁଦ୍ଧା ପହଞ୍ଚିବାକୁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଥିବା ବେଳେ ଏହା ରାଜ୍ୟ ରାଜସ୍ୱ ଆୟର ଶତକଡ଼ା ୧୪.୭ ଭାଗ କୁହାଯାଏ। ୨୦୨୨-୨୩ ବେଳକୁ ରାଜସ୍ୱ ଆଦାୟ ୬,୪୫୫ କୋଟିରେ ପହଞ୍ଚିଥିଲା। ବର୍ତ୍ତମାନ ରାଜସ୍ୱ ବୃଦ୍ଧି ଆଶାତୀତ ହେଉଥିବା ସରକାରୀ ସ୍ତରରେ ଖୁସିର ବିଷୟ ହୋଇଥିବା ବେଳେ ସାମାଜିକ ସ୍ତରରେ ବର୍ତ୍ତମାନ ଆବାଳ ବୃଦ୍ଧବନିତାଙ୍କୁ ମଦ ଗ୍ରାସ କରିବା ପରିତାପର ବିଷୟ। ଏପରି ସ୍ଥିତିରେ ମଦ ନିୟନ୍ତ୍ରଣ କ୍ଷମତା 'ମିଶନ ଶକ୍ତି' ମହିଳାମାନଙ୍କୁ ହସ୍ତାନ୍ତର କରି ଗୃହଲକ୍ଷ୍ମୀମାନଙ୍କୁ ସରକାର ଅଧିକ ବିଶ୍ୱାସକୁ ଯଦି ନିଅନ୍ତେ ତେବେ ନିଜ ଘରେ ଥିବା ମଦ୍ୟପ ପୁରୁଷଙ୍କୁ ନିୟନ୍ତ୍ରଣ କରିବା ସହ ଗାଁ ଗହଳିରେ ଅତ୍ୟଧିକ ମଦ୍ୟପ ସୃଷ୍ଟି ଉପରେ ଅବଶ୍ୟ ଅଙ୍କୁଶ ଲାଗିପାରନ୍ତା। ମିଶନ ଶକ୍ତି ସ୍ୱୟଂ ସହାୟିକା ମହିଳାମାନେ ନିଜର ଅର୍ଥ ଉପାର୍ଜନ କ୍ଷମତା ବୃଦ୍ଧିରେ ବିଶେଷ ସକ୍ଷମ ହୋଇ ବିଗତ ଦିନଗୁଡ଼ିକରେ ନିଜର ଦକ୍ଷତା ପ୍ରମାଣିତ କରିପାରିଛନ୍ତି। ଭାରତବର୍ଷରେ ଓଡ଼ିଶା ଏପରି ଅନନ୍ୟ ରାଜ୍ୟ, ଯେଉଁଠାରେ ନାରୀ ସମାଜକୁ ମିଶନ ଶକ୍ତି ମାଧ୍ୟମରେ ସରକାର ରୂପାନ୍ତରିତ କରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି।

ବର୍ତ୍ତମାନ ପରିସ୍ଥିତିରେ ଯେକୌଣସି ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ପାଖରେ ପ୍ରବଳ ଭିଡ଼ ହେବା ସହିତ ପାରିପାର୍ଶ୍ୱିକ ଅବସ୍ଥା ମଦ୍ୟପଙ୍କ ଦ୍ୱାରା କଳୁଷିତ ହୋଇଉଠୁଛି। କୋଭିଡ୍ ମଦ ବନ୍ଦ ପରବର୍ତ୍ତୀ ଅବସ୍ଥାରେ ମଦ ଦୋକାନ ଖୋଲିବା କ୍ଷଣି ମାଇଲ ମାଇଲ ଲମ୍ବା ଲାଇନରେ ଠିଆ ହୋଇ ଜନସାଧାରଣ ମଦ ସଂଗ୍ରହ କରିବା, ମଦ ପ୍ରତି ଅହେତୁକ ଦୁର୍ବଳତା ପ୍ରତିପାଦିତ କରିବା କୌତୂହଳର କାରଣ ନିଶ୍ଚୟ। ସାମାଜିକ କର୍ମୀ ତଥା ବୟସ୍କ ଗୋଷ୍ଠୀ ମଦ ନିଷେଧ କରିବାକୁ ଦାବି କରିବା ପଛରେ ଅନେକ କାରଣ ରହିଛି। କୌଣସି ପାର୍କ କିମ୍ବା ମନୋରଞ୍ଜନ ସ୍ଥଳରେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ଦେଖାଯାଏ କିମ୍ବା ଖାଲି ମଦ ବୋତଲ ଗଡୁଥିବା ଦୃଶ୍ୟ ହୁଏ। ଏପରି ସ୍ଥଳକୁ ପରିବାର ସହିତ ଭ୍ରମଣ ଅସମ୍ଭବ ହୋଇଥାଏ। ସ୍କୁଲ କଲେଜ ଛାତ୍ରୀଛାତ୍ରମାନେ ଏହାର କବଳିତ। ଶିକ୍ଷାନୁଷ୍ଠାନ ନିକଟ ପରିଧିରେ ମଦ ବିକ୍ରି ହେବା ଦ୍ୱାରା ଛାତ୍ରୀଛାତ୍ର ନିଶାସକ୍ତ ହୋଇ ଅନୁଷ୍ଠାନର ପବିତ୍ରତାକୁ କଳୁଷିତ କରିବା ସହ ନିଜ ଭବିଷ୍ୟତ ନଷ୍ଟ କରୁଛନ୍ତି। ଅନେକ ଲୁକ୍କାୟିତ କାରଣ ଯୋଗୁ ଆଜି ଓଡ଼ିଶାର ଗଳିକନ୍ଦିରେ ମାଦକ ଦ୍ରବ୍ୟ ସହଜେ ଉପଲବ୍ଧ, ଯଦ୍ଦ୍ୱାରା ଛାତ୍ର ଓ ଯୁବଗୋଷ୍ଠୀ ପଥଭ୍ରଷ୍ଟ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ଏଫ୍ଏଚ୍ଏସ୍) ଅନୁଯାୟୀ ଓଡ଼ିଶାରେ ୧୫ ବର୍ଷରୁ ଅଧିକ ମହିଳାଙ୍କ ସଂଖ୍ୟା ମଦ୍ୟପ ଭାବେ ବୃଦ୍ଧି ପାଇବାରେ ଲାଗିଛନ୍ତି। ଗ୍ରାମାଞ୍ଚଳର ୧୫ ବର୍ଷରୁ ଅଧିକ ବୟସ ପୁରୁଷ ଓ ମହିଳା ସହରାଞ୍ଚଳ ଅପେକ୍ଷା ଅଧିକ ମଦ୍ୟପାନରେ ଲିପ୍ତ। ସେହିପରି ଶତକଡ଼ା ୩୦.୨ ପ୍ରତିଶତ ଗ୍ରାମାଞ୍ଚଳର ପୁରୁଷ ମଦ୍ୟପାନ କରୁଥିବା ବେଳେ ସହରାଞ୍ଚଳରେ ଏହା ୨୨.୭ ପ୍ରତିଶତରେ ସୀମିତ। ଦେଖାଯାଏ, କୌଣସି ବିବାହ ବା ମାଙ୍ଗଳିକ କାର୍ଯ୍ୟକ୍ରମରେ ମଦ ପରିବେଷଣ ଯୁବ ଗୋଷ୍ଠୀଙ୍କ ନିମନ୍ତେ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ମଦ୍ୟପାନ ଯେପରି ଏକ ଆଭିଜାତ୍ୟତନ୍ତ୍ରର ପରିଚୟ ଭାବେ ଏକ ଛଦ୍ମ ଭ୍ରମ ଜାଲ ସୃଷ୍ଟି କରିଛି।

୧୯୯୨ ମସିହା କଟକ ଲୋମହର୍ଷଣକାରୀ ୨୦୦ରୁ ଅଧିକ ମଦ ମୃତ୍ୟୁ ତତ୍କାଳୀନ ଜନତା ଦଳ ସରକାରକୁ ଦୋହଲାଇ ଦେଇଥିଲା। ପରେ ୨୦୦୬ ଓ ୨୦୦୯ ମସିହାରେ ବ୍ରହ୍ମପୁର ଓ ଖୋର୍ଦ୍ଧା ଜିଲାରେ ପୁନଶ୍ଚ ଅନୁରୂପ ଅଘଟଣ ସାମ୍ନାକୁ ଆସିଥିଲା, ଯେଉଁଥିରେ ଯଥାକ୍ରମେ ୨୬ ଓ ୩୦ ଜଣ ପ୍ରାଣ ହରାଇଥିଲେ। ଏବେ ବି ବଡ଼ ଆକାର ନ ହେଲେ ମଧ୍ୟ ମଦମୃତ୍ୟୁ ଖବର ସ୍ଥାୟୀ ଅନ୍ତରରେ ଖବରକାଗଜ ପୃଷ୍ଠାରେ ଦେଖିବାକୁ ମିଳେ। ମଦ ଯେ ବିଭିନ୍ନ ପ୍ରକାର ହିଂସା ଓ ଅପରାଧର କାରଣ ତାହା ପ୍ରମାଣିତ। ବିଜ୍ଞାନ କହେ ଅତ୍ୟଧିକ ମଦ୍ୟପାନ ଦ୍ୱାରା ନିରପେକ୍ଷତା, ଭଲ ମନ୍ଦ ବିଚାର କ୍ଷମତା



ହ୍ରାସ ସହିତ ଉଗ୍ରତା ମଣିଷ ଶରୀରରେ ବୃଦ୍ଧିପାଏ। ଏହା ଦ୍ୱାରା ସାମୟିକ ଅନ୍ଧ ପାଲଟି ସାଧାରଣ ମଣିଷ ବିଭିନ୍ନ ଅପରାଧ କରିବା ଯୋଗୁ ଆଜି ଓଡ଼ିଶା ସମେତ ଦେଶରେ ଅପରାଧ ସୂଚକାଙ୍କ ବୃଦ୍ଧି ପାଉଛି।

ନୂତନ ସରକାରଙ୍କ ପାଇଁ ମଦ ନିଷେଧାଜ୍ଞା ଆଦେଶ ହିମାଳୟ ସଦୃଶ ବାଟ ଓଗାଳୁଛି ନିଶ୍ଚିତ। ଏହାର କାରଣ ହେଲା ପ୍ରାୟ ୯୦୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ। ଏତେ ବଡ଼ ପରିମାଣ ଅନାଦାୟ ହେଲେ ସରକାର ବିକାଶମୁଖୀ କାର୍ଯ୍ୟ ସମ୍ପାଦନ କରିବେ କିପରି! ବିତ୍ତ ଅଧିକାରୀମାନଙ୍କ ମୁଣ୍ଡବିନ୍ଧା କାରଣ ନିଶ୍ଚୟ ହେବ। ହେଲେ, ଜନମଙ୍ଗଳକାରୀ ରାଷ୍ଟ୍ରରେ ସରକାରଙ୍କ ଦାୟିତ୍ୱ ହେଲା ଜନସାଧାରଣଙ୍କ କୁଶଳ ଓ ନିରାମୟ ଜୀବନଯାପନ ସହିତ ଏକ ଭୟ ମୁକ୍ତ, ସ୍ୱାଚ୍ଛନ୍ଦ୍ୟ ଭରା ସମାଜ ଗଠନ। ନାଗରିକ ସୁସ୍ଥ ଓ ସ୍ୱଚ୍ଛ ପରିବେଶରେ ରହିଲେ ଦେଶର ଜିଡିପି ବୃଦ୍ଧିରେ ସହାୟକ ହୋଇପାରିବ, କିନ୍ତୁ ରୁଗ୍ଣ ହେଲେ ନୁହେଁ।

ବିହାର ସରକାର ୨୦୧୫-୧୬ ଆର୍ଥିକ ବର୍ଷରେ ୩,୧୪୬ କୋଟି ମଦ ରାଜସ୍ୱ ପାଉଥିବା ବେଳେ ୨୦୧୬ରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମ୍ପୂର୍ଣ୍ଣ ମଦ ବନ୍ଦ ଘୋଷଣା କରିଥିଲେ। ଫଳରେ ୨୦୧୬-୧୭ରେ ତାହା ୨୯ କୋଟିକୁ ଖସି ଆସିଥିଲା। ତଥାପି ସରକାର ଜନତାଙ୍କ ପ୍ରତି ପ୍ରତିବଦ୍ଧତା ଦେଖାଇ ନିଜ ନିଷେଧାଜ୍ଞା କାଏମ ରଖିଛନ୍ତି।

ମହିଳାମାନଙ୍କୁ ଦାୟିତ୍ୱ ଦେବା ସରକାର ଚିନ୍ତା କରିପାରନ୍ତି। ନିର୍ଦ୍ଦିଷ୍ଟ କେଉଁ ବର୍ଗର ଲୋକଙ୍କୁ ମଦ୍ୟ ଯୋଗାଇ ଦିଆଯିବା ଉଚିତ ନିର୍ଦ୍ଧାରଣ କରିବାକୁ ହେବ। ୨୧ ବର୍ଷରୁ କମ୍ ବୟସ୍କଙ୍କୁ ମଦ ନିହାତି ପକ୍ଷେ ନିଷେଧ କରିବା ସହିତ ସେମାନଙ୍କ ପାଇଁ ନିଶା ସେବନ ଧର୍ତ୍ତବ୍ୟ ଅପରାଧ ଆଖ୍ୟା ଦିଆଯିବା ବିଧେୟ। ମଦ ସମ୍ପୂର୍ଣ୍ଣ ବାରଣ କରିବା ବୋଧେ ସରକାରୀ ଭାବେ ସମ୍ଭବ ନୁହେଁ,କିନ୍ତୁ ମଦ୍ୟପଙ୍କୁ ନିରୁତ୍ସାହିତ କରିବା ପାଇଁ ସଶକ୍ତ ଦଣ୍ଡ ବିଧାନ ସହିତ ଆକାଶଛୁଆଁ ଟିକସ ଦେଲେ ହୁଏତ ଆର୍ଥିକ ଦୁର୍ବଳ ଗୋଷ୍ଠୀ ଏଥିରୁ ବିରତ ହୋଇପାରନ୍ତି। ଗୃହଲକ୍ଷ୍ମୀ ଓ ମହିଳାଙ୍କ ପାଖରେ 'ପେଟେଣ୍ଟ ମେଡିସିନ' ଉପଲବ୍ଧ, ଯେଉଁଥିପାଇଁ କୌଣସି ସ୍ୱାମୀ ମାତାଲ ଅବସ୍ଥାରେ ନିଜ ସ୍ତ୍ରୀ ସାମ୍ନାକୁ ଯିବାକୁ ଭୟ କରନ୍ତି। ମିଶନ ଶକ୍ତି ମହିଳାଙ୍କୁ ମଦ୍ୟ ନିୟନ୍ତ୍ରଣ ସହିତ ସୁବ୍ୟବସ୍ଥିତ ପଦ୍ଧତି ମାଧ୍ୟମରେ ବଣ୍ଟନ କାର୍ଡ ଦ୍ୱାରା ଅନ୍‌ଲାଇନ ହିସାବ ରଖି ନିୟନ୍ତ୍ରିତ ଆକାରରେ ମଦ୍ୟ ବିକ୍ରି କରାଗଲେ ଉଦ୍ଦେଶ୍ୟ ଚରିତାର୍ଥ ହେବ। ମହିଳା ସାଧାରଣତଃ ଘରୋଇ ହିଂସାର ଶିକାର ହୋଇ ବିବାହ ବିଚ୍ଛେଦ ଓ ନିର୍ଯାତନାର ସର୍ବାଧିକ ଅଭିଜ୍ଞ, ତେଣୁ ସେମାନଙ୍କ ଏପରି ମହତ କାର୍ଯ୍ୟରେ ନିୟୋଜନ ମଦ ବିକ୍ରି ନିୟନ୍ତ୍ରଣରେ ସୁଧାର ନିଶ୍ଚିତ ଆଣିପାରିବ। ନାରୀଶକ୍ତି ପରିଶ୍ରମ କରିବା ବେଳେ ଛତୁଫୁଟିଲା ଭଳି ମଦ ଦୋକାନ ଖୋଲିବା ଉପରେ ଅଙ୍କୁଶ ଲାଗିବା ସହିତ ପରିଚୟ ଓ ବୟସ ପ୍ରମାଣପତ୍ର ଦେଖାଇ ମଦ ବିକ୍ରୟ କରିବା ଭଳି ଆଇନ ଜରୁରୀ। ମିଶନ ଶକ୍ତି ଉଦ୍ୟମ, ଅବକାରୀ ଓ ପୋଲିସ ବିଭାଗଙ୍କ ମିଳିତ ତ୍ୱରିତ ଓ ବିହିତ କଠୋର କାର୍ଯ୍ୟାନୁଷ୍ଠାନ ନିହାତି ସମୟୋପଯୋଗୀ।

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ-୯୪୩୭୪୭୯୦୪୫

# ତାଙ୍କ ଅନ୍ତେ



ଶୁଭନାରାୟଣ ଶତପଥୀ

ଛୋଟ ଥିଲାବେଳେ, ତାଙ୍କ ଆଙ୍ଗୁଠି ଧରି ଚାଲିଲାବେଳେ ଲାଗୁଥିଲା ସେହି ଆଙ୍ଗୁଠିଠାରୁ ବଡ଼ ସାହାରା ଆଉ କିଛି ନାହିଁ। ତାଙ୍କ କାନ୍ଧରେ ବସି ବୁଲିଲାବେଳେ ଲାଗୁଥିଲା ଦୁନିଆର ସର୍ବୋଚ୍ଚ ଆସନରେ ବସି ଉଚ୍ଚମନା ହେବାର ଅଭିଳାଷକୁ ପୂର୍ଣ୍ଣ କରୁଥିଲି। ତାଙ୍କ ସହ ସାଇକେଲରେ ଗଲାବେଳେ ଲାଗୁଥିଲା ଜୀବନର ପ୍ରଗତି ରଥରେ ବସିଛି। ତାଙ୍କ ଦୁଇ ବାହୁ ଛାୟା ତଳେ ରହି ଉପଲବ୍ଧି କରୁଥିଲି ପୃଥିବୀର ସବୁଠାରୁ ସୁରକ୍ଷିତ ସ୍ଥାନର ମହତ୍ତ୍ୱକୁ। ଆଉ ସେ ମୋ ସାଙ୍ଗରେ ଥିଲେ ମନେହୁଏ ମୁଁ ମାର୍ଜିତ, ଶୃଙ୍ଖଳିତ, ନୀତିନିଷ୍ଠ, ଦାୟିତ୍ୱବାନ୍ ତଥା ସଫଳତା ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ତାଙ୍କ ଅନୁଶାସନର ଫଳସ୍ୱରୂପ ପ୍ରଶଂସା ମୁଁ ପାଇଛି। ସେ ମୋ ବାପା। ବାଲ୍ୟ ଚପଳାମିରେ ବେଳେବେଳେ ଭାବିନିଏ ସେ ଶୋଇପଡ଼ିଲେ କେତେ ମଜା ସତେ। ନା ଥାଏ ଆକଟ ନା ଥାଏ ଅସୁବିଧା। ତାଙ୍କ ଶୋଇବା ସମୟଟା କାଳେ ମୋ ସ୍ୱାଧୀନତାର ସ୍ୱାଦ ପାଇଁ ପ୍ରକୃଷ୍ଟ ସମୟ ବୋଧହୁଏ। କିନ୍ତୁ ଯେତେବେଳେ ବାପା ଚିର ନିଦ୍ରାରେ ଶୋଇପଡ଼ିଲେ, ତା'ପରେ ଭାବୁଛି ବାଲ୍ୟ ଚପଳାମିରେ ଭାବୁଥିବା କଥାକୁ। ସେ ତ ସ୍ୱାଧୀନତା ନ ଥିଲା, ବରଂ ଥିଲା ମୋ ସାମୟିକ ଆନନ୍ଦର ମରୀଚିକା।

ବାପା ଥିଲେ ମନରେ ଆସୁଥିବା ସବୁ ଇଚ୍ଛା ପୂରଣ ହେବାର ଦୃଢ଼ବିଶ୍ୱାସ ରୁହେ, କିନ୍ତୁ ସେ ନ ଥିଲେ ମନରେ ଆଶା ଥାଏ ସତ, କିନ୍ତୁ ଦୃଢ଼ତା କମିଯାଏ। ନିଜ ଉପରେ ଭରସା ପାଏନା। ଆହ୍ୱାନ, ପ୍ରତିବନ୍ଧକ, ଅସୁବିଧାକୁ ସାମ୍ନାରେ ଦେଖି ମନ ଭିତରଟା ଦୁର୍ବଳତାରେ ଭରି ହୋଇଯାଏ। ଏବେ ଜାଣିପାରୁଛି ଫରକ। ସେ ଥିଲାବେଳ ଆଉ ବର୍ତ୍ତମାନ ଭିତରେ। ଯେପରି ଯୋଜନା କରିବାକୁ, ତାକୁ କାର୍ଯ୍ୟକାରୀ କରିବାକୁ, ପରିବାରର ଭାର ବୋହିବାକୁ, ନିଜ କାନ୍ଧ ପର୍ଯ୍ୟାପ୍ତ ନୁହେଁ। ସାଙ୍ଗରେ ଠିଆ ହେବାକୁ ବାପା ନାହାନ୍ତି ସିନା, ସେ ଯେମିତି ଗଢ଼ିଛନ୍ତି ସେମିତି ଓ ସେତିକି ଶକ୍ତିରେ ମୁଁ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛି। ଅନୁଭବ ହେଉଛି ବାପା ଥାଆନ୍ତେ କି ଏ ସବୁର ଚିନ୍ତା ନଥାନ୍ତା। ସେ କ'ଣ ତାହା ସେ ଥିଲାବେଳେ ଜଣାପଡୁ ନ ଥିଲା। କାରଣ ସେ ତ ସବୁ ବୁଝୁଥିଲେ। ପ୍ରତିବଦଳରେ ସେ ଚାହୁଁଥିଲେ ଟିକେ ସମ୍ମାନ ଓ ଶ୍ରଦ୍ଧା। ସନ୍ତାନଙ୍କ ଅଳିଅର୍ଦ୍ଦଳିଠାରୁ ଘରର ପ୍ରତ୍ୟେକ ଆବଶ୍ୟକତା ପୂରଣ କରୁକରୁ ନିଜକୁ ଅବହେଳିତ କରିଦେଉଥିଲେ ସିନା, କିନ୍ତୁ କିଛି କହୁନଥିଲେ କି କହିବାକୁ ଦେଉନଥିଲେ। ବରଂ ଏହା କହୁଥିଲେ ଯେ ମୋ ଅନ୍ତେ ମୋ ସନ୍ତାନମାନେ ମୋଠାରୁ ଅଧିକ ଉନ୍ନତ ଓ ବିକଶିତ ହେବେ। ସନ୍ତାନ ଭାବରେ ବୁଝି ହେଉ ନ ଥିଲା ବାପାଙ୍କ ଅନ୍ତ ଯେ ଆନ୍ତରିକ ସହାୟତା, ଶକ୍ତି, ସହଯୋଗ, ମାର୍ଗଦର୍ଶନର ଅନ୍ତ ବୋଲି। କାରଣ ଏମିତି ଲୋକଟିଏ କେହିନାହିଁ, ଯିଏ ବିନା ସ୍ୱାର୍ଥରେ, ବିନା ଅର୍ଥରେ, ବିନା ଉଦ୍ଦେଶ୍ୟରେ, ମୋ ପାଇଁ, ମୋ ପାଖରେ ଠିଆ ହେଉଥିବ ସବୁ ସମୟରେ, ସବୁ ପରିସ୍ଥିତିରେ।



ବାପାଙ୍କ ଅନ୍ତେ ତାଙ୍କୁ ବେଶି ଭାବୁଛି, ତାଙ୍କ ଅନୁପସ୍ଥିତିକୁ ଅନୁଭବ କରୁଛି। ସେ ଥିଲାଯାଏ ଅନୁଭବ ହେଉ ନ ଥିଲା, ସେ କ'ଣ କରନ୍ତି, କ'ଣ ଭରନ୍ତି, କ'ଣ ଗ୍ରହଣ କରନ୍ତି। ଯେତେଲୋକ ନିଜର ହୁଅନ୍ତୁ ପଛେ ବାପାଙ୍କ ଅନ୍ତେ ତାଙ୍କ ସ୍ଥାନ ପରିପୂରଣ ହୋଇପାରେ ନାହିଁ, ଏହାହିଁ ବିଡ଼ମ୍ବନା। ସେ ଥିଲାବେଳେ ଜାଣିବାକୁ ଦିଅନ୍ତି ନାହିଁ ଯେ ସେ କେତେ କଷ୍ଟରେ ଅଛନ୍ତି, ଦୁଃଖରେ ଅଛନ୍ତି, ଦାରିଦ୍ର୍ୟକୁ ମୁକାବିଲା କରୁଛନ୍ତି ଓ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ କ'ଣ ପ୍ରୟାସ କରୁଛନ୍ତି। ଏ ସବୁର ଆଢୁଆଳରେ ବାପା କେବଳ ଶାର୍ଟପ୍ୟାଣ୍ଟ ଓ ଘଣ୍ଟାପିନ୍ଧା ମଣିଷଟିଏ। ଯାହା ସବୁ ସେ ପିନ୍ଧିଥାନ୍ତି, ତାହାର ମୂଲ୍ୟ ସନ୍ତାନ ପାଇଁ ବହୁତ ଅଧିକ, କିନ୍ତୁ ବଜାରରେ ସବୁଠାରୁ କମ୍। ତଥାପି ବାପା ପୂରଣ କରିଆସୁଥିଲେ ଅନ୍ୟମାନଙ୍କ ଡ୍ରେସ, ଜୋତା, ଘଣ୍ଟା ଇତ୍ୟାଦିର ଆବଶ୍ୟକତା। ଏବେ ଏସବୁ ମୋତେ ପସନ୍ଦ କରିବାକୁ ପଡୁଛି। ଖର୍ଚ୍ଚ ବି କରିବାକୁ ପଡୁଛି। ରୋଜଗାରର କଷ୍ଟ ଓ ମୂଲ୍ୟ ବୁଝିପାରୁଛି। ଆମେ ଏକାଠି ଥିଲୁ ଗୋଟିଏ ଛତା ତଳେ। ଖାଉଥିଲୁ, ବସୁଥିଲୁ, ଖେଳୁଥିଲୁ। ଏବେ ଏସବୁ ପରିଚାଳନା କରିବା କେତେ କଷ୍ଟ, ତାହା ବୁଝିପାରୁଛି।

ଏବେ ସେ ହାତ ଆଉ ନାହିଁ, ଯାହାକୁ ଧରି ଖୁସିରେ ଡେଇଁଡେଇଁ ଚାଲିବି। ସେ କାନ୍ଧ ଆଉ ନାହିଁ, ଯାହା ଉପରେ ବସି ଉଚ୍ଚମନା ହେବି। ତାଙ୍କ ମାର୍ଗଦର୍ଶନ ନାହିଁ, ଯାହା ବଳରେ କଣ୍ଟକିତ ପଥ ଅତିକ୍ରମ କରିବି। ତାଙ୍କ ଘଣ୍ଟା ଏଠି ସେମିତି ପଡ଼ିରହିଛି, କିନ୍ତୁ ସେ ସମୟ ଚାଲିଯାଇଛି, ଯାହାକୁ ମନେପକାଇ ଆଖି ଛଳଛଳ ହୋଇଯାଉଛି। ସେ ଶାର୍ଟପ୍ୟାଣ୍ଟ ସେମିତି ଆଲଣାରେ ପଡ଼ିଛି, କେହି ନ ଥିଲାବେଳେ ତାକୁ ଆଉଁଶି ଦେଉଛି। ସତେଯେମିତି ତାଙ୍କ ସାଇକେଲଟା ମୋତେ କହୁଛି- ଧନରେ, ମୋ ପିଠିରେ ତୁ ଟିକେ ବସିପଡ଼, ମୋତେ ଚଲାଇନେ, ତୋ ହାତରୁ ମୁଁ ତୋ ବାପାଙ୍କ ସ୍ପର୍ଶକୁ ଅନୁଭବ କରିପାରିବି। ତାଙ୍କ ଜୋତା ହଳକ ଦେଖିଲେ ନିଜ ମୁଣ୍ଡରେ ଥୋଇଦେବାକୁ ଇଚ୍ଛା ହେଉଛି। ଏମିତି ଫଟାଜୋତା ପିନ୍ଧି ସେ ଚାଲୁଥିଲେ ଆଉ ମୁଁ ତାଙ୍କ କାନ୍ଧରେ ବସି ଖୁସି ସାଉଁଟୁଥିଲି ବୋଲି ଫଟାଜୋତାରେ ପାଦର କଷ୍ଟକୁ ଅନୁଭବ କରିପାରୁନଥିଲି। ବାସ୍ତବିକ ବାପାଙ୍କ ଅନ୍ତେ ବାପାଙ୍କ ହୃଦୟ, ମନର ପୃଷ୍ଠାସବୁକୁ ପଢ଼ିବା ଭାରି ସହଜ। କିନ୍ତୁ ସେ ଥିଲାବେଳେ ଏସବୁ ଜାଣିବାରେ ମୋର ଆଗ୍ରହ ନଥିଲା। ହୁଏତ ତାଙ୍କ ଇଚ୍ଛା ମୁତାବକ ସବୁ କ୍ଷେତ୍ରରେ ନିଜକୁ ରାଜିକରାଇ ତାଙ୍କ ସହ ଚାଲିଥିଲେ ଆଜି ଏତେ ଅନୁତାପ କରୁନଥାନ୍ତି। ସେ ତ ସବୁ ମୋ ଭଲ ପାଇଁ କହୁଥିଲେ ଓ କରୁଥିଲେ। କେବଳ ମୁଁ ତାଙ୍କ ଆକଟ, ଗାଳି, କଟୁକଥାକୁ ଭୁଲ ବୁଝୁଥିଲି। ଆଜି ସମାଜରେ ବାପାମାନଙ୍କୁ ଦେଖିଲେ ମୋ ବାପାଙ୍କ ସହ କାଟିଥିବା ପୁରୁଣାଦିନଗୁଡ଼ିକ ମନେପଡ଼ିଯାଏ। ଏହା ଅଧିକାଂଶ ସନ୍ତାନଙ୍କ ଜୀବନରେ ଘଟେ ଜାଣିଲା ବେଳକୁ ନେଡ଼ିଗୁଡ଼ କହୁଣିରେ। ବେଳହୁଁ ବାପାଙ୍କୁ ବୁଝିବାର କଥା। ତାଙ୍କୁ ସମ୍ମାନ, ଶ୍ରଦ୍ଧା ଦେଇ ତାଙ୍କ ଆଶୀର୍ବାଦ ନେବା କର୍ତ୍ତବ୍ୟ ଆମର। କିଏ ଜାଣିଛି କାଲି କ'ଣ ଘଟିବ? ତାଙ୍କ ଅନ୍ତେ ଆମକୁ କେତେ ଧୈର୍ଯ୍ୟ ରଖିବାକୁ ପଡ଼ିବ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଦିଲ୍ଲୀ କଳା ଓ ବାଣିଜ୍ୟ କଲେଜ (ଡିସିଏସି)ର ଛାତ୍ରୀଛାତ୍ରଙ୍କ ଏକ ଟିମ୍ ସମାଜସେବାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏହି କଲେଜର ଛାତ୍ରୀଛାତ୍ର ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ଏହି ଟିମ୍ ୧୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ସଶକ୍ତ କରିସାରିଛନ୍ତି। ଏହି ଦିବ୍ୟାଙ୍ଗମାନେ ସେମାନଙ୍କ ସମୁଦାୟ ପୋଷାକ ତିଆରି କରୁଛନ୍ତି। ଛାତ୍ରୀଛାତ୍ରମାନେ ୨୦୨୩ରେ 'ପ୍ରୋଜେକ୍ଟ ରିୟାତ' ପ୍ରୋଜେକ୍ଟ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ପ୍ରଥମେ ଏହାର ମୁଖ୍ୟ ଥିଲେ ଅଭିଶି। ଏବେ ମିଶା ଉରୋଜ ଦାୟିତ୍ୱ ତୁଲାଉଛନ୍ତି। ଡିସିଏସିର ଟିମ୍ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ଟେଲରିଂ ଶିକ୍ଷା ଦେଉଛନ୍ତି। ପ୍ରତିଦିନ ସନ୍ଧ୍ୟା ୬ଟାରେ ଏହି କାମ ପାଇଁ ସେମାନେ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟ କରୁଛନ୍ତି। ପ୍ରୋଜେକ୍ଟର ୱେବ୍‌ସାଇଟରେ ପୋଷାକ ବିକ୍ରି ପାଇଁ ଅର୍ଡର ସଂଗ୍ରହ କରାଯାଉଛି। କେବଳ ଏତିକି ନୁହେଁ, ଡିସିଏସି ଟିମ୍ ୮୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତି ଓ ରୋଜଗାରର ପନ୍ଥା ସମ୍ପର୍କରେ ସଚେତନ କରିସାରିଲେଣି। ଏହିସବୁ କାର୍ଯ୍ୟରେ ଛାତ୍ରୀଛାତ୍ରଙ୍କ ସହ ଦିଲ୍ଲୀସ୍ଥିତ ଅଣ ଲାଭକାରୀ ସଂସ୍ଥା ଫ୍ୟାମିଲି ଅଫ୍ ଡିଜାବିଲିଟି(ଏଫ୍ଓଡି) ସାମିଲ ହୋଇଛି, ଫଳରେ ଛାତ୍ରୀଛାତ୍ର ଆର୍ଥିକ ସହାୟତା ପାଇପାରୁଛନ୍ତି।

## ଚିରନ୍ତନୀ

ଯେତେ କୋଟି ଯାତ୍ରୀ-ପଦ ପଡିଛି ଏ ମନ୍ଦିର ଦୁଆରେ
ଭବିଷ୍ୟତେ ଯେତେ ପୁଣି ଲାଗିବ ଏ ପାଷାଣ ହିଆରେ
ନ ରହିବ ଇତିହାସ ନ ରହିବ ଚିହ୍ନ,
ଏ ପାଷାଣ ଗାତ୍ର କାହିଁ ନୋହିବ ବିଦୀର୍ଣ୍ଣ,
କିନ୍ତୁ ସେ ଯେ ବିଶ୍ୱାସ ଭକତି
ତା' ଉଦ୍ଦେଶ୍ୟେ ଜଣାଏଁ ମୁଁ ନତି!
ମାନବ-ଜୀବନେ
ଅମୂଲ୍ୟ ସେ ଧନ
ନମସ୍କାର
ବାରମ୍ବାର।

(ପୁରୀ-ମନ୍ଦିର)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମର୍ନିଂୱାକ୍‌ରେ ଫୁଲତୋଳା

ମହାଶୟ,
ଠାକୁର ପୂଜାରେ ଫୁଲର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଆଜିର ଦିନରେ ଅନେକେ ପର ବାଡ଼ିରୁ ଚୋରି କରି ଫୁଲ ଆଣିବା, ମର୍ନିଂୱାକ୍‌ରେ ବୁଲିବାକୁ ଯାଇ ଅଗାଧୁଆ ଫୁଲ ତୋଳି ଠାକୁର ପୂଜା କରୁଛନ୍ତି। ଏହିସବୁ ଫୁଲ ଠାକୁର ପୂଜାରେ ଲାଗିବା ଶୁଭ ନୁହେଁ। ଠାକୁର ଘରେ ରଖି ପୂଜା କରିବାକୁ ଚାହୁଁଥିଲେ ପ୍ରଥମେ ନିଜ ବାଡ଼ିରେ ଫୁଲଗଛ ଲଗାନ୍ତୁ। ଶୁଦ୍ଧପୂତ ଭାବରେ ସ୍ନାନ କରି ନିଜ ବାଡ଼ିରେ ଫୁଟୁଥିବା ଫୁଲ ହିଁ ତୋଳନ୍ତୁ। ପର ବାଡ଼ିରୁ ଫୁଲଗଛକୁ ଜୋର୍‌ଜବରଦସ୍ତ ଟାଣନ୍ତୁ ନାହିଁ। ଏହାସହ ଦେଖାଯାଏ ଯେ, ପରବାଡ଼ିରୁ ଫୁଲକୁ ପଲିଥିନରେ ଆଣୁଛନ୍ତି। ପଲିଥିନ ବ୍ୟବହାର ବନ୍ଦ କରନ୍ତୁ। ପରବାଡ଼ିର ଫୁଲ ଠାକୁର ପୂଜାରେ ଆଦୌ ଲଗାନ୍ତୁ ନାହିଁ। ଏପରି କରି ଠାକୁର ପୂଜା କଲେ ନିଜକୁ ଆତ୍ମସନ୍ତୋଷ ମିଳିପାରେ, କିନ୍ତୁ ଠାକୁର ଖୁସି ହେବେ ନାହିଁ।

**—ଅଶୋକ ରାଉଳ, ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର**

### ଏବେଠୁ ମାସ୍କ ପିନ୍ଧିବା

ଦ୍ୱିତୀୟ ପର୍ଯ୍ୟାୟରେ ଚାଇନାରୁ ଆସି କରୋନା ଆମ ଦେଶରେ କାୟା ବିସ୍ତାର କଲାଣି। ବର୍ତ୍ତମାନ ଦିଲ୍ଲୀ, ଗୁଜରାଟ ଓ ମହାରାଷ୍ଟ୍ରରେ ଅଧିକ ବ୍ୟାପୁଛି। ସଂକ୍ରମଣ ଅଧିକ ହେଲେ ତାକୁ ସହଜରେ ଆୟତ୍ତ କରିହେବନି। ସାମାନ୍ୟ ଥଣ୍ଡାରୁ କାଶ, ଜ୍ୱର ଆଦି ହୋଇ ପରିବାରରୁ ପରିବାର ସମଗ୍ର ଗ୍ରାମକୁ ବ୍ୟାପିବ। ହାଟ, ବଜାର ଓ ଲୋକଙ୍କ ଗହଳି ହେଲେ ଏହା ଅତି ମାତ୍ରାରେ ବ୍ୟାପିବ। ଛୋଟ ପିଲା, ବୃଦ୍ଧ, ବୃଦ୍ଧା ଓ ରୋଗୀମାନଙ୍କୁ ବେଶି ଆକ୍ରାନ୍ତ କରିବ। ସୁତରାଂ ହାତକୁ ସାବୁନରେ କିମ୍ବା ଉଷୁମ ପାଣିରେ ମଝିରେ ମଝିରେ ପରିଷ୍କାର କରି ଧୋଇବା ସହ ପୂର୍ବଭଳି ମାସ୍କ ବ୍ୟବହାର କରିବା ଆବଶ୍ୟକ। ସରକାର ସତର୍କ କରାଇବା ପୂର୍ବରୁ ଆମେ ନିଜେ ସତର୍କ ହୋଇଯିବା ଉଚିତ।

**— ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଲୁଟି ନେଲେ ଫୋନ, ଟଙ୍କା

ଛତ୍ରପୁର,(ଦିଲ୍ଲୀପ ସାମଲ)ଚମାଖଣ୍ଡି ଥାନା ଅଧିନ ସୀତା ନଗର ଗ୍ରାମ ସ୍ଥିତ କାଳି ମନ୍ଦିର ନିକଟ ଜାତୀୟ ରାଜପଥରେ ୨ ଦୁର୍ବୃତ୍ତ ବାଇକରେ ଆସି ଜଣଙ୍କ ଠାରୁ ମୋବାଇଲ ଫୋନ ଓ ଟଙ୍କା ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଥାଉକି ଶୁକ୍ରବାର ରାତିରେ ବ୍ରହ୍ମପୁର ଗଜପତିନଗର ଅଞ୍ଚଳର ପ୍ରଦୀପ ପାଢି ନିଜ ବାଇକରେ ଛତ୍ରପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଜାତୀୟ ରାଜପଥ କାଳୀ ମନ୍ଦିର ନିକଟରେ ୨ ଜଣ ଯୁବକ ବାଇକରେ ଆସି ମୋବାଇଲ ଫୋନ ଓ କିଛି ଟଙ୍କା ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ପ୍ରଦୀପ ଚମାଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି।



## ଜେଲ୍ ଗଲେ ସମ୍ପର୍କୀୟ ମାମୁ

ମୋହନା,୧୪।୬(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଖାରୀଗୁଡା ଗାଁର ଜଣେ ନାବାଳିକା(୭)ଙ୍କୁ ତାଙ୍କ ସମ୍ପର୍କୀୟ ମାମୁ ବଳାତ୍କାର କରିଥିବା ନେଇ ପରିବାର ଲୋକେ ମୋହନା ଥାନାରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପରେ ସମ୍ପୃକ୍ତ ସମ୍ପର୍କୀୟ ମାମୁ ନାରୀଙ୍ଗି ଗାଁର ଲଛମନ ନାୟକ (୬୦)ଙ୍କୁ ପୋସ୍କୋ ନିୟମ ଅନୁଯାୟୀ ଗିରଫ କରି ପୋଲିସ ଶନିବାର କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ମୋହନାରେ ମହିଳା ଡାକ୍ତର ନ ଥିବାରୁ ଶୁକ୍ରବାର ବ୍ରହ୍ମପୁର ମେଡିକାଲରେ ନାବାଳିକାଙ୍କ ପରୀକ୍ଷା କରାଯାଇଥିଲା। ପରେ ତାଙ୍କୁ ସୁଧାର ଗୃହକୁ ପଠାଯାଇଥିଲା। ଏନେଇ ୮୪/୨୫ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

## ଓଲଟିଲା ହିଟାଚି ବୋଝେଇ ଗାଡ଼ି

ବ୍ରାହ୍ମଣୀଗାଁ,୧୪।୬ (ମନୋରଞ୍ଜନ ରଣା)

ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣା ଘଟିଛି। କଡମ୍ବା ଛକ ନିକଟ ବାଡୁଙ୍ଗୁ ଘାଟି ବୁଲାଣିରେ ଭାରସାମ୍ୟ ହରାଇ ହିଟାଚି ବୋଝେଇ ଗାଡ଼ି ଓଲଟି ପଡ଼ିଛି। ଦୁର୍ଘଟଣାରୁ ଗାଡ଼ି ଚାଳକ ଓ ୩ ଯାତ୍ରୀ ଅଳ୍ପକେ ବର୍ତ୍ତିଛନ୍ତି। ତାରାତାରିଣୀ କନଷ୍ଟ୍ରକସନର ଏକ ମାଲବାହୀ ଗାଡି ନଂ.(ଓଡ଼ି ୦୭ଏଫ ୭୧୫୧)ରେ ହିଟାଚି ମେସିନ ବୋଝେଇ ହୋଇ ଚନ୍ଦ୍ରଗିରିଠାରୁ ବାଲିଗୁଡ଼ା ନିକଟ ମହାସିଙ୍ଗି ଅଭିମୁଖେ ଯାଉଥିଲା।

## ମୋବାଇଲ, ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ଗୋପାଳପୁର,୧୪।୬(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆ ପଦର ନିକଟସ୍ଥ ପ୍ରତିମା ଫିଲିଙ୍ଗ ଷ୍ଟେସନରେ ନିକଟରେ ଟ୍ରକ ପାର୍କିଙ୍ଗ କରି ହେଲ୍ପର ବିଶ୍ରାମ ନେଉଥିବା ବେଳେ ୩ ଯୁବକ ବାଇକରେ ଆସି ଟ୍ରକ ଡୋର ଖୋଲି ମୋବାଇଲ ଓ ପର୍ସରେ ଥିବା ୩ ହଜାର ଟଙ୍କା ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଖବର ଅନୁସାରେ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ ପଞ୍ଚୁଡି ଗ୍ରାମର ଓମ ରଞ୍ଜନ ବେହେରା ଏକ ଟ୍ରକରେ ହେଲ୍ପର ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ଅପରାହ୍ନ ସାଢେ ୨ ଟା ବେଳେ ଅଟୋ ନଗର ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଟ୍ରକ ପାର୍କିଙ୍ଗ କରି ବିଶ୍ରାମ ନେଇଥିଲେ। ସାଢେ ଚାରିଟା ବେଳେ ଉଠିକି ଦେଖିଲେ ତାଙ୍କ ମୋବାଇଲ ଏବଂ ପର୍ସ ଗାଡିରେ ନାହିଁ। ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜରେ ୩ ଜଣ ଯୁବକ ଏକ ଧଳା ରଙ୍ଗ ପଲସର ବାଇକରେ ଆସି ଟ୍ରକ ଡୋର ଖୋଲି ନେଇଥିବା ଦେଖିବକୁ ମିଳିଥିଲା। ଏ ନେଇ ଓମ ରଞ୍ଜନ ଶନିବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## ବିଶ୍ୱରକ୍ତଦାତା ଦିବସ ପାଳିତ

ଭଞ୍ଜନଗର,୧୪।୬(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଶନିବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ଅଧୀକ୍ଷକ ଡ଼ା ଗୋବିନ୍ଦ ବିଶାସ ଏବଂ ଡ଼ା ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ବିଶ୍ୱ ରକ୍ତଦାତା ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରକ୍ତଦାତା ତାରସିଂ ଥାନା ଏସଆଇ ସମୀର ବେହେରା, ବେଲଗୁଣ୍ଠାର ଚିନ୍ମୟ ପତି, ମଙ୍ଗଳପୁରର ଟୁକୁନା ଆପଟ, ରାଣୀଭୂମିର ସନ୍ତୋଷ ଦଳବେହେରା, ମାନିତରାର ସୁଧାଂଶୁ ଶେଖର ରାଉତ, ବେଣିପଲ୍ଲିର ମନୋଜ ଡାକୁଆ ଏବଂ ଖଇରପୁଟିର ଅରୁଣ ଦଳବେହେରାଙ୍କୁ ସମ୍ମାନିତ କରାଯାଇଥିଲା।

## ବିଦ୍ୟୁତ୍ ତାର ଉପରେ ଗଛ ପକାଇଲେ ଦୁର୍ବୃତ୍ତ

ଦାରିଙ୍ଗବାଡି,୧୪।୬ (ଅରୁଣ ସାହୁ)

ଦାରଙ୍ଗବାଡ଼ି ବ୍ଲକ୍ ସିମନବାଡ଼ି ନୂତନ ସବଷ୍ଟେସନ ଶନିବାର କାର୍ଯ୍ୟ ଚାଲିଥିବାରୁ ଦିନବେଳେ ବିଦ୍ୟୁତ୍ କଟାଯାଇଥିଲା। ଅପରାହ୍ନରେ ବିଦ୍ୟୁତ୍ ସ୍ୱାଭାବିକ ହେବାର ମାତ୍ର କିଛି ସମୟ ମଧ୍ୟରେ ସୁଲୁମାହା ଗ୍ରାମ ନିକଟ ଜଙ୍ଗଲରେ କେହି ଅଜଣା ଦୁର୍ବୃତ୍ତ ୧୧ କେଭି ତାର ଉପରେ ଗଛ କାଟି ପକାଇଦେବାରୁ ବିଦ୍ୟୁତ୍ ସେବା ଅଚଳ ହୋଇପଡ଼ିଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମରାମତି ହେବା ପରେ ବିଦ୍ୟୁତ୍ ସ୍ୱାଭାବିକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦେଇଥିଲେ। ଖବର ଲେଖିବା ସୁଦ୍ଧା ଶ୍ରାନିକେତା ପଞ୍ଚାୟତ ସମେତ ସିମନବାଡ଼ି, କିରିକୁଟି, ତିଲୋରୀ, ବୁଢ଼ାଗୁଡ଼ା ଗୁମିକିଆ, କୋଟଗଡ଼ ବ୍ଲକ୍ ପକାରୀ, ବାଲିଗୁଡ଼ା ବ୍ଲକ ରତୁଙ୍ଗିଆର ହଜାର ହଜାର ଉପଭୋକ୍ତା ଅନ୍ଧାରରେ ରହିଥିବା ଜଣାପଡିଛି।

# ପାନ୍ଥ ନିବାସରେ ରଜ ମହୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ରମ୍ଭା,୧୪।୬(ବନବାସୀ ସେଠୀ)

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶାର ଓଟିଡିସି ରମ୍ଭା ପକ୍ଷରୁ ରଜ ମଉଜ ପାଳନ କରାଯାଉଛି। ପାରମ୍ପରିକ ଭାବେ ୩ଦିନ ଧରି ହେଉଥିବା ଉତ୍ସବକୁ ରମ୍ଭା ଆଇଆଇସି କୁମର ମୁଦୁଲି ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡ଼.ମୀରାବାଇ ପଣ୍ଡା ସଂଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ପାନ୍ଥ ନିବାସ ପରିଚାଳକ ସୋମ ପଣ୍ଡା, ଦୀପକ ଦାସ, ସୁବୋଧ ସ୍ୱାଇଁ, ବିନୋଦ ଜେନା, ରଞ୍ଜନ ମହାପାତ୍ର, ଆଶିଷ ମଲ୍ଲିକ, ସୀମାଞ୍ଚଳ ବିଶୋୟୀ, ଗଣେଶ ଚୌଧୁରୀ, ପ୍ରଶାନ୍ତ ସେଠୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକା ଟାଉନ ହଲ୍ ପରିସରରେ ରଜ ମହୋତ୍ସବ ଆରମ୍ଭ ହୋଇଛି। ପତଞ୍ଜଳି ଯୋଗ ସମିତି ଓ ଆସିକା ଟାଉନ୍ ହଲ୍ ଆଥେଲେଟକ୍ ଆଶୋସିଏସନର ମିଳିତ ଉଦ୍ୟମରେ ହୋଇଥିବା ଉତ୍ସବରେ ସଭାପତି ଦିଲିପ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଗଣେଶ ରଥ ଉଦ୍‌ଘାଟନ କରି ଓଡିଶାର ପର୍ବପର୍ବାଣୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉତ୍ସବ ସ୍ଥଳୀରେ ବିଭିନ୍ନ ଦୋଳିରେ ସମସ୍ତେ ଖେଳିବା ସହ ଆୟୋଜକଙ୍କ ପକ୍ଷରୁ ମିଠା ପାନ ବଣ୍ଟା ଯାଇଥିଲା। ତାରିଣୀ ସେନାପତି, କାମେଶ୍ୱର ଆଚାରୀ, ବାବୁଲା ଗୌଡ, ସୁରେନ୍ଦ୍ର ବିଷୋୟୀ, ବାବୁ ଆଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରହୀ):** ବାଲିଗୁଡ଼ା ଟାଉନର ଦଣ୍ଡପାଣି ଲଜ୍‌ର ସାଂସ୍କୃତିକ ହଲ ପରିସରରେ ରଜ ମଉଜ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଦୋଳି ଖେଳ ସହିତ ପାରମ୍ପରିକ ନୃତ୍ୟ ଗୀତ ପ୍ରତିଯୋଗିତା ମଧ୍ୟ ହେଉଛି। ରଜ ଅବସରରେ ମିଠା ପାନର ସବୁଠି ପସରା ଦେଖିବାକୁ ମିଳିଛି।

ଗୋପାଳପୁର,(ନବୀନ ରାଜ ଆଚାରୀ): ରଜ ପାଇଁ ଗଞ୍ଜାମ ଜିଲା ଗୋପାଳପୁର ପାନ୍ଥ ନିବାସ ପରିସରରେ ଶନିବାର ରଜ ମହୋତ୍ସବ ପାଳିତ ହୋଇଛି। ଏଥିରେ ଅତିଥି ରୂପେ ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଉପାଧ୍ୟକ୍ଷା ବି.ଉମା, ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ, ଖବରଦାତା ଶକ୍ତିଧର ରାଜଗୁରୁ, ସାମାଜିକ କର୍ମୀ ପଞ୍ଚୁ ବେହେରା, ସହକାରୀ ପରିଚାଳକ ବାଇଲୋଚନ ବିଶ୍ୱାଳ, ଖବରଦାତା ରାଜେଶ ସାହୁ, କାଉନସିଲର ବି. ଗୋପାଳ କ୍ରିଷ୍ଣା, କଳ୍ପନା ବେହେରା, ନିର୍ମଳ କୁଜୁରୁ, ସୁନୀତା ସାହୁ, ଜି. ମୋହନ ରାଓ, କେ. କାଲେଶୁ ଉପସ୍ଥିତ ଥିଲେ। ନାରାୟଣ ମହାଙ୍କୁଡ ଅଧ୍ୟକ୍ଷତା କରିଥିଲେ। ପାନ୍ଥ ନିବାସ ପରିଚାଳକ ସାୟଦ ଅଲ୍ଲୀ ରଜ ମହୋତ୍ସବ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ବହୁ ଯୁବତୀ, ମହିଳା ଏଥିରେ ସାମିଲ ହୋଇଥିଲେ। ଖବରଦାତା ସୁଦୀପ ସାହୁ ଧନ୍ୟବାଦ ଦେଇଥିଲେ।

ବୁଗୁଡ଼ା, (କାଳୀଚରଣ ଦାଶ): ବୁଗୁଡ଼ା ଅଞ୍ଚଳ ପହିଲି ରଜରେ ଉତ୍ସବମୁଖର ହୋଇ ଉଠିଛି। ସହର ଓ ଗ୍ରାମାଞ୍ଚଳରେ ଶିଶୁଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତା ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥୀଙ୍କ ମେଳରେ ରଜ ପାଳନ କରୁଥିବା ଦେଖିବାକୁ ମିଳିଛି। ରଜ ଅବସରରେ ମିଠା ପାନର ଚାହିଦା ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି।

## ନିଟ୍ (ୟୁଜି) ପରୀକ୍ଷାରେ ରୁଦ୍ର ପ୍ରତାପଙ୍କୁ ସଫଳତା

ବୁଗୁଡ଼ା,୧୪।୬(କାଳିଚରଣ ଦାଶ)



ରୁଦ୍ର ପ୍ରତାପ ସ୍ୱାଇଁ

ଶନିବାର ପ୍ରକାଶ ପାଇଥିବା ନିଟ୍ (ୟୁଜି) ପରୀକ୍ଷାରେ ବୁଗୁଡ଼ା ବ୍ଲକ୍ ମୋଟାବାଡି ପଞ୍ଚାୟତ ଅନ୍ତର୍ଗତ ଡାକରାବାଡ଼ି ଗ୍ରାମର ରୁଦ୍ର ପ୍ରତାପ ସ୍ୱାଇଁଙ୍କୁ ସଫଳତା ମିଳିଛି। ପିଲାବେଳୁ ବାପା ଏରକାଇଲୁ ସ୍ୱାଇଁଙ୍କୁ ହରାଇ ମାଆଙ୍କ ପ୍ରେରଣାରେ ବଢିଆସିଥିବା ରୁଦ୍ରପ୍ରତାପ ବ୍ରହ୍ମପୁରସ୍ଥିତ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୁକ୍ତ ୨ ଅଧ୍ୟୟନ ପରେ ଏହି ନିଟ୍ (ୟୁଜି) ପରୀକ୍ଷା ଦେଇଥିଲେ। ସେ ଦ୍ୱିତୀୟ ଉଦ୍ୟମରେ ସଫଳତା ପାଇଛନ୍ତି। ମୋଟ ୭୨୦ ନମ୍ବରରୁ ରୁଦ୍ର ପ୍ରତାପ ୬୦୪ ନମ୍ବର ରଖି ରାଜ୍ୟସ୍ତରରେ ୩୪୨ ର୍‍ୟାଙ୍କ୍ ଏବଂ ସର୍ବଭାରତୀୟ ସ୍ତରରେ ୧୧୨୦ ର୍‍ୟାଙ୍କ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭବିଷ୍ୟତରେ ଏମ୍ସରେ ଜଣେ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଲକ୍ଷ୍ୟ ରଖିଥିବା ରୁଦ୍ରପ୍ରତାପ କହିଛନ୍ତି। ନିଜ ସଫଳତାର ଶ୍ରେୟ ସେ ମାଆ ଜୟନ୍ତୀ, ଶିକ୍ଷାନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ ଓ ଗୁରୁଜନମାନଙ୍କୁ ଦେଇଛନ୍ତି।

## ୧୩୫ ହୋମଗାର୍ଡ ପଦବୀ ଲାଗି ୭୪୫୪ ଆବେଦନପତ୍ର

ଛତ୍ରପୁର,୧୪।୬(ସନ୍ତୋଷ ପାଢ଼ୀ)

ଗଞ୍ଜାମ ପୋଲିସ ଜିଲାରେ ହୋମଗାର୍ଡ ନିଯୁକ୍ତି ନେଇ ମେ' ୨୮ରୁ ଜୁନ୍ ୬ ପର୍ଯ୍ୟନ୍ତ ଆଶାୟୀ ବ୍ୟକ୍ତିମାନେ ଏଥିପାଇଁ ଆବେଦନ କରିଥିଲେ। ଏହି ପୋଲିସ ଜିଲ୍ଲାର ୧୩୫ ହୋମଗାର୍ଡ ପଦବୀ ପୂରଣ ପାଇଁ ବିଜ୍ଞାପନ ବାହାରିଥିଲା। ଏଥିପାଇଁ ଆଶାୟୀ ଥିବା ୭୪୫୪ ଆବେଦନପତ୍ର ଦାଖଲ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ୧୩୫ ହୋମଗାର୍ଡ ପଦବୀ ମଧ୍ୟରୁ ୧୦୧ ପୁରୁଷ ଓ ୩୪ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୧୩୫ ପଦ ମଧ୍ୟରୁ ୧୫ଟି ସାମୁଦ୍ରିକ ଗୃହରକ୍ଷୀ, ୫୫ଟି ସାଧାରଣ ଡିଉଟି, କମ୍ପ୍ୟୁଟର ଜ୍ଞାନ ୪୦, ଡ୍ରାଇଭର ୧୦, ରୋଷେୟା ୬, ବୈଦ୍ୟୁତିକ ମିସ୍ତ୍ରୀ ୨, ଧୋବୀ ୧, ବାରିକ ୧, ଦରଜୀ ୧, ପାଣି ପାଇପ ମିସ୍ତ୍ରୀ ୧, ମୋଚି ୧, ମେସ ଆଟେଣ୍ଡାଣ୍ଟ ଓ ହାଉସ କିପିଙ୍ଗ ୨ ପାଇଁ ହୋମଗାର୍ଡ ପଦବୀ ରହିଛି।

## କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି ସରକାର

ହିଞ୍ଜିଳିକାଟୁ, ୧୪।୬( ଦ୍ୱିତୀକୃଷ୍ଣ ପଣ୍ଡା).

କେନ୍ଦ୍ର ଭାଜପା ନେତୃତାଧୀନ ନରେନ୍ଦ୍ର ମୋଦି ସରକାର ୧୧ ବର୍ଷ ପୂର୍ତ୍ତି ଓ ରାଜ୍ୟରେ ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଭାଜପା ଆସିକା ସାଙ୍ଗଠନିକ ଜିଲା ପକ୍ଷରୁ ଶନିବାର ହିଞ୍ଜିଳିକାଟୁ ଶ୍ୟାମଳାଇସ୍ଥିତ ଜିଲା କାର୍ଯ୍ୟାଳୟରେ ଦଳପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ସମସ୍ତଙ୍କୁ ଅବଗତ କରାଯାଇଛି। ଉଭୟ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଜିଲା ସଭାପତି ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମ୍ମିଳନୀରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ମୁଖ୍ୟ ଅତିଥି, ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବରିଷ୍ଠ ନେତା ଶିଶିର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଅନୀଲ ପଣ୍ଡା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। କେନ୍ଦ୍ରର ମୋଦି ସରକାର ଦେଶର ସୁରକ୍ଷା, ଗମନାଗମନ, ଶିଳ୍ପ, ବୈଷୟିକ ଜ୍ଞାନ କୌଶଳକୁ ଉଚିତ ଦିଗଦର୍ଶନ ଦେଉଛନ୍ତି। ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିତିକୁ ସମଗ୍ର ବିଶ୍ୱରେ ୪ର୍ଥ ସ୍ଥାନକୁ ନେବା କେନ୍ଦ୍ର ସରକାରଙ୍କ ଏକ ବଡ଼ ଉପଲବ୍ଧି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଗତ ଏକ ବର୍ଷ ଧରି ରାଜ୍ୟରେ ମୋହନ ସରକାର ମହିଳା ସଶକ୍ତୀକରଣ,କୃଷି ଓ କୃଷକଙ୍କ ବିକାଶ, ସାମାଜିକ ଓ ଅର୍ଥନୈତିକ କଲ୍ୟାଣକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରି ଜନସାଧାରଣଙ୍କ ପ୍ରଶଂସାର ପାତ୍ର ହୋଇଥିବା ଏମ୍‌ପି ଓ ବିଧାୟକମାନେ ମତ ରଖିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୪।୬( ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତି, ସମ୍ପାଦକ ଡିଏଲଏସଏ ବିମଳ ରାଉଳ, ଡିପିଏମ୍‌ଓ ମୋହନ ଭୋଇ, ଡିଏସ୍‌ଏସ୍‌ଡି ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ପ୍ରଥମ ରଜରେ ସିଂହାସନୀଙ୍କ ପୀଠରେ ଭକ୍ତଙ୍କ ଭିଡ଼

ପୋଲସରା,୧୪।୬ (ସୁବ୍ରତ ବେହେରା)

ପୋଲସରା ସହରଠାରୁ ୨୭ କିଲୋମିଟର ଦୂର କଷିପଡ଼ାଠାରେ ବିଜେ ମା' ସିଂହାସନୀଙ୍କ ଶକ୍ତି ପୀଠ। ପ୍ରତିବର୍ଷ ଭଳି ପହିଲି ରଜଠାରୁ ଆରମ୍ଭ କରି ମା'ଙ୍କ ପୀଠରେ ୩ ଦିନ ଧରି ରଜପର୍ବ ପାଳିତ ହୁଏ। ଏହି ୩ ଦିନରେ ମା'ଙ୍କୁ ଦର୍ଶନ କଲେ ମା'ଙ୍କ କୃପା ଦୃଷ୍ଟି ପଡ଼ିଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳ ସହିତ ଜିଲା ବାହାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଆସି ମା'ଙ୍କୁ ଦର୍ଶନ କରନ୍ତି। ଚଳିତବର୍ଷ ପ୍ରବଳ ଗରମ ସତ୍ତ୍ୱେ ପ୍ରଥମ ରଜରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ସଭାପତି ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସକାଳେ ଆସି ସ୍ଥିତି ଅନୁଧ୍ୟାନ କରିବା ସହିତ ପରିଚାଳନା କରିବା ପାଇଁ ତଦାରଖ କମିଟିର ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ରଘୁନାଥ ସାହୁ, ପାଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁ, ଚିରିକିପଡ଼ା ଶାସନ ସରପଞ୍ଚ ଭଗବାନ ସାହୁ ଓ ଗୋଛାବାଡ଼ି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ଗୌଡ଼, କମିଟିର ସଦସ୍ୟ ରଘୁନାଥ ପ୍ରଧାନ, ରବୀନ୍ଦ୍ରନାଥ ନାୟକ, କୈଳାସ ମହାରଣା, ବିପ୍ରଚରଣ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ବିପିନ ପ୍ରଧାନ, ଚନ୍ଦ୍ରଶେଖର ଗୌଡ଼, ଲଡୁ କିଶୋର ସାହୁ, ସତ୍ୟବାଦୀ ସାହୁ, ସଞ୍ଜୟ ସାହୁ, କୈଳାଶ ପ୍ରଧାନଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ।

## ଥାନାରେ ବନ୍ଧା ପଡିଛି ଭ୍ରାମ୍ୟମାଣ ପ୍ରସବ ଯାନ




ଦାରିଙ୍ଗବାଡି,୧୪।୬ (ଅରୁଣ ସାହୁ)

କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ଗର୍ଭବତୀଙ୍କ ସୁରକ୍ଷା ସହ ଶିଶୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭ୍ରମ୍ୟମାଣ ପ୍ରସବ ଯାନ ସେବା ଆରମ୍ଭ ହୋଇଥିଲା। ଦୁର୍ଗମ ଅଞ୍ଚଳର ଗର୍ଭବତୀ ମା'ଙ୍କୁ ସୁରକ୍ଷିତ ପ୍ରସବ କରିବା ପାଇଁ ପ୍ରଶାସନର ଏହି ପ୍ରୟାସ ଥିଲା। ଏଥିପାଇଁ ଜିଲାରେ ପ୍ରଥମେ ୨ଟି ପ୍ରସବ ଯାନକୁ ପ୍ରଶାସନ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ସେବା ଯୋଗାଉଥିଲା। ମାତ୍ର ୧ ମାସରୁ ଉର୍ଦ୍ଧ୍ୱ ହେଲା ଏହି ସେବା ବନ୍ଦ ରହିଛି। ଦରମା ବନ୍ଦ ଯୋଗୁ ବ୍ରାହ୍ମଣୀଗାଁ ପ୍ରସବ ଯାନରେ କାର୍ଯ୍ୟରତ କର୍ମଚାରୀ ଯାନକୁ ଛାଡ଼ି ନ ଥିଲେ। ଏହାର ସହାଭାଗିତାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଥାନାରେ ଯାନକୁ ରଖିଥିବା ଓ କର୍ମଚାରୀଙ୍କୁ ବକେୟା ଦରମା ନ ଦେବା ପର୍ଯ୍ୟନ୍ତ ଥାନାରେ ଯାନଟି ବନ୍ଧା ପଡ଼ିଥିବା ଭଳି ଘଟଣା ଏବେ ଚର୍ଚ୍ଚା ହେଉଛି। ଉକ୍ତ ବ୍ଲକ୍ ଅଞ୍ଚଳରେ ଗର୍ଭବତୀ ଓ ଶିଶୁଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଉଥିବା ବେଳେ ପ୍ରସବ ଯାନକୁ ଜିଲା ପ୍ରଶାସନ ବନ୍ଦ କରିଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ୨୦୨୨/୨୩ ଆର୍ଥିକ ବର୍ଷରେ ତତ୍କାଳୀନ ଜିଲାପାଳ ଡ.ବୃନ୍ଦା ଡି କନ୍ଧମାଳର ଦୁର୍ଗମ ଅଞ୍ଚଳରେ ଗର୍ଭବତୀଙ୍କ ସୁରକ୍ଷା ପ୍ରସବ ପାଇଁ ପ୍ରଥମେ ପରୀକ୍ଷାମୂଳକ ଭାବେ ଜାଗୃତି ଏବଂ ସ୍ୱାତୀ ଅନୁଷ୍ଠାନକୁ ୨ଟି ପ୍ରସବ ଯାନ ଯୋଗାଇ ଦେଇଥିଲେ। ଏହାର ଦାୟିତ୍ୱ ଏକ ସ୍ୱେଚ୍ଛସେବୀ ଅନୁଷ୍ଠାନ ନେଇଥିଲା। ଏହି ୨ ଯାନ ଦୁର୍ଗମ ଫିରିଙ୍ଗିଆ ଏବଂ କୋଟଗଡ଼ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟ କରୁଥିଲା। ଏହାକୁ ଦେଖି ଆଉ ୪ଟି ଯାନ ପ୍ରଶାସନ ଯୋଗାଇ ଦେଇଥିଲା। ସେଥିରେ ଅନୁଗୋଳ ଜିଲାର ବିକଳ୍ପ ବିକାଶ ସଂସ୍ଥାକୁ ବ୍ରାହ୍ମଣୀଗାଁର ଦୁର୍ଗମ ଅଞ୍ଚଳରୁ ଗର୍ଭବତୀଙ୍କୁ ସୁରକ୍ଷିତ ପ୍ରସବ ଦାୟିତ୍ୱ ମିଳିଥିଲା। ଏପ୍ରିଲ ୩୦ ପର୍ଯ୍ୟନ୍ତ ଏହି ସେବା ଗର୍ଭବତୀଙ୍କୁ ମିଳିଥିଲା। ମେ' ପହିଲାରୁ ଜିଲା ପ୍ରଶାସନ ଏହାକୁ ଅନୁଦାନ ଦେବା ବନ୍ଦ କରିବା ପରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମା ବନ୍ଦ ହୋଇଥିବା ବିକଳ୍ପ ବିକାଶର ନିର୍ଦ୍ଦେଶକ ସନ୍ତୋଷ ଦାସ କହିଛନ୍ତି।

## ଏନଏସି ପକ୍ଷରୁ ଇଂରାଜୀରେ ସ୍ୱାଗତମ୍ ଲେଖାଯିବାକୁ ବିରୋଧ

ଗଞ୍ଜାମ,୧୪।୬(ବିଦ୍ୟାଧର ସାହୁ)




ପ୍ରବେଶ ପଥରେ ଇଂରାଜୀରେ ଲେଖାଯାଇଥିବା ସ୍ୱାଗତମ୍।

ଐତିହାସିକ ଗଞ୍ଜାମ ସହର ଦକ୍ଷିଣ ପ୍ରବେଶ ପଥରେ ଇଂରାଜୀରେ ସ୍ୱାଗତମ୍ ଲେଖାଯିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ପାଇଁ ଗୁରୁତ୍ୱ ଦେଉଥିବା ବେଳେ ଗଞ୍ଜାମ ଏନଏସି ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଦାମୋଦରପୁର ୧୬ ନଂ. ଜାତୀୟ ରାଜପଥ ନିକଟରେ ହୋଇଥିବା ସ୍ୱାଗତ ସ୍ତମ୍ଭରେ ଇଂରାଜୀରେ ସ୍ୱାଗତମ୍ ଲେଖାଯିବା ଏନଏସିର କାର୍ଯ୍ୟ ପ୍ରତି ପ୍ରଶ୍ନ ଉଠାଇଛି। କିଛି ବର୍ଷ ହେଲା ସହରରେ ବିଭିନ୍ନ ଦୋକାନଗୁଡିକ ସମ୍ମୁଖରେ ଓଡ଼ିଆ ଭାଷାରେ ବୋର୍ଡ ଲେଖାଯିବା ନେଇ ଗୁରୁତ୍ୱାରୋପ କରି ଏନଏସି ବ୍ୟବସାୟୀମାନଙ୍କୁ ଅବଗତ କରାଉଥିଲା। ଏବେ ନିଜେ ସ୍ୱାଗତ ତୋରଣରେ ଇଂରାଜୀରେ ସ୍ୱାଗତମ ଲେଖିବା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସ୍ୱାଗତ ତୋରଣରେ ଇଂରାଜୀ ପରିବର୍ତ୍ତେ ଓଡ଼ିଆରେ ସ୍ୱାଗତଂ ଲେଖିବାକୁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି।

ପୂର୍ବ ତଟ ରେଳପଥ

ପାର୍କିଙ୍ଗ ଷ୍ଟାଣ୍ଡର ଇ-ନିଲାମ

ଷ୍ଟେସନ ଏବଂ ସ୍ଥାନ: ସୋମ୍ପେଟା-ମିକ୍ସ (MIX) (2 ଚକିଆ-ସହିତ-4 ଚକିଆ) (ଷ୍ଟେସନ ବିଲ୍ଡିଂ ପାର୍ଶ୍ୱରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା. 24.06.2025 ରିଖ 1100 ଘଣ୍ଟା।

ନିଲାମ ଶେଷ ତାରିଖ ଓ ସମୟ: ତା. 24.06.2025 ରିଖ 1130 ଘଣ୍ଟା।

ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

PR-237/Q/25-26

## ଜିଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ଖାଦ୍ୟ ମେଳାକୁ ଉଦ୍‌ଘାଟନ କଲେ ମନ୍ତ୍ରୀ

ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା):୧୪।୬

ଜିଲାସ୍ତରୀୟ ବିକଶିତ ଓଡିଶା ପାଇଁ ବିକଶିତ ଜିଲା ପରାମର୍ଶ କର୍ମଶାଳା ଜିଲା ସଦର ମହକୁମା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଜିଲା ପ୍ରଭାରୀ, ଆଇନ ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଆଗାମୀ ଦିନରେ ୨୦୪୭ ବେଳକୁ ଭାରତ ବର୍ଷରେ ବିକଶିତ ଚେହେରା ପ୍ରସ୍ଫୁଟିତ ହୋଇପାରିବ। ୨୦୩୬ ବେଳକୁ ଓଡିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବା ସହ ଏହା ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବ। ୨୦୪୭ ବେଳକୁ ବିକଶିତ ଭାରତ ହୋଇପାରିବ ବୋଲି କହିଥିଲେ। ଜିଲା ବିକଶିତ ହେବା ପାଇଁ ଗ୍ରାମ, ସହରାଞ୍ଚଳଗୁଡିକର ବିକାଶ ନିହାତି ହେବା ଜରୁରୀ। ବର୍ତ୍ତମାନ ସରକାର ଓଡିଶାକୁ ବିକଶିତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ବୋଲି କହି କର୍ମଶାଳାରେ ମନ୍ତ୍ରୀ ଲୋକମାନଙ୍କଠାରୁ ଜିଲାର ବିକାଶ ପାଇଁ କଣ ଆବଶ୍ୟକ ରହିଛି ପଚାରି ବୁଝିଥିଲେ। ଏହି ସମୟରେ ଜିଲାର ବିକାଶ ଦିଗରେ ଜନସାଧାରଣ, ବୁଦ୍ଧିଜୀବୀ ସେମାନଙ୍କ ମତ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ, ଏନଜିଓ, ବିଭିନ୍ନ ସଂସ୍ଥାର ମୁଖ୍ୟ ଓ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମେଳା ଉଦ୍‌ଘାଟନ କରୁଛନ୍ତି।

ଏହା ଜିଲାର ଶିଳ୍ପ, ଶିକ୍ଷା ଅନୁଷ୍ଠାନ ଓ ଯୁବ ପିଢ଼ିଙ୍କ ସୁସ୍ଥ, ସୁନ୍ଦର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିପାରିବ। ଏହି ଧାରାରେ ଉନ୍ନତି ଆଣି ଆଧୁନିକ ଢଙ୍ଗରେ ଆଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖିବାକୁ ହେବ ବୋଲି ମତ ପ୍ରକାଶ ପାଇଥିଲା। ଜିଲାର ବିକାଶ ଓ ଅଭିବୃଦ୍ଧି ନିମନ୍ତେ ଜଳଉତ୍ସ ବୃଦ୍ଧି କରି ଚାଷ ଓ ପାନୀୟ ଜଳର ଅଭାବ ଦୂର କରିବା, ଜିଲାର ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପର୍ଯ୍ୟଟନ ସ୍ଥଳରେ ହୋଟେଲ, ବିଭିନ୍ନ ଖାଦ୍ୟ ବିକ୍ରି ବ୍ୟବସ୍ଥା, ସ୍ଥାନୀୟ ଅଧିବସୀଙ୍କୁ ରୋଜଗାରକ୍ଷମ କରିବା, ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଗମାନଗମନର ସୁବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। ଜିଲାର ଶିକ୍ଷିତ ଯୁବତୀଯୁବକଙ୍କୁ କାର୍ଯ୍ୟକ୍ଷମ କରିବା, ବିଭିନ୍ନ କଳକାରଖାନା ନିର୍ମାଣ ପାଇଁ ତାଲିମ ଦେବା, ସହାୟତା ରାଶି ଯୋଗାଇ ଦେଲେ ଗଜପତି ଜିଲା ରାଜ୍ୟ ଓ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ। ଫଳରେ ଗ୍ରାମାଞ୍ଚଳ ଲୋକେ ରୋଜଗାରକ୍ଷମ ହୋଇପାରିବେ। ଏହା ଓଡ଼ିଶା ବିକାଶ ସ୍ୱପ୍ନକୁ ସାକାର କରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଥିଲେ। ପରେ ଗଜପତି ଷ୍ଟାଡିୟମଠାରେ ହୋଇଥିବା ଜିଲାସ୍ତରୀୟ ବିକାଶ ମେଳା, ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳାକୁ ମନ୍ତ୍ରୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିଏଫଓ କେ. ନାଗାରାଜୁ, ଅତିରିକ୍ତ ଜିଲାପାଳ ଫାଲଗୁନି ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟ୍ଟା, ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନାମୀ ମଣ୍ଡଳ ଉପସ୍ଥିତ ଥିଲେ।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)

ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା

ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,

ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5259

OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)

NIRMAN SOUDHA, BHUBANESWAR

E-mail: seec.bbsr2010@gmail.com

Bid Identification No. S.E.E.C. (R&B) 05/2025-26

No. 2012 Date: 06.06.2025

No. B-197: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from Dt.21.06.2025 at 05.00 P.M. to Dt.05.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.07.07.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum/Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0036/2526

# ସଂକ୍ଷେପରେ

## ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ କରିବାକୁ ଦାବି

ଗଞ୍ଜାମ,୧୪।୬(ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସିରେ ବିଭିନ୍ନ ସମୟରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏଯାଏ ଦାମୋଦରପୁର ଗ୍ରାମ ଯାତ୍ରୀ ବିଶ୍ରାମଗାର ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା ହୋଇନାହିଁ। ବିଦ୍ୟୁତ୍ ବିଚ୍ଛିନ୍ନ ହେତୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଞ୍ଜାମ ବଜାର ଉପରେ ନିକଟସ୍ଥ ଗ୍ରାମାଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ସେମାନେ ବଜାର ସଉଦା କରି ରାତିରେ ନିଜ ଗ୍ରାମକୁ ଫେରିଥାନ୍ତି। ମାତ୍ର ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ରାତ୍ରିକାଳିନ ବସରୁ ୧୬ ନମ୍ବର ଜାତୀୟ ରାଜପଥରେ ଓହ୍ଲାଉଥିବା ଯାତ୍ରୀମାନେ ଗ୍ରାମକୁ ଯିବାପାଇଁ ହଇରାଣ ହୋଇଥାନ୍ତି। ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ମଧ୍ୟ ଯାତ୍ରୀମାନେ ହୋଇଥାନ୍ତି। ଏନଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟୁତ୍ ବିଚ୍ଛିନ୍ନ ନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମର୍ଦ୍ଦରାଜ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବିଳମ୍ବ, ସମସ୍ୟାରେ ଉଚ୍ଛେଦ ବ୍ୟବସାୟୀ

ବ୍ରହ୍ମପୁର,୧୪।୬(ସ୍ମୃତି ରଞ୍ଜନ ମହାଲିକ)

ସହରରେ ଭେଣ୍ଡିଂ ଜୋନର ଅଭାବ ଯୋଗୁ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଭଳି ସ୍ଥଳେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଉଚ୍ଛେଦ ମଧ୍ୟ କରାଯାଇଛି। କିନ୍ତୁ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ବିଳମ୍ବ କାରଣରୁ ଉଚ୍ଛେଦ ବ୍ୟବସାୟୀ ସମସ୍ୟାରେ ପଡିଛନ୍ତି। ସହରରେ ଗେଟ ବଜାର, କର୍ପୋରେଶନ ରୋଡ ଓ ମର୍ଦ୍ଦରାଜ ଭେଣ୍ଡିଂ ଜୋନ ରହିଛି। ମାତ୍ର ଏଥିମଧ୍ୟରୁ ଗେଟ ବଜାର ଓ ମର୍ଦ୍ଦରାଜ ଭେଣ୍ଡିଂ ଜୋନରେ ବ୍ୟବସାୟ ହେଉଛି। କର୍ପୋରେଶନ ରୋଡ ଭେଣ୍ଡିଂ ଜୋନ ଅବହେଳିତ ହୋଇପଡରହିଛି। ସେହିଭଳି ଏମକେସିଜି ମୁଖ୍ୟ ଫାଟକ ସମ୍ମୁଖ ମର୍ଦ୍ଦରାଜ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ଦୀର୍ଘ ୨ ବର୍ଷ ଧରି ବ୍ୟବସାୟୀମାନେ ସମସ୍ୟାରେ ଥିବା ଅଭିଯୋଗ କରିଛନ୍ତି। ଉଚ୍ଛେଦ ବ୍ୟବସାୟୀମାନେ ବର୍ତ୍ତମାନ କମାପଲୀ ଓଭରବ୍ରିଜ ତଳେ ବ୍ୟବସାୟ କରୁଛନ୍ତି। ବ୍ୟବସାୟ ପାଇଁ ପ୍ରଶାସନ ଓ ବିଏମସି ପକ୍ଷରୁ ସେମାନଙ୍କୁ କୌଣସି ସୁବିଧା ପ୍ରଦାନ କରାଯାଇ ନାହିଁ। ବଜାରକୁ ବିଏମସି ସଫେଇ ମଧ୍ୟ କରୁନାହିଁ ବୋଲି ବ୍ୟସାୟୀମାନେ କହିଛନ୍ତି। ଆଲୋକୀକରଣ ବ୍ୟବସ୍ଥା ମଧ୍ୟ ନାହିଁ। ଏହି ବଜାରକୁ ସହର ସମେତ ଗୋପାଳପୁର, ଗୋଳାବନ୍ଧ ଭଳି ବିଭିନ୍ନ ଅଞ୍ଚଳରୁ ପରିବା ବ୍ୟବସାୟୀମାନେ ଆସିଥାନ୍ତି। ବର୍ତ୍ତମାନ ୧୫୦ରୁ ଊର୍ଦ୍ଧ୍ୱ ଉଚ୍ଛେଦ ବ୍ୟବସାୟୀ ରହିଛନ୍ତି। ପରିବା ଗଚ୍ଛିତ ପାଇଁ କୌଣସି ସୁରକ୍ଷିତ ସ୍ଥାନ ମଧ୍ୟ ନାହିଁ। ଖୋଲା ଆକାଶ ତଳେ ସାମଗ୍ରୀ ରହୁଥିବାରୁ ଚୋରି ହେଉଥିବା ବ୍ୟବସାୟୀ କୃଷ୍ଣ ସାହୁ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷାରେ ବଜାର ରାସ୍ତା କଦର୍ଯ୍ୟ ହୋଇପଡୁଛି।


ନିର୍ମାଣାଧୀନ ମର୍ଦ୍ଦରାଜ ମାର୍କେଟ କଂପ୍ଲେକ୍ସ।

ସେହିପରି ଉଚ୍ଛେଦ ବ୍ୟବସାୟୀଙ୍କ ମଧ୍ୟରୁ ବହୁ ବ୍ୟବସାୟୀ କୋର୍ଟପେଟା ମୁଖ୍ୟ ରାସ୍ତା ପାର୍ଶ୍ୱ ଓ ପୁରୁଣା ବିଡିଏ କାର୍ଯ୍ୟାଳୟ ପାର୍ଶ୍ୱ ରାସ୍ତାରେ ବ୍ୟବସାୟ କରୁଛନ୍ତି। ସେମାନେ ମଧ୍ୟ ସମାନ ସମସ୍ୟାରେ ରହିଛନ୍ତି। ବ୍ୟବସାୟୀଙ୍କୁ ଉଚିତ ଥଇଥାନ ପାଇଁ ବିଏମସି ପକ୍ଷରୁ ୨୦୨୨ରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପ୍ରସ୍ତାବ ବୈଠକରେ ପାରିତ ହୋଇଥିଲା। ୨୦୨୩ ଏପ୍ରିଲରେ ନିଗମ ପକ୍ଷରୁ କୋଠା ନିର୍ମାଣ ଘୋଷଣା କରାଯାଇଥିଲା। କିନ୍ତୁ ଡିପିଆର ପ୍ରସ୍ତୁତରେ ବିଳମ୍ବ ଯୋଗୁ ୨୦୨୩ ମାର୍ଚ୍ଚ ୬ରେ କାର୍ଯ୍ୟାଦେଶ ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨ ଲକ୍ଷ ୮୫ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ କୋଠାରେ ବେସମେଣ୍ଟ ସହ ଅଧିକା ୨ଟି ମହଲା ନିର୍ମାଣ ହୋଇଛି। କଂପ୍ଲେକ୍ସର ତଳ କୋଠାରେ ୨୦୦ ପିଣ୍ଡିର ସୁବିଧା ରହିଛି। ଏଥିରେ ୧୬୦ ବଡ ପିଣ୍ଡି ରହିଛି। ନିର୍ମାଣଧୀନ ନୂତନ ଭେଣ୍ଡିଂ ଜୋନ କୋଠା ୩ ମହଲା ରହିଛି। ପ୍ରାୟ ୧ ଏକର ଜାଗାରେ କଂପ୍ଲେକ୍ସ ନିର୍ମାଣ ହେଉଛି। ତେବେ କଂପ୍ଲେକ୍ସ କାର୍ଯ୍ୟକୁ ନେଇ ବାରମ୍ବାର ବିଏମସି ମେୟର ଓ ଯନ୍ତ୍ରୀ ସମୀକ୍ଷା କରିଛନ୍ତି। ମାତ୍ର କାର୍ଯ୍ୟାରମ୍ଭର ୨ ବର୍ଷ ବିତିଥିଲେ ସୁଦ୍ଧା ଏଯାଏ ତାହା ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ। ଫଳରେ ବହୁ ବ୍ୟବସାୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିବା ବ୍ୟବସାୟୀଙ୍କ ପକ୍ଷରୁ ବହୁବାର ବିଏମସିର ଦୃଷ୍ଟିଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ବିଏମସି ନେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଏମସିର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। କୋଠା ପୂର୍ଣ୍ଣାଙ୍ଗ ପରେ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ସେ କହିଛନ୍ତି।

# ୭ ଦେଶ, ୨୦ ରାଜ୍ୟର ସାମଗ୍ରୀ କିଣିବାକୁ ଗ୍ରାହକଙ୍କ ଭିଡ଼

## ବ୍ରହ୍ମପୁରରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା



ମେଳା ଭିତରକୁ ଯିବାକୁ ନିର୍ମିତ ପ୍ରବେଶ ପଥ।

ବ୍ରହ୍ମପୁର,୧୪।୬(ଅଶୋକ କୁମାର ସାହୁ)

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଂଜିନିୟରିଂ ସ୍କୁଲ ଖେଳପଡିଆରେ ୨ୟଥର ପାଇଁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୩ ତାରିଖ ଯାଏଁ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନ ଶନିବାର ବେଶ୍ ଭିଡ ହୋଇଥିବା ପରିଲକ୍ଷିତ ହୋଇଛି। ବିଶେଷ କରି ଦେଶୀ ଓ ବିଦେଶୀ ସାମଗ୍ରୀ କିଣିବାକୁ ଲୋକଙ୍କ ମଧ୍ୟରେ ଭିଡ ହେଉଛି। ଏଥି ସହିତ ବିଭିନ୍ନ ରାଜ୍ୟର ଖାଦ୍ୟ ସାମଗ୍ରୀ ମିଳୁଥିବାରୁ ସେଠାରେ ମଧ୍ୟ ଲୋକ ଗହଳି ହେଉଛି। ଏହି ମେଳାରେ ପ୍ରାୟ ୨୦୦ ଷ୍ଟଲ ପଡିଛି। ୭ଟି ଦେଶର ବ୍ୟବସାୟୀମାନେ ସେମାନଙ୍କ ସାମଗ୍ରୀ ନେଇ ମେଳାରେ ଯୋଗଦେଇଛନ୍ତି। ଏଥି ସହିତ ୨୦ଟି ରାଜ୍ୟର ବ୍ୟବସାୟୀମାନେ ବି ସେମାନଙ୍କ ସାମଗ୍ରୀ ନେଇ ଆସିଛନ୍ତି। ଆଫଗାନିସ୍ତାନରୁ ଶୁଖିଲା ଖାଦ୍ୟ, ମାଲେସିଆରୁ ଫାଉଣ୍ଟେଇନ, ଥାଇଲାଣ୍ଡରୁ ବିଭିନ୍ନ ପ୍ରକାର ଡ୍ରେସ, ବାଙ୍ଗଲାଦେଶରୁ ଶାଢ଼ୀ, କୋରିଆରୁ ପ୍ରଶାଧନ ସାମଗ୍ରୀ, ଇରାନ ଓ ଇରାକ ଆଦି ଦେଶରୁ ପେର୍ସିଆନ କାର୍ପେଟ, ଜର୍ମାନୀରୁ ବିଦ୍ୟୁତ ସାମଗ୍ରୀ ଓ ଦୁବାଇରୁ ପ୍ରଶାଧନ ସାମଗ୍ରୀ ଆଦି ବିକ୍ରି ହେଉଛି। ଏଥି ସହିତ ବିହାର, ଗୁଜରାଟ, ରାଜସ୍ଥାନ, ଓଡ଼ିଶା, ଦିଲ୍ଲୀ, ପଞ୍ଜାବ ଆଦି ୨୦ ରାଜ୍ୟର ବିଭିନ୍ନ ସାମଗ୍ରୀ ଏବଂ ସୁସ୍ୱାଦୁ ଓ ସ୍ୱଚ୍ଛ ଖାଦ୍ୟ ମିଳୁଛି। ଏଥି ସହିତ ଜାଓ୍ୱା କମ୍ପାନୀର ୟେଜଦୀ ଗାଡି ବି ବିକ୍ରି ହେଉଛି। ମେଳାରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ମିଳୁଥିବାରୁ ଲୋକଙ୍କ ଗହଳି ଲାଗି ରହିଛି। ମେଳାକୁ ପ୍ରବେଶ କରିବା ପାଇଁ ୨୦ ଟଙ୍କା ଟିକେଟ ରହିଥିବାବେଳେ ସେମାନଙ୍କୁ ବି ସାନ୍ତ୍ୱନାମୂଳକ ସାମଗ୍ରୀ ଦିଆଯାଉଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଓ ପାୟଲ ଗୁପ୍ତା କହିଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକକାର୍ଯ୍ୟକ୍ରମଆୟୋଜିତହେଉଛି।

# ବିକାଶମେଳାରେ 'ଗଞ୍ଜାମ ଦଣ୍ଡନାଟ' ଶୀର୍ଷକ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)


ଦୁଇଦିନ ହେଲା ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଚାଲିଛି ବିକାଶ ମେଳା। ଶନିବାର ଦ୍ୱିତୀୟ ଦିବସରେ 'ଗଞ୍ଜାମ ଦଣ୍ଡନାଟ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦଣ୍ଡନାଚ ପରମ୍ପରା ଓଡ଼ିଶାରେ ବହୁଜନ ବିଦିତ। ଓଡ଼ିଶାର ଢେଙ୍କାନାଳ, ଅନୁଗୁଳ, ମୟୂରଭଞ୍ଜ, ନୟାଗଡ, କନ୍ଧମାଳ ଆଦି ଜିଲାରେ ଏହି ନାଚ ଦେଖିବାକୁ ମିଳେ। ଏହା ଏକ କୃଷିଭିତ୍ତିକ ଲୋକନୃତ୍ୟ ହୋଇଥିଲେ ବି ଏଥିରେ କିଛି ପରିବର୍ତ୍ତନ ହୋଇଛି। କିନ୍ତୁ ଅନେକ ସ୍ଥାନରେ ଏହି ନୃତ୍ୟର ମହତ୍ୱ ରହିଛି ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଛନ୍ତି। ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ କର୍ମଶାଳାରେ ପ୍ରବୀଣ ଗବେଷକ ଓ ସମାଲୋଚକଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଦଣ୍ଡନାଚ ଗୁରୁ ଓ ସେମାନଙ୍କ ଦଳ ଅଂଶଗ୍ରହଣ କରିଥିଲେ। ଦଣ୍ଡନାଚର ଉତ୍ପତ୍ତି, ପାତ୍ରପାତ୍ରୀ, ବେଶ ପୋଷାକ, ଉପାସନା ଧାରା ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସଂସ୍କୃତି, ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଗଞ୍ଜାମ ଲୋକନାଟ୍ୟ ପ୍ରକଳ୍ପର ଆବାହକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପୌରୋହିତ୍ୟ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ବିଶିଷ୍ଟ ଗବେଷକ ଓ ସାହିତ୍ୟ ସମାଲୋଚକ ଡ. ସୁବ୍ରତ କୁମାର ପୃଷ୍ଟି ବିଷୟ ବିଶାରଦ ଥିଲେ। ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, ଗଞ୍ଜାମ ଇତିହାସର ଗବେଷକ ଡ. ଅନନ୍ତରାମ କର (କୌଣ୍ଡିନ୍ୟ), ଲୋକ ସଂସ୍କୃତି ଗବେଷକ ଡ. ବାୟାମନୁ ଚର୍ଚ୍ଚି, ସଂସ୍କୃତି ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ ପ୍ରମୁଖ ଆଲୋଚକ ଥିଲେ। ଶିକ୍ଷାବିତ ଓ ସମାଲୋଚକ ଡ. କୁଳମଣି ଓଝା କର୍ମଶାଳାରେ ଉପସ୍ଥିତ ଥବଲେ। ଦଣ୍ଡନାଚ ଗୁରୁ ବନମାଳୀ ବେହେରା, ଗୁରୁ ପ୍ରଫୁଲ୍ଲ ମହାପାତ୍ର, ଗୁରୁ ସୁବାସ ଚନ୍ଦ୍ର ଜେନା, ଗୁରୁ ସଇତ ବିଷୋୟୀ, ଗଞ୍ଜାମ ଜିଲା ଦଣ୍ଡନାଚ ସଂଘ ସଭାପତି ଶିବ ପ୍ରଧାନ, ସଂପାଦକ ଶରତ ଚନ୍ଦ୍ର ସାହୁ ଓ ଗାଲେରୀ ଦଣ୍ଡନାଚ ଅଧିକାରୀ ପ୍ରମୁଖ ନିଜ ନିଜ ଦଳ ସହ ଅଂଶଗ୍ରହଣ କରିଥିଲେ। ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ବିକାଶମେଳା ମଣ୍ଡପରେ 'ଗଞ୍ଜାମର ରଜା ନାଟକ' (ପ୍ରହ୍ଲାଦ ନାଟକ) ଶୀର୍ଷକରେ ଏକ କର୍ମଶାଳା ହେବ ବୋଲି ଜଣାପଡିଛି।

# ଏକାଧିକ ବ୍ୟବସାୟୀଙ୍କ ୧୨ ଲକ୍ଷ ଚଳୁ

## ଖଲ୍ଲିକୋଟରୁ ବ୍ୟବସାୟୀଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୧୪।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଖଲ୍ଲିକୋଟ ଅଞ୍ଚଳର ଜଣେ ବ୍ୟବସାୟୀ ବ୍ରହ୍ମପୁର ସହରରେ ଥିବା ଏକାଧିକ ବିଦ୍ୟୁତ କମ୍ପାନୀ ବିତରକଙ୍କୁ ଚୂନ ଲଗାଇଛନ୍ତି। ଚଞ୍ଚକତା କରି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ମଗାଇବା ପରେ ସେମାନଙ୍କୁ ଠକେଇ କରିଛନ୍ତି। ବଡବଜାର ଥାନାଧିକାରୀ ବାବା ଶଙ୍କର ସରାଫଙ୍କ ନିର୍ଦ୍ଦେଶରେ ଗଠିତ ଟିମ ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବାନ୍ଧିଛି। ଅଭିଯୁକ୍ତ ଜଣଙ୍କ ହେଲେ ଖଲ୍ଲିକୋଟ କରଣ ସାହିର ରାକେଶ ମହାପାତ୍ର(୩୩)। ମାମଲା ନଂ. ୨୪୯/୨୫ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ରାକେଶଙ୍କ ଖଲ୍ଲିକୋଟ ବଜାରରେ ରାଜା ଇଲେକ୍ଟ୍ରନିକ୍ସ ନାମକ ଏକ ଦୋକାନ ରହିଛି । ସେ ବ୍ରହ୍ମପୁର ସହର ସମେତ ଅନ୍ୟାନ୍ୟା ସ୍ଥାନରେ ଥିବା ବିଭିନ୍ନ ଡ଼ିଷ୍ଟ୍ରିବ୍ୟୁଟର ଏଜେନ୍ସି ଠାରୁ ହୋଲସେଲ ଦରରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମଗାଇବା ପରେ ତାହାକୁ ଖଲ୍ଲିକୋଟ ଅଞ୍ଚଳରେ ବିକ୍ରି କରୁଥିଲେ । ଆଜକୁ କିଛି ମାସ ତଳେ ଅଭିଯୁକ୍ତ ରାକେଶ ବ୍ରହ୍ମପୁର ଶ୍ରୀରାମନଗରର ଦିବ୍ୟଲୋଚନ ସାହୁଙ୍କ ତାରିଣୀ ଏଜେନ୍ସି ଠାରୁ ୨ ଲକ୍ଷ ୪୧ ହଜାର ଟଙ୍କାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନେଇଥିଲେ। ହେଲେ ଠିକ ସମୟରେ ସେ ବାବଦ ଟଙ୍କା ପୈଠ କରି ନ ଥିଲେ। ଏ ନେଇ ଦିବ୍ୟଲୋଚନ ବାରମ୍ବାର ଫୋନ କରି ରାକେଶଙ୍କୁ ଟଙ୍କା ମାଗିଥିଲେ ମଧ୍ୟ ସେ ସାମଗ୍ରୀ ବାବଦ ଟଙ୍କା ଦେଇ ନ ଥିଲେ । ଓଲଟି ଦିବ୍ୟଲୋଚନଙ୍କୁ ଧମକଚମକ ଦେଇଥିଲେ । ବାରମ୍ବାର ଟଙ୍କା ମାଗି ନିରାଶ ହେବା ସହ ଧମକ ପାଇବା ପରେ ଦିବ୍ୟବଲୋଚନ ବଡବଜାର ଥାନାରେ ଅଭିଯୋଗ କରିଥିଲେ ।


ଗିରଫ ଅଭିଯୁକ୍ତ।

ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଅଭିଯୁକ୍ତ ରାକେଶ ଦିବ୍ୟଲୋଚନଙ୍କ ଭଳି ଏକାଧିକ ବିଦ୍ୟୁତ୍ ସାମଗ୍ରୀ ବିତରକଙ୍କଠାରୁ ପ୍ରାୟ ୧୨ ଲକ୍ଷ ଟଙ୍କା ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଥିଲା । ସେହିକ୍ରମରେ ପୋଲିସ ଟିମ ଖଲ୍ଲିକୋଟ ଯାଇ ରାକେଶଙ୍କୁ ଟ୍ରାକିଂ କରି କାବୁ କରିଥିଲା

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରଜ ମଉଜ


ରଜ ପର୍ବରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ରଜପର୍ବ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ସମ୍ମୁଖରେ ଥିବା ଗାର୍ଡେନ ପରିସରରେ ରଜ ଦୋଳିକୁ ସୁସଜ୍ଜିତ କରି କର୍ମଚାରୀ ଓ ପରିବାର ନିମନ୍ତେ ପ୍ରସ୍ତୁତ ହୋଇଥିଲା । ଏଥିରେ କୁଳପତିଙ୍କ ସମେତ ଯୁଗ୍ମ କୁଳସଚିବ ଡ଼.ବାବୁଜୀ ସାମଲ, ଡ଼.ଲକ୍ଷ୍ମୀଧର ରାଉତ,ଏ.ସୂର୍ଯ୍ୟ ପ୍ରକାଶ, ମନୋଜ ଶତପଥୀ, ଡ଼.ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କାକରା ଓ ଚନ୍ଦ୍ରକାନ୍ତିପିଠା ବଣ୍ଟନ ହୋଇଥିଲା। ପରେ ସମସ୍ତେ ଦୋଳିରେ ଝୁଲି ମଜା ନେଇଥିଲେ।

# ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା

## ଦ୍ୱିତୀୟ ସ୍ଥାନ ପାଇ ପୁରସ୍କୃତ ହେଲେ ଲିପ୍ସାରାଣୀ


ଅତିଥିମାନେ ଲିପ୍‌ସାରାଣୀଙ୍କୁ ପୁରସ୍କୃତ କରୁଛନ୍ତି।

ବେଲଗୁଣ୍ଠା,୧୪।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବିକଶିତ ଭାରତ ୨୦୪୭' ଶୀର୍ଷକରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ବେଲଗୁଣ୍ଠା ବ୍ଲକ୍ କ୍ଷେତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଦ୍ୱିତୀୟ ସ୍ଥାନ ହାସଲ କରି ବେଲଗୁଣ୍ଠା ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ସେ ହେଉଛନ୍ତି ଲିପ୍ସାରାଣୀ। ସୋରଡା ବ୍ଲକ୍‌ର ସିଆରସିସି ରାଜେନ୍ଦ୍ର ବିଷୋୟୀଙ୍କ ଝିଅ ଲିପ୍ସାରାଣୀ ଗତ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବୁଧବାର ଏହାର ଫଳାଫଳ ପ୍ରକାଶ ପାଇଥିଲା। ତାଙ୍କରଏହି କୃତିତ୍ୱ ପାଇଁ ଶୁକ୍ରବାର ଅନୁଷ୍ଠିତ ବିକାଶ ମେଳାରେ ଲିପସାରାଣୀଙ୍କୁ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ଉପସ୍ଥିତିରେ ପୁରସ୍କୃତ କରାଯାଇଛି। , ଏହି ସମୟରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର, ଆସିକା ବିଧାୟକ ସରୋଜ ପାଢୀ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଏସ୍‌ପି ଅତିଥି ରୂପେ ଉପସ୍ଥିତ ଥିଲେ। ଲିପ୍‌ସାରାଣୀଙ୍କୁ ୩ହଜାର ଟଙ୍କା ସହିତ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି।

# ସିପିଆଇର ଚମାଖଣ୍ଡି ଆଞ୍ଚଳିକ ସମ୍ମିଳନୀ

ଛତ୍ରପୁର, ୧୪।୬(ସନ୍ତୋଷ ପାଢ଼ୀ):

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୧୯ତମ ଚମାଖଣ୍ଡି ଆଞ୍ଚଳିକ ସମ୍ମିଳନୀ ଚମାଖଣ୍ଡିଛକସ୍ଥିତ ମଲ୍ଲିକେଶ୍ୱର ମନ୍ଦିର ଠାରେ ସିଏଚ୍. ସତ୍ୟ ନାରାୟଣ ରେଡ୍ଡୀ, ଏନ.ଭାନୁମତୀ ରେଡ୍ଡୀ ଓ ଡ.ଦୁର୍ଯ୍ୟୋଧନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ଚମାଖଣ୍ଡି ଆଞ୍ଚଳିକ ସମ୍ପାଦକ ସିଏଚ. ଜନାର୍ଦ୍ଦନ ରେଡ୍ଡୀ ରାଜନୈତିକ ଚିଠା ଓ ସହସମ୍ପାଦକ ଏନ.ଗିରିଜା ପ୍ରସାଦ ରେଡ୍ଡୀ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଦଳୀୟ ସଂଗଠନକୁ କିପରି ମଜବୁତ କରାଯିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। କୃଷି-କୃଷକଙ୍କ ସମସ୍ୟା, ଶ୍ରମିକ ସମସ୍ୟା, ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀ, ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଜିଲା ସହସମ୍ପାଦକ ପ୍ରଦୀପ ସେଠି ଓ ନୀଳକଣ୍ଠ ଦାଶ, ଛତ୍ରପୁର ଆଞ୍ଚଳିକ ସମ୍ପାଦକ ଡି.ଆଦିନାରାୟଣ ରେଡ୍ଡୀ, ସହସମ୍ପାଦକ ଏନ.ଗିରିଜା ପ୍ରସାଦ ରେଡ୍ଡୀ ଓ ଗୁରୁନାଥ ପ୍ରଧାନ, କେଶବ ନାହାକ, ମାଗୁଣି ବିଷୋୟୀଙ୍କ ସହ ଅନ୍ୟମାନେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣା ନୀତିର ସମାଲୋଚନା କରିଥିଲେ। ବର୍ଷୀଆନ କମ୍ୟୁନିଷ୍ଟ ନେତା ସୀମାଞ୍ଚଳ ସାହୁ ପତାକା ଉତ୍ତୋଳନ କରିଥିଲେ। ଜିଲା ସମ୍ପାଦକ ପ୍ରକାଶ ପାତ୍ର ଉଦ୍‌ଘାଟନ କରିଥିଲେ।

# ପ୍ରକଳ୍ପସ୍ତରୀୟ ଅଦ୍ୱିତା କିଶୋରୀ ସୁଭଦ୍ରା ଦିବସ


ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୪।୬(ସ୍ମୃତି ରଞ୍ଜନ ମହାଲିକ)

ମିଲିଟାରୀ ଲାଇନ ସ୍କୁଲ ପରିସରରେ ପ୍ରକଳ୍ପସ୍ତରୀୟ ଅଦ୍ୱିତା କିଶୋରୀ ସୁଭଦ୍ରା ଦିବସ ଶନିବାର ପାଳିତ ହୋଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନା ବ୍ରହ୍ମପୁର ସହରାଞ୍ଚଳ-୧ର ସିଡିପିଓ ଗୀତାରାଣୀ ରାଉଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ରୂପେ ବିଧାୟକ କେ.ଅନୀଲ କୁମାର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ବ୍ରହ୍ମପୁର ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରିଣୀ ଶାନ୍ତିକର ସୁଧା ପଟ୍ଟନାୟକ, ଭାଜପା ଜିଲା ସଭାପତି ସରୋଜ ସାବତ, ୩୨ ନଂ. ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା ଏବଂ ୱାନ ଷ୍ଟେପ କେନ୍ଦ୍ରର ମହେଶ୍ୱର ପାଢୀ ଉପସ୍ଥିତ ଥିଲେ। ରଜୋତ୍ସବ ପାଳନ କରାଯାଇ କିଶୋରୀଙ୍କ ମଧ୍ୟରେ ରଜ ମୁକୁଟ, ରଜ ରଙ୍ଗ ମେଳା ଓ ରଜ ରିଲସ ଚ୍ୟାଲେଞ୍ଜ ପ୍ରତିଯୋଗିତା ହୋଇଥିଲା। ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଓ ଅଭିଭାବକ ସହଯୋଗ କରିଥିଲେ।

# ବିଏମ୍‌ସି କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଥାନାରେ ଏତଲା

ବ୍ରହ୍ମପୁର,୧୪।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ନିର୍ବାହୀଯନ୍ତ୍ରୀ ଇଂ. ନାଗେଶ୍ୱର ସୁବୁଦ୍ଧି ଶନିବାର କନିଷ୍ଠଯନ୍ତ୍ରୀ ଅମନ ପଣ୍ଡାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ସେ ଶୁକ୍ରବାର ନିଜ ପ୍ରକୋଷ୍ଠରେ ସନ୍ଧ୍ୟା ସାଢେ ୬ଟାରେ ଜଣେ ଠିକାଦାରଙ୍କ ସହ ନେଳିଆ ବନ୍ଧ କାର୍ଯ୍ୟର ବିଲ୍‌କୁ ନେଇ ଆଲୋଚନା କରୁଥିବା ବେଳେ କନିଷ୍ଠଯନ୍ତ୍ରୀ ପଣ୍ଡା ତାଙ୍କ ପ୍ରକୋଷ୍ଠକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ପ୍ରସନ୍ନାକ୍ଷୀ ନୃତ୍ୟଏକାଡେମୀର ଜାତୀୟ ସାଂସ୍କୃତିକ ଉତ୍ସବ

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରସନ୍ନାକ୍ଷୀ ନୃତ୍ୟ ଏକାଡେମିମୀ ପକ୍ଷରୁ ଜାତୀୟ ସାଂସ୍କୃତିକ ଉତ୍ସବ ଗଞ୍ଜାମ କଳା ପରିଷଦରେ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଇଲିଆନା ସିଟାରିସ୍ତି, ଅନ୍ୟତମ ଅତିଥି ଭାବେ ଅବସର ପ୍ରାପ୍ତ ସଂସ୍କୃତି ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନିସାଙ୍କ ଏବଂ ଗୁରୁ ନନ୍ଦିନୀ ଘୋଷାଲ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଓ ଅଭିନେତ୍ରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ୪ ଖବରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଶାସ୍ତ୍ରୀୟ ନୃତ୍ୟ କଳାକାରମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସନ୍ତୋଷ କୁମାର ବେହେରା, ଗୀତାଞ୍ଜଳି ପଣ୍ଡା, ନାଜିଆ, ରାହୁଲ ଦେବ ପଣ୍ଡା, ନସ୍ରିନ ନିସା ଓ ପ୍ରଦୀପ କୁମାର ଦାସ ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ନୂର୍ ରାଜା ଧନ୍ୟବାଦ ଦେଇଥିଲେ।

# ଅପରାଧୀ ଦମନ ପାଇଁ ପୋଲିସର ଫୁଟ୍ ପାଟ୍ରୋଲିଂ

ବ୍ରହ୍ମପୁର,୧୪।୬(ସୁବାସ ଚନ୍ଦ୍ର ପାଢ଼ୀ)

ସହରରେ କିଛି ମାସ ମଧ୍ୟରେ ଅପହରଣ, ସଂଘବଦ୍ଧ ହତ୍ୟା ଓ ପ୍ରାଣାନ୍ତକ ଆକ୍ରମଣ ସହ ଚୋରି, ରାହାଜନୀ ଘଟଣା ଘଟିଛି। ପୋଲିସ ପକ୍ଷରୁ ଅପରାଧୀ ଦମନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ବିଭିନ୍ନ ଥାନା ଅଞ୍ଚଳରେ ଅଶାନ୍ତ ପରିସ୍ଥିତି ଦେଖିବାକୁ ମିଳିଥିଲା। ବଡବଜାର ଥାନା ଅଞ୍ଚଳରେ ଥିବା କିଛି ନିର୍ଦ୍ଦିଷ୍ଟ ସାହିରେ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଘଟଣା ଘଟୁଥିବା ବେଳେ ଖଣ୍ଡା, କାତି ଓ ବୋମା ମାଡ ହେଉଛି । କିଛି ଦିନ ତଳେ ସାନବଜାର ଛକରୁ ବିଦ୍ୟାଧର ପାଣିଗ୍ରାହୀ ନାମକ ଜଣେ ଯୁବକଙ୍କୁ ଅପହରଣ କରାଯିବା ପରେ ଜଗବନ୍ଧୁ ସାହିଠାରେ ହତ୍ୟା କରାଯାଇଥିଲା । ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତମାନେ ଜେଲ ଫେରନ୍ତା ବିଦ୍ୟାଧରଙ୍କୁ ହତ୍ୟା କରିଥିଲେ । ସାଧାରଣ ଲୋକେ ଭୟଭୀତ ହେଉଥିବା ବେଳେ ଶାନ୍ତି ପ୍ରତିଷ୍ଠା ସହ ଅପରାଧୀଙ୍କୁ ସାବଡ଼ ସହ ଲୋକଙ୍କ ମନରେ ଥିବା ଏହି ଭୟ ଦୂର କରିବା ଲକ୍ଷ୍ୟରେ ଶନିବାର ସନ୍ଧ୍ୟାରେ ବଡବଜାର ଥାନା ପକ୍ଷରୁ ଫୁଟ୍ ପାଟ୍ରୋଲିଂ କରାଯାଇଛି। ଥାନା ଅଧିକାରୀ ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଚାଲିଚାଲି ଆସିକା ରୋଡ, ଜଗବନ୍ଧୁ ସାହି, ଷଣ୍ଢମାହାନ୍ତି ସାହି ପୁରୁଣା ବ୍ରହ୍ମପୁର ସହ ନିକଟରେ ଥିବା ଅନ୍ୟ ସାହିରେ ପାଟ୍ରୋଲିଂ କରିଥିଲେ। ଲୋକଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ। ଅଞ୍ଚଳରେ କୌଣସି ଅପରାଧିକ ଘଟଣା ଘଟିଲେ କିମ୍ବା ଅପରାଧର ଆଶଙ୍କା ଉପୁଜିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଲୋକଙ୍କୁ କହିଛନ୍ତି।


ପୋଲିସ ଟିମ୍ ଫୁଟ୍ ପାଟ୍ରୋଲିଂ କରି ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି।


# ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ: ଇସ୍ରାଏଲ୍

**ଜେରୁଜେଲମ/ତେହରାନ୍, ୧୪।୬**

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ବହୁ ବର୍ଷ ଧରି କୁହୁଳୁଥିବା ଧୂଆଁ ଏବେ ନିଆଁର ରୂପ ନେଇ ବ୍ୟାପିବାରେ ଲାଗିଛି। ୨୦୨୩ ଅକ୍ଟୋବର ୭ରୁ ହାମାସ୍ ସହ ଯୁଦ୍ଧରତ ଥିବା ଇସ୍ରାଏଲ୍ ଜୁନ୍ ୧୩ରେ ଇରାନ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିସର ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ଇସ୍ରାଏଲ୍ ଆକ୍ରମଣରେ ଆଇଆର୍‌ଜିସି କମାଣ୍ଡର ହୋସେଇନ୍ ସଲାମି, ଇରାନ୍ ଚିଫ୍ ଅଫ୍ ଷ୍ଟାଫ୍ ମହମ୍ମଦ ବଘେରି, ଡେପୁଟି ଗୋଲାମ ଅଲୀ ରାଶିଦ୍, କୁଦ୍ସ ଫୋର୍ସ ନେତା ଇସ୍‌ମାଇଲ କାନି ଓ ୬ ଜଣ ବରିଷ୍ଠ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି। ଯୁଦ୍ଧବିମାନ ଓ ଡ୍ରୋନ୍ ଷ୍ଟ୍ରାଇକ୍‌ରେ ଇରାନ୍‌ର ୭୮ ନିହତ ହୋଇଥିବାବେଳେ ୩୨୦ରୁ ଅଧିକ ଆହତ ହୋଇଥିବା ଇରାନ୍‌ର ଜାତିସଂଘ ପ୍ରତିନିଧି ସୂଚନା ଦେଇଛନ୍ତି। ଇସ୍ରାଏଲ୍ ଆକ୍ରମଣର ଜବାବ ଦେବାକୁ ଇରାନ୍ ମଧ୍ୟ ପଛାଇନାହିଁ। ଶୁକ୍ରବାର ରାତିରେ ଇରାନୀୟ ସେନାର ଆକ୍ରମଣରେ ଜେରୁଜେଲମ୍ ଓ ତେଲ ଆଭିଭ୍ ଆକାଶ ବିସ୍ଫୋରଣରେ ଝଟକି ଉଠିଥିଲା। ଏହା ପରେ ଶନିବାର ସକାଳେ ଇସ୍ରାଏଲ୍‌କୁ ଟାର୍ଗେଟ କରି ଇରାନ୍ ବହୁସଂଖ୍ୟକ ଦୂରଗାମୀ କ୍ଷେପଣାସ୍ତ୍ର ଓ ବାଲିଷ୍ଟିକ୍ ମିଶାଇଲ୍ ଛାଡ଼ିଛି। ଏଥିରେ ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ଇସ୍ରାଏଲ୍‌ର ସେନା ନିଜ ନାଗରିକମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଛି। ଉଭୟ ଇସ୍ରାଏଲ୍ ଓ ଇରାନ୍ ପକ୍ଷରୁ କୁହାଯାଇଛି ଯେ, ଆକ୍ରମଣ ଜାରି ରହିଲେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଇବ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ପ୍ରତି ଇରାନ୍ ପଟୁ ରହିଥିବା ବିପଦକୁ ଶେଷ କରିବା ହେଉଛି ତାଙ୍କ ଉଦ୍ଦେଶ୍ୟ। ଇରାନ୍ ନାଗରିକମାନେ ସେମାନଙ୍କ ନେତାମାନଙ୍କ ବିରୋଧରେ ବିଦ୍ରୋହ କରନ୍ତୁ ବୋଲି ନେତାନ୍ୟାହୁ ଆହ୍ୱାନ ଦେଇଛନ୍ତି। ଇରାନ୍ ସରକାରଙ୍କୁ ଗାଦିଚ୍ୟୁତ କରାଯାଇପାରିଲେ ଇସ୍ରାଏଲ୍ ସ୍ୱାଗତ କରିବ ବୋଲି ସେ କହିଛନ୍ତି।



ଇରାନର ମିଶାଇଲ ଆକ୍ରମଣ ପରେ ତେଲ୍ ଆଭିଭ୍ ଆକାଶ ଧୂଆଁମୟ ହୋଇଯାଇଛି।



ଆୟାତୋଲ୍ଲା ଅଲୀ ଖାମେନେଇ



ବେଞ୍ଜାମିନ୍ ନେତାନ୍ୟାହୁ

ସେହିପରି ଇରାନୀୟ ମିଶାଇଲ୍ ଆକ୍ରମଣ ଜାରି ରହିଲେ ତେହରାନ୍ ଜଳିଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଧମକ ଦେଇଛି। ଇସ୍ରାଏଲ୍ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏୟାଲ ଜମିର, ମୋସାଦ୍ ଡାଇରେକ୍ଟର ଡେଭିଡ୍ ବର୍ନେଆ ଓ ଅନ୍ୟ ଶୀର୍ଷ ସାମରିକ ଅଧିକାରୀମାନଙ୍କ ସହ ସ୍ଥିତି ସମୀକ୍ଷା ବେଳେ କାଟ୍‌ଜ କହିଛନ୍ତି, ଇରାନୀୟ ଏକଛତ୍ରବାଦୀ ତଥା ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିଜ ଦେଶର ନାଗରିକମାନଙ୍କୁ ପଣବନ୍ଦୀ କରିଦେଲେଣି। ଇସ୍ରାଏଲୀ ନାଗରିକଙ୍କ ଉପରେ ଆପରାଧିକ ଆକ୍ରମଣର ବହୁମୂଲ୍ୟ ଦେବାକୁ ପଡ଼ିବ। ଖାମେନେଇ ଯଦି ଇସ୍ରାଏଲ ଉପରେ ଏପରି କ୍ଷେପଣାସ୍ତ୍ର ମାଡ଼ କରିଚାଲନ୍ତି ତେବେ ତେହରାନ୍ ଜଳିଯିବ ବୋଲି ସେ ଖୋଲା ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଇସ୍ରାଏଲ୍ ଇରାନ୍‌ର ସୀମିତ ଆଣବିକ ଓ ସାମରିକ ଘାଟିକୁ ଟାର୍ଗେଟ କରିଛି। ଇରାନ୍ ୨୦୦ ବାଲିଷ୍ଟିକ୍ ମିଶାଇଲ୍ ଇସ୍ରାଏଲ୍ ଉପରେ ଛାଡ଼ିଛି। ସେଗୁଡ଼ିକରୁ ଅଧିକାଂଶ ମିଶାଇଲକୁ ଏୟାର ଡିଫେନ୍ସ ସିଷ୍ଟମ୍ ଆୟତ୍ତ କରି ଖସାଇଦେଇଛି। ତେବେ ୩ ଇସ୍ରାଏଲୀ ପ୍ରାଣ ହରାଇଥିବାବେଳେ ୭୦ ଆହତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଜମ୍ମୁ-କଶ୍ମୀରକୁ ପାକିସ୍ତାନର ଅଂଶ ଦର୍ଶାଇ କ୍ଷମା ମାଗିଲା ଇସ୍ରାଏଲ୍

ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ସଂଘର୍ଷ ଚାଲିଥିବାବେଳେ ତେହରାନ୍‌ର ମିଶାଇଲ୍ ଆକ୍ରମଣରେ କେତେ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇପାରେ ତାହା ଦେଖାଇବାକୁ ଇସ୍ରାଏଲ୍ ଉଦ୍ୟମ କରିଥିଲା। ତେବେ ଏପରି କରିବାକୁ ଯାଇ ଇସ୍ରାଏଲ୍ ଭୁଲ୍‌ବଶତଃ ଜମ୍ମୁ-କଶ୍ମୀରକୁ ଭାରତୀୟ ସୀମାରୁ ବାଦ୍ ଦେଇ ପାକିସ୍ତାନର ଅଂଶ ରୂପେ ଦର୍ଶାଇଥିଲା। ସୋସିଆଲ ମିଡିଆରେ ଏନେଇ ୟୁଜର୍ସ ନାନା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଟ୍ୟାଗ୍ କରି ତୁରନ୍ତ ତ୍ରୁଟି ସୁଧାରିବାକୁ ଦାବି କରିଥିଲେ। ଏହାର ୯୦ ମିନିଟ୍ ଭିତରେ ଆଇଡିଏଫ୍ ଏହାକୁ ସୁଧାରି ନୂଆ ମ୍ୟାପ୍ ଜାରି କରିଥିଲା । ଏଥିସହ ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ମାଗିଥିଲା।

## ସଂକ୍ଷେପରେ

### ଆଜିଠୁ ପ୍ରଧାନମନ୍ତ୍ରୀଙ୍କ କାନାଡା, ସାଇପ୍ରସ୍, କ୍ରୋଏସିଆ ଗସ୍ତ



**ନୂଆଦିଲ୍ଲୀ, ୧୪।୬(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାରଠାରୁ ୩ ରାଷ୍ଟ୍ର ଗସ୍ତରେ ଯିବେ। ସେ କାନାଡାରେ ଅନୁଷ୍ଠିତ ହେବାକୁ ଥିବା ଜି୭ ସମିଟ୍‌ରେ ଯୋଗଦେବା ସହ ସାଇପ୍ରସ୍ ଏବଂ କ୍ରୋଏସିଆ ଯାଇ ଉକ୍ତ ଦେଶ ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ପାଇଁ ଉଦ୍ୟମ କରିବେ। କ୍ରୋଏସିଆକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୁଲିଡେସ୍‌ଙ୍କ ଆମନ୍ତ୍ରଣକ୍ରମେ ରବିବାର ପ୍ରଥମେ ପ୍ରଧାନମନ୍ତ୍ରୀ ସେଠାକୁ ଗସ୍ତ କରିବେ। ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ସାଇପ୍ରସ ଗସ୍ତ କରୁଛନ୍ତି। ଗସ୍ତର ଦ୍ୱିତୀୟ ଭାଗରେ ପ୍ରଧାନମନ୍ତ୍ରୀ ଜୁନ୍ ୧୬-୧୭ରେ କାନାଡାର କନାନାସ୍କିସ୍ ଯାଇ ଜି୭ ସମିଟ୍‌ରେ ଯୋଗଦେବେ। ଏଥିପାଇଁ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଆମନ୍ତ୍ରଣ କରିଥିଲେ।

### ବିମାନ ଦୁର୍ଘଟଣା ମୃତକଙ୍କ ପରିବାରକୁ ଅତିରିକ୍ତ ୨୫ ଲକ୍ଷ ଦେବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ, ୧୪।୬**

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୪୧ ଜଣଙ୍କ ପରିବାର ସମେତ ଏକମାତ୍ର ଜୀବିତ ଯାତ୍ରୀଙ୍କୁ ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆ ଅତିରିକ୍ତ ୨୫ ଲକ୍ଷ ଟଙ୍କା ଲେଖାଏ ଆଗୁଆ ସହାୟତା ପ୍ରଦାନ କରିବ ବୋଲି ଶନିବାର ଘୋଷଣା କରିଛି। ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ପାଇଁ ଟାଟା ଗ୍ରୁପ୍ ପୂର୍ବରୁ ଘୋଷଣା କରିଥିବାବେଳେ ତ୍ୱରିତ୍ ଆର୍ଥିକ ସହାୟତା ଭାବେ ଏହି ୨୫ ଲକ୍ଷ ଟଙ୍କା ଅତିରିକ୍ତ ଭାବେ ପ୍ରଦାନ କରାଯିବ ବୋଲି ଏୟାର ଇଣ୍ଡିଆ ସିଇଓ କାମ୍‌ବେଲ୍ ୱିଲ୍‌ସନ୍ କହିଛନ୍ତି। ମୃତକମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରିବା ପ୍ରକ୍ରିୟାରେ ଏୟାର ଇଣ୍ଡିଆ ଟିମ୍ ସହାୟତା କରୁଛି। ସ୍ଥିତିର ସମ୍ବେଦନଶୀଳତାକୁ ସ୍ୱୀକାର କରି କଠିନ ସମୟରେ ପ୍ରିଭେସି ଦେବା ପାଇଁ ୱିଲ୍‌ସନ୍ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କୁ ନିବେଦନ କରିଛନ୍ତି।

### ବେଆଇନ ସଂଗଠନ ହିଜ୍‌ବୁତ୍-ତହରିର୍ ବିରୋଧରେ ଏନ୍‌ଆଇଏ ତଦନ୍ତ ଜାରି

**ମଧ୍ୟପ୍ରଦେଶ, ରାଜସ୍ଥାନରେ ଚଢ଼ାଉ**

**ନୂଆଦିଲ୍ଲୀ, ୧୪।୬**

ମୁସଲିମ୍ ଯୁବକମାନଙ୍କୁ କଠୋରପନ୍ଥୀରେ ପରିଣତ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ବେଆଇନ ସଂଗଠନ ହିଜବୁତ୍-ତହରିର୍‌ର ଆତଙ୍କବାଦ ଷଡ଼ଯନ୍ତ୍ରର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଏନ୍‌ଆଇଏ ଅଧିକାରୀମାନେ ରାଜସ୍ଥାନର ଭୋପାଳ ଅନ୍ତର୍ଗତ ୩ଟି ସ୍ଥାନ ଏବଂ ଝଲାଓ୍ୱରର ୨ ସ୍ଥାନରେ ତଲାସି କରିଥିବା ଜଣାପଡ଼ିଛି। ଭାରତର ନିର୍ବାଚିତ ସରକାରଙ୍କୁ ହଟାଇ ଶାରିଆତ ଆଇନ ଦ୍ୱାରା ଇସ୍‌ଲାମିକ୍ ଷ୍ଟେଟ୍ ପ୍ରତିଷ୍ଠା ଲାଗି ଉଦ୍ୟମ ଚଳାଇଥିବା ହିଜବୁତ୍-ତହରିର୍ ସଂଗଠନ ହିଂସାର ପ୍ରସାର ନିମନ୍ତେ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରୁଛି। ଚଢ଼ାଉ ବେଳେ ଏନ୍‌ଆଇଏ ଟିମ୍ ଜବତ କରିଥିବା ଡିଜିଟାଲ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ଅନୁଧ୍ୟାନ ପାଇଁ ପଠାଯିବ ବୋଲି ଜଣାପଡ଼ିଛି।

## କୋଭିଡ୍ ସକ୍ରିୟ ମାମଲା ୭,୪୦୦

**୨୪ ଘଣ୍ଟାରେ ୯ ମୃତ**

**ନୂଆଦିଲ୍ଲୀ, ୧୪।୬**

ଭାରତରେ ଶନିବାର ୨୬୯ ନୂଆ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୭,୪୦୦କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୯ ଜଣ କୋଭିଡ୍ ଆକ୍ରାନ୍ତ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। କର୍ଣ୍ଣାଟକରୁ ଗୋଟିଏ ଦିନରେ ସର୍ବାଧିକ ୧୩୨ ନୂଆ ମାମଲା ମିଳିଥିବାବେଳେ ଗୁଜରାଟରୁ ୭୯, କେରଳରୁ ୫୪ ଏବଂ ମଧ୍ୟପ୍ରଦେଶରୁ ୨୦ ମାମଲା ଚିହ୍ନଟ ହୋଇଛି। ଅନ୍ୟ ରାଜ୍ୟ ମଧ୍ୟରେ ସିକିମ୍‌ରେ ୧୧, ତାମିଲନାଡୁରେ ୧୨ ଏବଂ ହରିୟାଣାରେ ୯ ଜଣ ସଂକ୍ରମିତ ହୋଇଛନ୍ତି। କେରଳରେ ସକ୍ରିୟ ମାମଲା ସଂଖ୍ୟା ସର୍ବାଧିକ ୨,୧୦୯ରେ ପହଞ୍ଚିଛି। ଏହା ପଛକୁ ଗୁଜରାଟ (୧,୪୩୭), ଦିଲ୍ଲୀ (୬୭୨), ମହାରାଷ୍ଟ୍ର (୬୧୩), କର୍ଣ୍ଣାଟକ (୫୨୭), ଉତ୍ତରପ୍ରଦେଶ (୨୪୮), ତାମିଲନାଡୁ (୨୩୨), ରାଜସ୍ଥାନ (୧୮୦) ଏବଂ ଆନ୍ଧ୍ରପ୍ରଦେଶ (୧୦୨) ରହିଛି। ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରୁ ୪ ଜଣ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ କେରଳରୁ ୩, ରାଜସ୍ଥାନ ଓ ତାମିଲନାଡୁରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଏହାକୁ ମିଶାଇ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୮୭ରେ ପହଞ୍ଚିଛି।

## ମଣିପୁରରୁ ବିପୁଳ ଅସ୍ତ୍ର ଜବତ

**ଗୁଆହାଟୀ, ୧୪।୬**

ମଣିପୁର ପୋଲିସ ଓ ସୁରକ୍ଷା ବଳ ୩୨୮ ବନ୍ଧୁକ ସମେତ ବିପୁଳ ପରିମାଣର ଗୁଳିଗୋଳା ଜବତ କରିଛି। ଶୁକ୍ରବାର ରାତିରୁ ଇମ୍ଫାଲ ଉପତ୍ୟକାର ୫ ଜିଲାରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ଜବତ ବନ୍ଧୁକ ମଧ୍ୟରେ ୧୫୧ଟି ଏସ୍‌ଏଲ୍‌ଆର୍ ଏବଂ ୬୫ଟି ଇନ୍‌ସାସ୍ ରାଇଫଲ ରହିଛି। ୭୩ଟି ଅନ୍ୟ ରାଇଫଲ ରହିଥିବାବେଳେ ୫ଟି କାର୍ବାଇନ୍, ୨ଟି ଏମ୍‌ପି୫, ୧୨ଟି ଏଲ୍‌ଏମ୍‌ଜି, ୬ଟି ଏକେ ସିରିଜ୍ ରାଇଫଲ ଆଦି ରହିଛି। ଗୋଇନ୍ଦା ସୂଚନା ଆଧାରରେ ତଲାସି ଚାଲିଥିଲା।

# ବିମାନ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୨୭୦କୁ ବୃଦ୍ଧି

**ନୂଆଦିଲ୍ଲୀ, ୧୪।୬**

ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୨୭୦କୁ ବୃଦ୍ଧି ପାଇଛି। ଗୁରୁବାର ଅପରାହ୍ନରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏଆଇ ୧୭୧ ବିମାନ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ୍ ପରେ ବି.ଜେ. ମେଡିକାଲ କଲେଜ ହଷ୍ଟେଲ୍ ଓ ଏହାର କ୍ୟାଣ୍ଟିନ୍ କମ୍ପ୍ଲେକ୍ସକୁ ଧକ୍କା ଦେଇଥିଲା। ବିମାନର ଜଣେ ମାତ୍ର ଯାତ୍ରୀ ବଞ୍ଚିଥିବାବେଳେ ଅନ୍ୟ ୨୪୧ ଜଣଙ୍କ ଜୀବନ ଯାଇଥିଲା। ଏହା ବ୍ୟତୀତ ବିମାନ ଧକ୍କା ଯୋଗୁ ମେଡିକାଲ ଛାତ୍ରଙ୍କ ସମେତ ୨୪ ଜଣ ପ୍ରାଣ ହରାଇଥିଲେ। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ମଧ୍ୟରୁ ଶନିବାର ସୁଦ୍ଧା ୫ ଜଣ ଆଖି ବୁଜିବା ଫଳରେ ମୃତ୍ୟୁସଂଖ୍ୟା ୨୭୦ରେ ପହଞ୍ଚିଛି। ସମସ୍ତ ମୃତଦେହ ସିଟି ସିଭିଲ୍ ହସ୍ପିଟାଲରେ ପହଞ୍ଚିଥିବାବେଳେ ଡିଏନ୍‌ଏ ନମୁନା ମେଳ କରାଯାଇ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଏହି ପ୍ରକ୍ରିୟା ଶେଷ ହେବା ପରେ ମୃତଦେହଗୁଡ଼ିକୁ ସେମାନଙ୍କୁ ସମ୍ପର୍କୀୟଙ୍କ ହସ୍ତାନ୍ତର କରାଯିବ।

### ପାଇଲଟ୍‌ଙ୍କ ଶେଷ ବାର୍ତ୍ତା 'ଥ୍ରଷ୍ଟ ନଟ୍ ଆଚିଭ୍‌ଡ, ଫଲିଂ, ମେ'ଡେ



ଲଣ୍ଡନ ଯାଉଥିବା ଏଆଇ ୧୭୧ ବିମାନ ମେଡିକାଲ ହଷ୍ଟେଲରେ ଧକ୍କା ହେବା ପୂର୍ବରୁ ବିପଦର ସମ୍ମୁଖୀନ ହୋଇଥିବା ନେଇ ପାଇଲଟ୍ ଅହମଦାବାଦ ଏୟାରପୋର୍ଟର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ବାର୍ତ୍ତା ଦେଇଥିଲେ। ତାଙ୍କର ଶେଷ ବାର୍ତ୍ତା ଥିଲା, 'ଥ୍ରଷ୍ଟ ନଟ୍ ଆଚିଭ୍‌ଡ', 'ଫଲିଂ', 'କମ୍ୟୁନିକେଶନ ଲାଇନ୍ ଡିଉରିଂ ଦିସ୍ ଟ୍ରାନ୍ସମିଶନ ଭେରି ଉଇକ୍' ଏବଂ 'ମେ'ଡେ'(ବିମାନ ଉପରକୁ ଉଠିବା ଲାଗି ଶକ୍ତି ମିଳୁନାହିଁ, ଖସୁଛି, ଯୋଗାଯୋଗ ଲାଇନ୍ ଅତ୍ୟନ୍ତ ଦୁର୍ବଳ ରହିଛି ଏବଂ ବିପଦରେ ଅଛି)। ଗୁରୁବାର ଅପରାହ୍ନ ୧ଟା ୩୭ ମିନିଟ୍ ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବା ପରେ ବିମାନରେ କୌଣସି ସମସ୍ୟା ଦେଖାଦେଇଥିବା ପାଇଲଟ୍‌ଙ୍କ ଏହି ବାର୍ତ୍ତାରୁ ସ୍ପଷ୍ଟ ହେଉଛି। ବିମାନରେ ୨୩୦ ଯାତ୍ରୀ, ୨ ପାଇଲଟ୍ ଏବଂ ୧୦ କ୍ରିଉ ସଦସ୍ୟ ଥିଲେ। ୨୦୧୧ରେ ବ୍ୟବସାୟିକ ଉଡ଼ାଣରେ ସାମିଲ ହେବା ପରେ ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ଏହା ଥିଲା ପ୍ରଥମ ଘାତକ ଦୁର୍ଘଟଣା। ଦୁର୍ଘଟଣାସ୍ଥଳରୁ ଶୁକ୍ରବାର ମିଳିଥିବା ବିମାନର ବ୍ଲାକ୍‌ବକ୍ସର ଡିକୋଡିଂ କରାଯାଉଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି। ଦୁର୍ଘଟଣା ପୂର୍ବରୁ ବିମାନରେ କ'ଣ ଘଟିଥିଲା ଓ କେଉଁ କାରଣରୁ ଦୁର୍ଘଟଣା ଘଟିଲା ତାହା ଡିକୋଡିଂ ପରେ ଜଣାପଡ଼ିବ। ଏହା ବ୍ୟତୀତ ଦୁର୍ଘଟଣାର କାରଣ ଜାଣିବା ପାଇଁ ସରକାର ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଥିବାବେଳେ ତଦନ୍ତ କାର୍ଯ୍ୟ ଆଗେଇ ଚାଲିଛି। ଦେଶରେ ଅତ୍ୟନ୍ତ କଠୋର ବିମାନ ଚଳାଚଳ ନିରାପତ୍ତା ମାନଦଣ୍ଡ ଏବଂ ଦୃଢ଼ ପ୍ରୋଟୋକଲ୍ ରହିଛି। ଏହାକୁ ଆହୁରି ସୁରକ୍ଷିତ କରିବା ପାଇଁ ସବୁକିଛି କରାଯିବ ବୋଲଇ ମନ୍ତ୍ରୀ ନାଇଡୁ କହିଛନ୍ତି।

# ରହସ୍ୟମୟ ୧୧ଏ ସିଟ୍

**ନୂଆଦିଲ୍ଲୀ, ୧୪।୬**

୩ ଦଶନ୍ଧି ଅନ୍ତରରେ ଘଟିଥିବା ୨ଟି ବିମାନ ଦୁର୍ଘଟଣାରେ ବଞ୍ଚିଯାଇଥିବା ୨ ଯାତ୍ରୀଙ୍କ ସିଟ୍ ନମ୍ବର ୧୧ଏ ରହିଥିବା ଜଣାପଡ଼ିଛି। ପ୍ରଥମ ଦୁର୍ଘଟଣା ୧୯୯୮ରେ ଥାଇଲାଣ୍ଡରେ ଘଟିଥିବାବେଳେ ଦ୍ୱିତୀୟଟି ୨୦୨୫ ଜୁନ୍ ୧୨ରେ ଭାରତର ଅହମଦାବାଦରେ ଘଟିଛି। ଉଭୟ ଦୁର୍ଘଟଣାରେ ରହସ୍ୟମୟ ୧୧ଏ ସିଟ୍‌ର ଯାତ୍ରୀ ନିଶ୍ଚିତ ମୃତ୍ୟୁରୁ ବର୍ତ୍ତିଯାଇଛନ୍ତି। ଗୁରୁବାର ଏୟାର ଇଣ୍ଡିଆ ବିମାନ ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହେବାରୁ ବିମାନର ୨୪୧ ଜଣ ପ୍ରାଣ ହରାଇଥିବାବେଳେ ୧୧ଏ ସିଟ୍‌ରେ ବସିଥିବା ଏକମାତ୍ର ଯାତ୍ରୀ ବିଶ୍ୱାସ କୁମାର ରମେଶ ଜୀବିତ ରହିଛନ୍ତି। ୨୭ ବର୍ଷ ପୂର୍ବେ ଘଟିଥିବା ବିମାନ ଦୁର୍ଘଟଣାରେ ବଞ୍ଚିଯାଇଥିବା ଥାଇଲାଣ୍ଡର ଅଭିନେତା ତଥା ଗାୟକ ଜେମ୍ସ ରୁଆଙ୍ଗସାକ୍ ଲୟଚୁସାକ୍‌ଙ୍କର ସିଟ୍ ନମ୍ବର ୧୧ଏ ଥିଲା, ଯାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ସେ କହିଛନ୍ତି। ୧୯୯୮ରେ ଲୟଚୁସାକ୍ ଥାଇଲାଣ୍ଡ ଏୟାରୱେଜ୍‌ର ଟିଜି୨୬୧ ନମ୍ବର ବିମାନରେ ଯାତ୍ରା କରୁଥିବାବେଳେ ସେଠାର ସୁରଟ୍ ଥାନି ସହରରେ ଅବତରଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ମୋଟ ୧୪୬ ଜଣ ଥିଲାବେଳେ ସେମାନଙ୍କ ମଧ୍ୟରୁ ୧୦୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଜୀବିତଙ୍କ ମଧ୍ୟରେ ଲୟଚୁସାକ୍ ଅନ୍ୟତମ ଥିଲେ।

### ୨ ବିମାନ ଦୁର୍ଘଟଣାରୁ ୨ ଜଣଙ୍କୁ ବଞ୍ଚାଇଛି



ଜେମ୍ସ ରୁଆଙ୍ଗସାକ୍ ଲୟଚୁସାକ | ବିଶ୍ୱାସ କୁମାର ରମେଶ

# ଧୁବ୍ରୀରେ ସାମ୍ପ୍ରଦାୟିକ ହିଂସା: ୩୮ ଗିରଫ

**ଗୁଆହାଟୀ, ୧୪।୬**

ଆସାମର ଧୁବ୍ରୀରେ ସାମ୍ପ୍ରଦାୟିକ ହିଂସା ବଢ଼ିବା ପରେ ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବାକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶୁକ୍ରବାର ରାତିରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସେଠାରୁ ୩୮ ଜଣଙ୍କୁ ଗିରଫ କରାଗଲାଣି। ରାଜ୍ୟ ସରକାର ଧୁବ୍ରୀ ଜିଲାର ବରିଷ୍ଠ ଏସ୍‌ପି ନବୀନ ସିଂଙ୍କୁ ବଦଳି କରି ତାଙ୍କ ସ୍ଥାନରେ ହୈଲାକାଣ୍ଡି ଏସ୍‌ଏସ୍‌ପି ଲୀନା ଡୋଲିଙ୍କୁ ନିଯୁକ୍ତ କରିଛନ୍ତି। ବାଂଲାଦେଶ ସୀମାକୁ ଲାଗିଥିବା ଏହି ମୁସଲମାନବହୁଳ ଜିଲାରେ ରାପିଡ୍ ଆକ୍ସନ ଫୋର୍ସ ଏବଂ ସିଆର୍‌ପିଏଫ୍ ସମେତ ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ବାଂଲାଦେଶ ସପକ୍ଷ ପୋଷ୍ଟର ଅଭିଯାନ ଏବଂ ଧୁବ୍ରୀ ସହରର ଏକ ହନୁମାନ ମନ୍ଦିର ସମ୍ମୁଖରୁ ଗତ ୭ ତାରିଖରେ ଗୋରୁମୁଣ୍ଡ ମିଳିବାକୁ ନେଇ ଉତ୍ତେଜନା ବଢ଼ିବା ସହ ସଂଘର୍ଷ ଘଟିଥିଲା। ୯ ତାରିଖରେ ଜିଲା ପ୍ରଶାସନ ସହରରେ ନିଷେଧାଦେଶ ଲଗାଇଥିବାବେଳେ ଆଇନ ଶୃଙ୍ଖଳା ସ୍ଥିତିରେ ଉନ୍ନତି ଆସିବା ପରେ ପରଦିନ ଏହାକୁ ଉଠାଇ ନେଇଥିଲେ। ନବୀନ ବାଙ୍ଗଲା ନାମକ ସଂଗଠନ ଜିଲାରେ ଅସ୍ଥିରତା ସୃଷ୍ଟି କରିବା ସହ ଏହାକୁ ବାଂଲାଦେଶ ସହ ମିଶାଇବାକୁ ଉଦ୍ୟମ ଚଳାଇଥିବା ବିଶ୍ୱଶର୍ମା କହିଛନ୍ତି।

# ଆମିରଙ୍କ ସିକ୍ରେଟ୍



**ମୁମ୍ବାଇ**

ପ୍ରତିବର୍ଷ ଅଭିନେତାମାନେ କୋଟି କୋଟି ଟଙ୍କା ରୋଜଗାର କରନ୍ତି। ସେଭଳି ଜଣେ ହେଲେ ସୁପରଷ୍ଟାର ଆମିର ଖାନ। ତାଙ୍କ ରୋଜଗାର ମଧ୍ୟ କୋଟିରେ। ଏହି ଟଙ୍କାକୁ ସେ ନିଜେ କିମ୍ବା ତାଙ୍କ ପତ୍ନୀ ପରିଚାଳନା କରି ନ ଥାନ୍ତି। ଜଣେ ବ୍ୟକ୍ତି ଅଛନ୍ତି ସେ ଏହି ଦାୟିତ୍ୱ ତୁଲାଉଛନ୍ତି। ସେ ଯଦି ଚାହିଁବେ ଆମିର କିଛି ସେକେଣ୍ଡରେ ଦେବାଳିଆ ହୋଇଯିବେ। ଆମିର ନିକଟରେ ଏକ ସାକ୍ଷାତକାର ସମୟରେ ତାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ବିମଲ ପାରେଖ। ଅଭିନେତା ଆରମ୍ଭରୁ ସୃଜନଶୀଳତା ଉପରେ ଧ୍ୟାନ ଦେଉଥିଲେ। ତାଙ୍କର କେବେବି ଟଙ୍କା ପ୍ରତି ଆଗ୍ରହ ନ ଥିଲା। ସେବେଠାରୁ ସେ ତାଙ୍କ ଟଙ୍କାର ହିସାବ ନିକାଶ ବିମଲଙ୍କୁ ଦେଇଛନ୍ତି। ସବୁକିଛିର ସେ ହିସାବ ରଖି ଆସୁଛନ୍ତି। ଯଦି ସେ ଚାହିଁବେ, ତେବେ ଆମିରଙ୍କୁ ଗୋଟିଏ ମୁହୂର୍ତ୍ତରେ ଦେବାଳିଆ କରିପାରନ୍ତି। ତେବେ ବିମଲ ହେଉଛନ୍ତି ବଲିଉଡର ପ୍ରିୟ ଚାର୍ଟର୍ଡ ଆକାଉଣ୍ଟାଣ୍ଟ। ସେ ଜଣେ ଆର୍ଥିକ ପରାମର୍ଶଦାତା ମଧ୍ୟ। ସେ କେବଳ ଆମିର ନୁହନ୍ତି, ରଣବୀର କପୁର, କ୍ୟାଟ୍ରିନା କୈଫ, ଜୁହି ଚାୱଲା ଏବଂ କପିଲ ଶର୍ମାଙ୍କ ସିଏ। ସେ ଅନେକ ପ୍ରଡକ୍ସନ ହାଉସକୁ ଆର୍ଥିକ ମାର୍ଗଦର୍ଶନ ମଧ୍ୟ ଦେଇଛନ୍ତି। ଯେଉଁଥିରେ ଫରହାନ ଅଖତର-ରିତେଶ ସିଧୱାନୀଙ୍କ ଏକ୍ସେଲ ଏଣ୍ଟରଟେନମେଣ୍ଟ, ଜୋୟା ଅଖତର-ରୀମାଙ୍କ ଟାଇଗର ବେବି, ଭଂସାଲି ଏବଂ ଆଶୁତୋଷ ଗୋୱାରିକରଙ୍କ ପ୍ରଡକ୍ସନ ହାଉସ ଅନ୍ତର୍ଭୁକ୍ତ।

# ସର୍ବୋଚ୍ଚ ସ୍ତରରେ ସୁନା ଦର

ଭୁବନେଶ୍ୱର,୧୪।୬

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ବଜାରରେ ସୁନା ଦର ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏପରିକି ଶନିବାର ଶୁଦ୍ଧ ସୁନା ଉପରେ ପ୍ରାୟ ୨୦୦୦ ଟଙ୍କା ବଢ଼ି ଦର ଲକ୍ଷେ ଅତିକ୍ରମ କରିଛି। ସେହିଭଳି ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୧,୦୧,୬୭୦ ଟଙ୍କାରେ କାରବାର ହେଉଥିଲାବେଳେ ୨୨ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୨୦୦ ଟଙ୍କା ରହିଛି। ଅପରପକ୍ଷରେ ୧୮ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୬,୨୫୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୨୦,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଜାତୀୟ ବଜାରରେ ମଧ୍ୟ ସୁନା ଦରରେ ବୃଦ୍ଧି ଘଟିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୧୧୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୯୩,୪୦୦ ଟଙ୍କା ରହିଛି। ଅପରପକ୍ଷରେ ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୬,୭୫୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୫୩୦ ଟଙ୍କାରେ



ପହଞ୍ଚିଛି। ଏପରିକି ମୁମ୍ବାଇରେ ସୁନା ଦର ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୨୮୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୭୧୦ ଟଙ୍କା, ଚେନ୍ନାଇରେ ୨୪ କ୍ୟାରେଟ୍ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୩୧୪ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୬,୫୭୦ଟଙ୍କା ଏବଂ କୋଲାକାତାରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୧,୦୦,୫୭୦ ଟଙ୍କା ଥିଲାବେଳେ ରୁପା କିଲୋଗ୍ରାମ ପିଛା ୧,୦୭,୨୦୦ ଟଙ୍କାରେ କାରବାର ହେଉଛି।

ଗୋଟିଏ ପଟରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଭୂ ରାଜନୈତିକ ଘଟଣାବଳୀ ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାରି ମଧ୍ୟରେ ସୁନା ଦର ବୃଦ୍ଧି ଉଭୟ ବଜାର ଓ ବ୍ୟବସାୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେହିପରି ଅନ୍ତଃରାଷ୍ଟ୍ରୀୟ ବଜାରରେ ଉତ୍ପାଦନ ହ୍ରାସ ଓ ଦରବୃଦ୍ଧି ସାଙ୍ଗକୁ ନିବେଶକମାନେ ସୁନାରେ ଅଧିକ ନିବେଶ କରୁଥିବାରୁ ସୁନା ଦର ଉଚ୍ଚା ରହିଛୁ ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହୋଇଥିବା ଅଗଷ୍ଟ ଡେଲିଭରି କଣ୍ଟ୍ରାକ୍ଟ ୨,୦୧୧ ଟଙ୍କା ବୃଦ୍ଧି ପାଇ ପ୍ରଥମ ଥର ପାଇଁ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ସକାଳ କାରବାର ସମୟରେ ଏହା ୧୦ ଗ୍ରାମ ପିଛା ୧,୦୦,୪୦୩ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ସୁନାର ମୂଲ୍ୟ ୨୮.୩୦ ଡଲାର କିମ୍ବା ୦.୮୪% ବୃଦ୍ଧି ପାଇ ଆଉନ୍ସ ପ୍ରତି ୩,୪୧୫.୧୩ ଡଲାରରେ ପହଞ୍ଚିଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଏକ ବ୍ୟାପକ ସଂଘର୍ଷର ଭୟ ଏବଂ ଆମେରିକାର ବାଣିଜ୍ୟ ନୀତି ଓ ମୁଦ୍ରା ଦିଗକୁ ନେଇ ବଜାର ଚିନ୍ତା ବୃଦ୍ଧି ପାଇବା ମଧ୍ୟରେ ନିରାପଦ ସ୍ଥାନ ଚାହିଦା ବୃଦ୍ଧି ଯୋଗୁ ବିଶ୍ୱସ୍ତରରେ ଏହି ବୃଦ୍ଧି ଘଟିଛି।

## ଆଇଏଫ୍‌ଏଲ୍‌କୁ ନୀତିଗତ ଅନୁମୋଦନ

ଭୁବନେଶ୍ୱର,୧୪।୬

ଆଇଏଫ୍‌ଏଲ୍ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍(ଆଇଏଫ୍‌ଏଲ୍) କୁ ନିକଟରେ ନୀତିଗତ ଅନୁମୋଦନ ମିଳିଛି। ଏପରିକି କମ୍ପାନୀ ରାଇଟ୍ସ ଇସ୍ୟୁକୁ ଆକର୍ଷଣୀୟ ଭାବେ ଶେୟାର ପିଛା ୧ ଟଙ୍କା ମୂଲ୍ୟ ବିଶିଷ୍ଟ କରାଯାଇଛି ଏବଂ ଏହା ଅଂଶଧାରକମାନଙ୍କୁ କମ୍ପାନୀରେ ସେମାନଙ୍କର ଇକ୍ୱିଟି ବୃଦ୍ଧି କରିବା ନିମନ୍ତେ ଏକ ସୁଯୋଗ ଯୋଗାଇଦେଉଛି। ବିଶେଷକରି କୃଷି ସାମଗ୍ରୀର ଆମଦାନୀ, ରପ୍ତାନି ଓ ଟ୍ରେଡ଼ିଂ ସହ କୃଷି ସାମଗ୍ରୀ ବ୍ୟବସାୟରେ ନିୟୋଜିତ ଥିବା ଆଇଏଫ୍‌ଏଲ୍ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ (ବିଏସ୍‌ଇ-୫୪୦୩୭୭)ର ୪୯.୧୪ କୋଟି ଟଙ୍କା ରାଇଟ୍ସ ଇସ୍ୟୁ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୫ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ସେହିଭଳି କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକରେ ରାଇଟ୍ସ ଇସ୍ୟୁ ସମ୍ପର୍କରେ ବିଚାରକରିବା ସହ ତାହାକୁ ଅନୁମୋଦନ କରିଥିଲେ। ପୂର୍ବରୁ ୨୦୨୪ ଡିସେମ୍ବର ୩୦ ରେ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସର ନିଷ୍ପତ୍ତି ଏବଂ ୨୦୨୫ ମାର୍ଚ୍ଚ ୭ର ଚିଠା ଲେଟର ଅଫ୍ ଅଫରକୁ ପ୍ରସ୍ତାବିତ ୫୦କୋଟି ଟଙ୍କା ପର୍ଯ୍ୟନ୍ତ ରାଇଟ୍ସ ଇସ୍ୟୁ ପାଇଁ 'ନୀତିଗତ ଅନୁମୋଦନ'ହାସଲ କରାଯାଇଥିଲା।

## ଜୟଆଲୁକ୍କାସ୍‌ର ଆକର୍ଷଣୀୟ ରିହାତି ଅଫର

ଭୁବନେଶ୍ୱର,୧୪।୬ (ଅଭୟ ଦାଶ)




ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଅଫର ତଥା ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଫର ୨୦୨୫ ଜୁଲାଇ ୧୩ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସୀମିତ ଅବଧିର ଅଫର ସମୟରେ ଗ୍ରାହକମାନେ ସୁନା, କଟ୍ ଏବଂ ଅନ୍‌କଟ୍ ହୀରା, ପ୍ଲାଟିନମ୍, ରୁପା ଏବଂ ମୂଲ୍ୟବାନ୍ ପଥର ଅଳଙ୍କାରର ଏକ ଚମତ୍କାର ଶ୍ରେଣୀ ଉପରେ ଆକର୍ଷଣୀୟ ଏବଂ ମେକିଂ ଚାର୍ଜ ଉପରେ ଏକ ଅସାଧାରଣ ଫ୍ଲାଟ୍ ୫୦% ରିହାତି ପାଇବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜୟ ଆଲୁକ୍କାସ୍ କହିଛନ୍ତି, ସର୍ବଦା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ପ୍ରକୃତ ଆନନ୍ଦଦାୟକ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବା ଆମର ଲକ୍ଷ୍ୟ । ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ ସହ ଆମେ ଆମର ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଏବଂ ଡିଜାଇନ ବିକ୍ରୟ ପ୍ରଦାନକରି ଅତ୍ୟନ୍ତ ଆନନ୍ଦିତ। ଆମର ଶୋ'ରୁମ୍ ରେ ଉପଲବ୍ଧ ଏହି ସ୍ୱତନ୍ତ୍ର ଅଫରର ସର୍ବାଧିକ ଲାଭ ଉଠାଇବା ପାଇଁ ଆମେ ସମସ୍ତ ଅଳଙ୍କାରପ୍ରେମୀଙ୍କୁ ସ୍ୱାଗତ କରୁଛୁ। ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ୨୦୨୫ ଜୁଲାଇ ୧୩ ପର୍ଯ୍ୟନ୍ତ ବୈଧ ରହିଛି। ଏହି ସ୍ୱତନ୍ତ୍ର ଅଫର ସହ ଗ୍ରାହକମାନେ ଜୟଆଲୁକ୍କାସ୍‌ରୁ ପ୍ରତ୍ୟେକ କ୍ରୟ ସହିତ ମାଗଣା ଆଜୀବନ ରକ୍ଷଣାବେକ୍ଷଣ, ଗୋଟିଏ ବର୍ଷର ମାଗଣା ବୀମା ଏବଂ ବାଏବ୍ୟାକ୍ ନିଶ୍ଚିତତା ମଧ୍ୟ ପାଆନ୍ତି। ସେହିଭଳି ୧୦ ଲକ୍ଷରୁ ଅଧିକ ଅନନ୍ୟ ଡିଜାଇନର ଏକ ସଂଗୃହୀତ ପୋର୍ଟଫୋଲିଓ ସହିତ ଜୟଆଲୁକ୍କାସ୍ ଭାରତୀୟ କ୍ଲାସିକ୍‌ଠାରୁ ଆରମ୍ଭକରି ବିଶ୍ୱରେ ପ୍ରଭାବ ବିସ୍ତାର କରିଥିବା ସମସାମୟିକ ଇଟାଲୀୟ, ତୁର୍କୀ ଏବଂ ଜାତିଗତ ଆଧୁନିକ ଶୈଳୀ ପର୍ଯ୍ୟନ୍ତ ସମସ୍ତ ପାରମ୍ପରିକ ସୌନ୍ଦର୍ଯ୍ୟକୁ ମିଶ୍ରଣ କରିଛନ୍ତି, ଯାହା ସଠିକତା ଏବଂ କଳାକୃତିର ଅପୂର୍ବ ସମନ୍ୱୟ ସହିତ ପ୍ରସ୍ତୁତ ରହିଛି।

## ବୀମା କ୍ଷେତ୍ରରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ଗୁରୁତ୍ୱ

ଭୁବନେଶ୍ୱର,୧୪।୬

ଆଜିର ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ବିପଦ ବଢ଼ିବାରେ ଲାଗିଛି। ଏପରିକି ଜଳବାୟୁ ପରିବର୍ତ୍ତନ, ପ୍ରଯୁକ୍ତି କ୍ଷେତ୍ରରେ ଦ୍ରୁତ ଉନ୍ନତି ଏବଂ ଉଦ୍ୟୋଗୀକରଣ ତ୍ୱରାନ୍ୱିତ ହେବା ବୈଶ୍ୱିକସ୍ତରରେ ବିପଦ ପରିଦୃଶ୍ୟରେ ପରିବର୍ତ୍ତନ ଆଣୁଛି। ସାମ୍ପ୍ରତିକ ପରିସଂଖ୍ୟାନ ଏକ ଗମ୍ଭୀର ବିଷୟ ଉପସ୍ଥାପନ କରିଥାଏ। ୨୦୨୪ରେ ପୃଥିବୀ ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି। ମ୍ୟାନ୍‌ମାରଠାରେ ନିକଟରେ ୭.୭ ତୀବ୍ରତାର ଏକ ବିନାଶକାରୀ ଭୂମିକମ୍ପ ଆସିଥିଲା। ଏହା ଫଳରେ ମାନବ ଓ ଆର୍ଥିକ କ୍ଷେତ୍ରରେ କ୍ଷତି ହୋଇଥିଲା। ଏହା ଆମର ନିଜ ଦେଶରେ ଘଟିଥିବା ସମାନ ଘଟଣାର ସମ୍ଭାବ୍ୟ ପ୍ରଭାବ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ସୃଷ୍ଟି କରିଛି। ଏ ସମ୍ପର୍କରେ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ତପନ ସିଂଘେଲ କହିଛନ୍ତି, ପାରମ୍ପରିକ ବୀମା ବହୁ ସମୟ ଧରି ରିସ୍କ ମ୍ୟାନେଜମେଣ୍ଟର ମେରୁଦଣ୍ଡ ରହି ଆସିଛି, ଯାହା ବିସ୍ତୃତ କ୍ଷତି ଆକଳନ ଉପରେ ନିର୍ଭରକରିବା ସହ କ୍ଷତି ବିପକ୍ଷରେ ସଂରଚିତ କଭରେଜ୍ ପ୍ରଦାନ କରିଥାଏ। ତଥାପି ଅଭୂତପୂର୍ବ ପରିବର୍ତ୍ତନର ଯୁଗରେ ପାରମ୍ପରିକ ନୀତିଗୁଡ଼ିକ ପାଇଁ ବେଳେବେଳେ ଦ୍ରୁତ ଭାବେ ବିକଶିତ ହେଉଥିବା ବିପଦର ଚାହିଦା ପୂରଣ କରିବା କଷ୍ଟକର ହୋଇଥାଏ। ଏଭଳି କ୍ଷେତ୍ରରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ଏହାର ଆବଶ୍ୟକତା ଦେଖାଯାଇଥାଏ। ଏହା ଏକ ମଡେଲ, ଯାହାକି ଦ୍ରୁତ, ପାରଦର୍ଶୀ ଏବଂ କୁଶଳ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସରେ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସ ହେଉଛି ଏକ ଇଣ୍ଡେକ୍ସ ଆଧାରିତ ସମାଧାନ। ଏହା ସ୍ପଷ୍ଟ, ପୂର୍ବ ପ୍ରତିଷ୍ଠିତ ମାନଦଣ୍ଡ ମାଧ୍ୟମରେ କଭରେଜ୍ ବିଷୟରେ ବ୍ୟାଖ୍ୟା କରିଥାଏ। ଏହା ଏକ ଭରସାଯୋଗ୍ୟ, ସ୍ୱାଧୀନ କର୍ତ୍ତୃପକ୍ଷ ଏହି ସୂଚକାଙ୍କଗୁଡ଼ିକ ପଲିସିହୋଲ୍ଡରଙ୍କ ପାଇଁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ ; ଯାହାକି ଆବଶ୍ୟକତା ସମୟରେ ବହୁ ସାହାଯ୍ୟ କରିଥାଏ। ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସର ସବୁଠାରୁ ମହତ୍ୱପୂର୍ଣ୍ଣ ଉପଯୋଗ ଜଳବାୟୁ-ଆଧାରିତ କ୍ରପ୍ ଇନ୍‌ସ୍ୟୁରାନ୍ସ ସ୍କିମ୍‌ରେ ଦେଖାଯାଏ। କୃଷକମାନେ ଅପ୍ରତ୍ୟାଶିତ ଭାବେ ପାଣିପାଗ ପରିସ୍ଥିତି ଯଥା ଅନିୟମିତ ବର୍ଷା, ହଠାତ୍ ତାପମାତ୍ରା ବୃଦ୍ଧି, ଅଧିକ ପବନ କିମ୍ବା ଅତ୍ୟଧିକ ଆର୍ଦ୍ରତା ଆଦି କାରଣରୁ ଦେଖାଦେଇଥାଏ। ଯଦି ଏହି ବିପଦଗୁଡ଼ିକର ତୀବ୍ରତା ପୂର୍ବ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ, ତେବେ ପେ-ଆଉଟ୍ ଆରମ୍ଭ ହୋଇଥାଏ ଏବଂ ଏହି ରାଶି କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟରେ କ୍ରେଡିଟ୍ ହୋଇଥାଏ।

## ଦାବି ସମାଧାନକୁ ତ୍ୱରାନ୍ୱିତ କରିବ ଏଲ୍‌ଆଇସି

ଭୁବନେଶ୍ୱର,୧୪।୬

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଗୁଜରାଟର ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓ ପୀଡ଼ିତ ସଦସ୍ୟଙ୍କ ଦାବି ସମାଧାନ ପାଇଁ ରିହାତି ଘୋଷଣା କରିଛି। ବିଶେଷକରି ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଯାତ୍ରୀ ଏବଂ କ୍ରିଉ ସଦସ୍ୟଙ୍କ ମୃତ୍ୟୁ ଏବଂ ସମ୍ପୃକ୍ତ ଅଞ୍ଚଳରେ ଥିବା ଲୋକଙ୍କ ମୃତ୍ୟୁ ପାଇଁ ଏହି ରିହାତି ସୁବିଧା ଘୋଷଣା ହୋଇଛି। ଅପରପକ୍ଷରେ ଏଲ୍‌ଆଇସି ଉପରୋକ୍ତ ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ସଦସ୍ୟଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛି। ସେହିଭଳି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଦସ୍ୟଙ୍କ ପରିବାର ଲୋକଙ୍କୁ ଆବଶ୍ୟକ ସମର୍ଥନ କରିବାକୁ ଏଲ୍‌ଆଇସି ପ୍ରତିବଦ୍ଧ ରହିଛି। ଏପରିକି ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବୀମାଧାରୀଙ୍କ ଦାବି ସମାଧାନକୁ ମଧ୍ୟ ଏଲ୍‌ଆଇସି ତ୍ୱରାନ୍ୱିତ କରିବ ବୋଲି କୁହାଯାଇଛି। ସେହିପରି ଏଲ୍‌ଆଇସି ପଲିସିର ଦାବିଦାରଙ୍କ କଷ୍ଟକୁ କମ କରିବା ପାଇଁ ଏଲ୍‌ଆଇସି ପକ୍ଷରୁ ଅନେକ ରିହାତି ଘୋଷଣା କରାଯାଇଛି। ବିଶେଷ କରି ଏହି ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ସଦସ୍ୟଙ୍କ ମୃତ୍ୟୁ ପ୍ରମାଣପତ୍ର ବଦଳରେ ବିମାନ ଦୁର୍ଘଟଣା ଯୋଗୁ ପଲିସିଧାରୀଙ୍କ ମୃତ୍ୟୁ କିମ୍ବା କେନ୍ଦ୍ର/ରାଜ୍ୟ ସରକାର/ଏୟାରଲାଇନ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣର ସରକାରୀ ରେକର୍ଡରେ ଥିବା ଯେକୌଣସି ପ୍ରମାଣକୁ ମଧ୍ୟ ମୃତ୍ୟୁ ପ୍ରମାଣ ଭାବେ ଗ୍ରହଣ କରାଯିବ। ଅପରପକ୍ଷରେ ଅଧିକ ସହାୟତା ପାଇଁ ଏଲ୍‌ଆଇସି ଦାବିଦାରମାନେ ନିକଟତମ ଏଲ୍‌ଆଇସି ଶାଖା/ବିଭାଗ/ଗ୍ରାହକ ଜୋନ୍ ସହ ଯୋଗାଯୋଗ କରିପାରିବେ। ଏପରିକି ଦାବିଦାରମାନେ ଏଲ୍‌ଆଇସିର କଲ୍ ସେଣ୍ଟର- ୦୨୨୬୮୨୭୬୮୨୭ ନମ୍ବରରେ ମଧ୍ୟ କଲ୍ କରିପାରିବେ।

## ଆକର୍ଷଣୀୟ ମୂଲ୍ୟରେ ବିସ୍ତୃତ ରେଞ୍ଜର ଏସି,ରେଫ୍ରିଜରେଟର

ଭୁବନେଶ୍ୱର,୧୪।୬

ବର୍ତ୍ତମାନ ସମୟରେ ଏୟାର କଣ୍ଡିସନର(ଏସି) ଏବଂ ରେଫ୍ରିଜରେଟର ସବୁ ବର୍ଗର ଉପଭୋକ୍ତାଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ ପାଲଟିଯାଇଛି। ଗ୍ରାହକଙ୍କ ଏହି ଆବଶ୍ୟକତା ପୂରଣ ଓ ବଜାର ଚାହିଦାକୁ ଆଖି ଆଗରେ ରଖି ଅନ୍‌ଲାଇନ/ଇକର୍ମସ ପ୍ଲାଟ୍‌ଫର୍ମ ଆମାଜନ.ଇନ୍ ଆକର୍ଷଣୀୟ ମୂଲ୍ୟରେ ବିସ୍ତୃତ ରେଞ୍ଜର ଏସି ଓ ରେଫ୍ରିଜରେଟର ଏକ ବିସ୍ତୃତ ରେଞ୍ଜ ନେଇ ଆସିଛି। ବିଶେଷ କରି କ୍ୟାରିୟର, ଗୋଦ୍‌ରେଜ୍, ହାୟର ଓ ସାମ୍‌ସଙ୍ଗ୍ ଭଳି ବ୍ରାଣ୍ଡର ଶ୍ରେଷ୍ଠ ପସନ୍ଦଗୁଡ଼ିକୁ ପ୍ଲାଟ୍‌ଫର୍ମ ଜରିଆରେ ପାଇପାରିବେ। ସେହିଭଳି ଏସି ରେଞ୍ଜ ଉପରେ ଆକର୍ଷଣୀୟ ଅଫର ସାମିଲ ରହିଛି। ଏପରିକି ଏଲ୍‌ଜି ୧ ଟନ୍ ୪ଷ୍ଟାର୍ ଡୁଆଲ୍ ଇନ୍‌ଭର୍ଟର ସ୍ପ୍ଲିଟ୍ ଏସିକୁ ୩୪,୯୯୦ ଟଙ୍କା, ଏଲ୍‌ଜି ୧.୫ ଟନ୍ ୫ଷ୍ଟାର୍ ଡୁଆଲ୍ ଇନ୍‌ଭର୍ଟର ସ୍ପ୍ଲିଟ୍ ଏସିକୁ ୪୪,୪୯୦ ଟଙ୍କା, ପାନାସୋନିକ୍ ୨.୦ ଟନ୍ ୪ଷ୍ଟାର ପ୍ରିମିୟମ୍ ୱାଇ-ଫାଇ ଇନ୍‌ଭର୍ଟର ଏସିକୁ ୫୫,୯୯୦ ଟଙ୍କା, ହିଟାଚି ୧.୫ ଟନ୍ ୫ଷ୍ଟାର ଇନ୍‌ଭର୍ଟର ଏସିକୁ ୪୪,୪୯୦ ଟଙ୍କା ଏବଂ କ୍ୟାରିୟର ୧.୫ଟନ୍ ୩ଷ୍ଟାର ୱାଇ-ଫାଇ ସ୍ମାର୍ଟ ଫ୍ଲେକ୍ସ କୁଲ୍ ଇନଭର୍ଟର ସ୍ପ୍ଲିଟ୍ ଏସିକୁ ୩୪,୯୯୦ ଟଙ୍କାରେ ଗ୍ରାହକ ପାଇପାରିବେ। ସେହିପରି ରେଫ୍ରିଜରେଟର ବର୍ଗରେ ହାୟର ୫୯୬ଲି ୩ଷ୍ଟାର ସାଇଡ୍-ବାଇ-ସାଇଡ୍ ରେଫ୍ରିଜରେଟର ୫୯,୯୯୦ଟଙ୍କା, ଏଲଜି ୩୨୨ଏଲ୩ଷ୍ଟାର ଫ୍ରଷ୍ଟ-ଫ୍ରି ସ୍ମାର୍ଟ ଇନ୍‌ଭର୍ଟର ଡବଲ ଡୋର୍ ରେଫ୍ରିଜରେଟର ୩୬,୯୯୦ ଟଙ୍କା, ହାୟର ୩୨୫ଲି କନ୍‌ଭର୍ଟିବଲ୍ ଡବଲ ଡୋର୍ ରେଫ୍ରିଜରେଟର ୩୫,୪୯୦ଟଙ୍କା, ସାମ୍‌ସଙ୍ଗ୍ ୪୧୯ ଲି ୩ ଷ୍ଟାର, କନ୍‌ଭର୍ଟିବଲ୍ ୫-ଇନ୍-୧ ରେଫ୍ରିଜରେଟର ୪୯,୯୯୦ ଟଙ୍କା, ସାମ୍‌ସଙ୍ଗ୍ ୬୫୩ ଲି, ୩ ଷ୍ଟାର, ଫ୍ରଷ୍ଟ ଫ୍ରି, ଡବଲ ଡୋର୍ ରେଫ୍ରିଜରେଟର ୭୯,୯୯୦ ଟଙ୍କାରେ ଗ୍ରାହକ ପାଇପାରିବେ। ଏପରିକିଗ୍ରାହକମାନେ ଏଚ୍‌ଡିଏଫ୍‌ସି, ଆକ୍ସିସ୍, ୟେସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଆର୍‌ବିଏଲ୍, ଏଚ୍‌ଏସ୍‌ବିସି ଓ ଫେଡେରାଲ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଇଏମ୍‌ଆଇ କାରବାର ଉପରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ବ୍ୟାଙ୍କ ରିହାତି, ୩,୦୦୦ ଟଙ୍କା ପର୍ଯ୍ୟନ୍ତ କୁପନ ରିହାତି ଏବଂ ୧୮ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମ୍‌ଆଇ ସୁବିଧା ଉପଭୋଗ କରିପାରିବେ। ଅପରପକ୍ଷରେ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହ କିଣାକିଣି କରୁଥିବା ଗ୍ରାହକମାନେ ଆକର୍ଷଣୀୟ ପୁରସ୍କାର ସହ ଅସୀମିତ ୫% (ପ୍ରାଇମ୍ ଗ୍ରାହକ) ଏବଂ ୩% (ପ୍ରାଇମ୍ ସଦସ୍ୟ ନନ୍-ପ୍ରାଇମ୍ ସଦସ୍ୟ) କ୍ୟାଶ୍‌ବ୍ୟାକ୍ ପାଇଥାନ୍ତି।

## ତନେଇରା ଶାଢ଼ି ଉପରେ ୪୦% ପର୍ଯ୍ୟନ୍ତ ରିହାତି

ଭୁବନେଶ୍ୱର,୧୪।୬

ତନେଇରାର ବହୁ ପ୍ରତୀକ୍ଷିତ ଫେଷ୍ଟିଭ ଅଫର 'ରଜ ଓ ରଥଯାତ୍ରା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ତନେଇରାର ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଷ୍ଟୋର ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ତନେଇରାର ଆଞ୍ଚଳିକ ଅଧିକାରୀ ଆୟୁସ୍ମିତା ସେନ୍‌ଙ୍କ ସମେତ ବିଜ୍‌ନେସ୍ ଆସୋସିଏଟ୍ ମାଣିକ ହଂସ ଏବଂ ବିବେକ ହଂସ ପ୍ରମୁଖ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ଅଫର ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ସେହିଭଳି ଗ୍ରାହକ ଏହି ଅଫରକୁ ଉଭୟ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଏବଂ କଟକର ସିଡିଏ ଷ୍ଟୋରରେ ପାଇପାରିବେ। ଏପରିକି ତନେଇରାର ସମସ୍ତ ଶାଢ଼ି ସଂଗ୍ରହର କ୍ରୟ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି ବୋଲି ଆୟୁସ୍ମିତା ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ରେଡି-ଟୁ-ୱେର ପୋଷାକ, ଅନ୍-ଷ୍ଟିଚ୍‌ଡ୍ କୁର୍ତ୍ତା ସେଟ୍ ଏବଂ ଫେଷ୍ଟିଭ ଲେହେଙ୍ଗା ଓ ବିଭିନ୍ନ ବ୍ରାଣ୍ଡର ଶାଢ଼ି ଭଳି ବ୍ୟାପକ ଉତ୍ପାଦ (ପ୍ରଡକ୍ଟ ରେଞ୍ଜ)ଗୁଡ଼ିକୁ ଗ୍ରାହକ ଅତୁଳନୀୟ ମୂଲ୍ୟରେ ପାଇପାରିବେ ବୋଲି ବିବେକ କହିଥିଲେ।

## ରାଜ୍ୟ ଖବର

## ଯୋଡ଼ା ଫ୍ଲାଏଓଭରରେ ଫାଟ

ଯୋଡ଼ା, ୧୪।୬(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ସହରରେ ୨୦୨୩ରେ ନିର୍ମାଣ ହୋଇଥିବା ଓଡ଼ିଶାର ଦୀର୍ଘତମ ଫ୍ଲାଏଓଭରରେ ନିର୍ମାଣଜନିତ ତ୍ରୁଟି ଦେଖିବାକୁ ମିଳିଥିଲା। ଏହି ଫ୍ଲାଏଓଭରର ଏସ୍‌ବିଆଇ ଛକ ନିକଟରେ ଥିବା ପିଲର ଉପରେ ଫାଟ ଦେଖିବାକୁ ମିଳିଛି। ଶନିବାର ଏହି ଫାଟ ନଜରକୁ ଆସିବା ପରେ କେନ୍ଦୁଝର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତୁରନ୍ତ ଏହାର ମରାମତି ଏବଂ ସୁରକ୍ଷା ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

୨୦୨୩ ମାର୍ଚ୍ଚ ୧୧ରେ ତତ୍କାଳୀନ ସରକାର ଏହି ଫ୍ଲାଏଓଭର ନିର୍ମାଣ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଲୋକାର୍ପଣ କରିଦେଇଥିଲେ। ତେବେ କଂକ୍ରିଟ୍ ଫାଟିଯାଇ ଲୁହା ରଡ ବାହାରିବା, ଫ୍ଲାଏଓଭର ଦବିଯିବା, ଫାଟ ସୃଷ୍ଟି ହେବା, ଜଳ ନିଷ୍କାସନ ପାଇପ ଖସି ପଡିବା ଭଳି ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଆସୁଥିଲା। ତେବେ ଯୋଡ଼ା ମାର୍କେଟରେ ଥିବା ପିଲର ଉପରୁ ରାସ୍ତା ଦବିଯାଇ ଏକ ସିମେଣ୍ଟ କଂକ୍ରିଟ ତଳକୁ ଖସିଥିଲା। ସୌଭାଗ୍ୟବଶତଃ ତଳେ କେହି ନ ଥିବାରୁ କୌଣସି ଧନଜୀବନ ହାନି ହୋଇନାହିଁ। ପ୍ରକାଶ ଥାଉ କି, ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ (ଡିଏମ୍‌ଏଫ୍) ମାଧ୍ୟମରେ ତତ୍କାଳୀନ ନବୀନ ସରକାରଙ୍କ ଅମଳରେ ୨୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୨.୯ କି.ମି. ଦୂର ଏହି ଫ୍ଲାଏଓଭରକୁ ଓବିସିସି ଦ୍ୱାରା ନିର୍ମାଣ କରାଯାଇଥିଲା।

## କେରଳରୁ ଗାଁକୁ ଫେରୁଥିବା ବେଳେ ବାଇକ୍ ଦୁର୍ଘଟଣାରେ ୨ ମୃତ

ମୁନିଗୁଡ଼ା,୧୪।୬(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ତେଲେଙ୍ଗାପଦର ନିକଟସ୍ଥ ବାପୁଜୀନଗର ପୋଲରେ ସଡ଼କ ଦୁର୍ଘଟଣା ଘଟି ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଗଜପତି ଜିଲା ନଳାହାଟ ଗାଁର ଦାରୁଣ ବିଶୋଇ ଓ କନ୍ଧମାଳ ଜିଲା ଶ୍ରୀରାମପୁରର ଶ୍ରୀରାମ ବିଶୋଇ କେରଳରୁ ଟ୍ରେନ୍‌ରେ ଆସି ମୁନିଗୁଡ଼ା ଷ୍ଟେଶନରେ ପହଞ୍ଚିଥିଲେ। ଦୁହିଁଙ୍କୁ ସେଠାରୁ ନେବା ପାଇଁ ଫାତୁ ବିଶୋଇ ବାଇକ୍ ନେଇ ଗାଁରୁ ଆସିଥିଲେ। ୩ ଜଣ ମିଶି ବାଇକ୍‌ରେ ଗାଁକୁ ଯାଉଥିବା ବେଳେ ମୁନିଗୁଡ଼ା ଥାନା ତଥା କନ୍ଧମାଳ ରାସ୍ତା ତେଲେଙ୍ଗାପଦର ନିକଟସ୍ଥ ବାପୁଜୀନଗର ପାଖରେ ଥିବା ପୋଲରେ ଦୁର୍ଘଟଣା ଘଟିଥିଲା। ଫଳରେ ଦାରୁଣ ଓ ଶ୍ରୀରାମଙ୍କର ମୃତ୍ୟୁ ହୋଇଥିବା ବେଳେ ଫାତୁ ଗୁରୁତର ଆହତ ହୋଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତକ ଓ ଗୁରୁତରଙ୍କୁ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଫାତୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମୁନିଗୁଡ଼ା ପୋଲିସ ନଂ. ୧୨୩/୨୫ରେ ମାମଲା ରୁଜୁକରି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

ବାରିପଦା, ୧୪।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ସାରସକଣା ବ୍ଲକ ଯୋକା ଗ୍ରାମରେ ଜଣେ ଯୁବକ ତାଙ୍କ ବାପାଙ୍କୁ କାଠଫାଳିଆରେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ଯୁବକ ହେଲେ ଚନ୍ଦନ ମୁଣ୍ଡା। ଖବରପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ସହ ତଦନ୍ତ ଜାରି ରଖିଛି। ମୃତକ ହେଲେ ଜଟିଆ ମୁଣ୍ଡା । ଏ ସଂକ୍ରାନ୍ତରେ ପୋଲିସ ଏକ ନରହତ୍ୟା ମାମଲା ରୁଜୁ କରି ଚନ୍ଦନଙ୍କୁ ଗିରଫ କରିଛି।

ଗୁରୁବାର ଅପରାହ୍ନରେ ଚନ୍ଦନ ନିଶାସକ୍ତ ଅବସ୍ଥାରେ କୌଣସି କଥାକୁ ନେଇ ବାପା ଜଟିଆଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଚନ୍ଦନ ଏକ କାଠଫାଳିଆରେ ଜଟିଆଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାନ ପୁଅ ଜାଣିପାରି ବାପ ଜଟିଆଙ୍କୁ ସ୍ଥାନୀୟ ଶୀର୍ଷା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହୋଇ ପଡିଥିବା ବେଳେ ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଜଟିଆଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ସାନ ପୁଅର ଲିଖିତ ଅଭିଯୋଗ କରିବା ପରେ ଝାରପୋଖରିଆ ଥାନା ପୋଲିସ ପହଞ୍ଚି ଶବ ଜବତ କରିଛି।

## ଲିଫ୍ଟରେ ଫସିଲେ ରୋଗୀଙ୍କ ସମ୍ପର୍କୀୟ

ସନ୍ଧିଛକ,୧୪।୬ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣଁରପାଳ ବ୍ଲକ ବଳରାମପ୍ରସାଦ ନିକଟସ୍ଥ ଇଏସ୍‌ଆଇ ଡାକ୍ତରଖାନା ଲିଫ୍ଟରେ ଶନିବାର ୩ ଜଣ ଫସିଯାଇଥିଲେ। ସୂଚନା ଅନୁଯାୟୀ, ଇଏସ୍‌ଆଇ୍ ମେଡିକାଲରେ ତାଳଚେର ସଇଁନାଳୀ ଅଞ୍ଚଳର ଅରୁଣ ମହାରଣାଙ୍କ ପୁଅଙ୍କ ଅପରେଶନ ହୋଇଥିଲା। ସେ ଦ୍ୱିତୀୟ ମହଲାରେ ଚିକିତ୍ସାଧୀନ ଥିଲେ। ସନ୍ଧ୍ୟାରେ ପୁଅକୁ ଦେଖା କରିବାକୁ ଅରୁଣ ଲିଫ୍ଟରେ ଯାଉଥିବା ବେଳେ ତାହା ଅଚଳ ହୋଇଯାଇଥିଲା। ଉକ୍ତ ଲିଫ୍ଟରେ ଅରୁଣଙ୍କ ସହ ଆଉ ୨ଜଣ ଯୁବକ ଦେବାନନ୍ଦ ସାହୁ, ସୁଶାନ୍ତ ବିଶ୍ୱାଳ ମଧ୍ୟ ଥିଲେ। ଲିଫ୍ଟ ବନ୍ଦ ହୋଇଯିବା ଓ ଭିତରୁ କୌଣସି ଫୋନ କଲ୍ ଲାଗୁ ନ ଥିବାରୁ ସେମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ। ପରେ ଘଟଣାସ୍ଥଳରେ ସୁରକ୍ଷାକର୍ମୀ ପହଞ୍ଚି ବିଦ୍ୟୁତ୍ ସଂଯୋଗ କରିବା ପରେ ଲିଫ୍ଟ ଚାଲିଥିଲା। ଲିଫ୍ଟର ୟୁପିଏସ୍ କାର୍ଯ୍ୟ କରୁ ନ ଥିବା କାରଣରୁ ଅଧାବାଟରେ ଅଟକି ଯାଇଥିବା କୁହାଯାଉଛି।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର: ଧାନବିଲରୁ ଅଭିଯୁକ୍ତ ଗିରଫ

ବଳଙ୍ଗା,୧୪।୬(କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୧୨ଦିନ ତଳେ ଏକ ବଳାତ୍କାର ଘଟଣା ଘଟିଥିବାବେଳେ ଶୁକ୍ରବାର ରାତିରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରବି ତ୍ରିପାଠୀଙ୍କୁ ଧାନବିଲରୁ ଲୁଚିଥିବାବେଳ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏଥିସହ ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୀଡ଼ିତାଙ୍କ ପରିବାରର ସମସ୍ତ ସଦସ୍ୟ ଏକ ବିଭାଘର ଭୋଜିକୁ ଯାଇଥିଲେ। ସେହି ସମୟରେ ପୀଡ଼ିତା ଏକାକୀ ଘରେ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ରବି ହୁଇଲ୍ ଚେୟାରରେ ବସିରହିଥିବା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରିଥିବା ନେଇ ତାଙ୍କ ମା' ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରବିଙ୍କୁ ଗ୍ରାମରେ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋଜାଖୋଜି କରିବା ପରେ ଏକ ଧାନବିଲରୁ କାବୁ କରାଯାଇଥିଲା।

## ୨୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୧୪।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଷ୍ଟେଶନ ନିକଟରୁ ଶନିବାର ୨୦କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ ସହ ଜଣକୁ ଗିରଫ କରିଛି ରାୟଗଡ଼ା ରେଞ୍ଜ ଅବକାରୀ ବିଭାଗ। ଗିରଫ ଜଣକ ହେଲେ କନ୍ଧମାଳ ଜିଲାର ନରେନ୍ଦ୍ର କୁମାର ନାୟକ। ଅବକାରୀ ବିଭାଗ ସୂଚନା ଅନୁସାରେ ଶନିବାର ପୂର୍ବାହ୍ନରେ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ରେଳ ଷ୍ଟେଶନ ନିକଟରେ ଜଣେ ଯୁବକଙ୍କ ଉପରେ ସନ୍ଦେହହେବାରୁ ଅବକାରୀ



ଇନ୍ସପେକ୍ଟର ସତ୍ୟନାରାୟଣ ଦାନ୍ତାଙ୍କୁ ପଚରାଉଚୁରା କରିଥିଲେ। ସନ୍ତୋଷଜନକ ଉତ୍ତର ନ ମିଳିବାରୁ ନରେନ୍ଦ୍ର ଧରିଥିବା ବ୍ୟାଗ୍ ଅଧିକାରୀ ଯାଞ୍ଚକରିଥିଲେ। ଯାଞ୍ଚ ବେଳେ ବ୍ୟାଗ୍‌ରୁ ଗଞ୍ଜେଇ ମିଳିଥିଲା। ଏହାର ଓଜନ ୨୦.୭୦୦ କେଜି ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ସୂଚନା ଦେଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ନଂ.୬୮/୨୫ରେ ମାମଲା ରୁଜୁକରି ଗିରଫ ନରେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ସମୟରେ ଅବକାରୀ ବିଭାଗ ପକ୍ଷରୁ ଇନ୍ସପେକ୍ଟର ଦାସଙ୍କ ସମେତ ଏସ୍‌ଆଇ ସଞ୍ଜୟ ପ୍ରଧାନ, ଏଏସ୍‌ଆଇ ରାଶି ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିସର୍ଜିତ ହୁଅନ୍ତି ନାହିଁ ପଟିଦିଅଁ





ଚିତ୍ରକର ସେବକଙ୍କ ହାତରେ ପଟିଦିଅଁ ଅନନ୍ତ ବାସୁଦେବ (ବଳଭଦ୍ର) ଓ ମା' ଭୁବନେଶ୍ୱରୀ (ଦେବୀ ସୁଭଦ୍ରା)। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)


ମହାପ୍ରଭୁ ନବଯୌବନରେ ପ୍ରବେଶ କରିବାର ପୂର୍ବ ମୁହୂର୍ତ୍ତରେ ପଟିଦିଅଁ ଓଡ଼ିଆଇ ବିଜେ କରନ୍ତି ମଣ୍ଡପଘରେ। ମା' ବିମଳାଙ୍କ ମନ୍ଦିର ପାଖରେ ଥିବା ଶ୍ରୀଗୋପେଶ୍ୱର ମହାଦେବ ଓ ଶ୍ରୀନନ୍ଦବାସୁଦେବ ଓଡ଼ିଶା ନଦୀ... ମନ୍ଦିରରେ ଏହା ବି ହର ଓ ହରିଙ୍କ ଆହ୍ୱାନ। ସ୍ଥାନ ପରିବର୍ତ୍ତନ ହେଲେ ବି ଲକ୍ଷ୍ୟ ବଦଳେ ନାହିଁ। ପଟିଦିଅଁ ବିସର୍ଜିତ ହୁଅନ୍ତି ନାହିଁ କି ପୂଜା ବନ୍ଦ ହୁଏ ନାହିଁ। ରୂପ ବିବର୍ଣ୍ଣ ହେଲେ ଜଳରେ ମେଲାଣି ଦିଆଯାଏ। ପ୍ରତିନିଧି ଦେବଦେବୀମାନେ ଦକ୍ଷିଣୀଘରକୁ ଓ ପରେ ରତ୍ନସିଂହାସନକୁ ଯାଆନ୍ତି। ପ୍ରତିବର୍ଷ ଅଣସରରେ ଏହି ରୀତି ଚାଲିଆସୁଛି ଓ ଚାଲିଥିବ। ଲକ୍ଷ୍ୟ କରିବା କଥା ଯେ, ମାହାରୀ ନୃତ୍ୟ ବିକଶିତ ହୋଇ 'ଓଡ଼ିଶୀ' ରୂପରେ ଯେପରି ବିଶ୍ୱକୁ ବିମୋହିତ କରିଛି, ଠିକ୍ ସେହିପରି ପୁରୀର ପାରମ୍ପରିକ ପଟିଦିଅଁ ପରମ୍ପରା ଶିଳ୍ପୀର ତୁଳୀରେ ଆଜି ପଟଚିତ୍ରରେ ପରିଣତ ହୋଇ ଓଡ଼ିଶାର ପଟାନ୍ତରହୀନ ପ୍ରାଚୁର୍ଯ୍ୟର ଗରିମା ଗାଉଛି। କଳାତ୍ମକ ପରମ୍ପରାରେ ସାହିତ୍ୟ ଓ ସଂସ୍କୃତିରେ ବାର୍ତ୍ତା ଦେଇ ଚାଲିଛି ଓଡ଼ିଶାର ପ୍ରଣମ୍ୟ ରୂପକାର। ପଟିରେ ସେଥିପାଇଁ ଜଗତମଙ୍ଗଳ କାମନାରେ ଦେବୀ ସୁଭଦ୍ରା ବିଜେ କରନ୍ତି ମା' ଭୁବନେଶ୍ୱରୀ ରୂପରେ, ଜିଏ ଭୁବନ ବା ଭୁବନେଶ୍ୱରଙ୍କ ଆଧ୍ୟ ନ ଥାଏ। ଦୁଇ ହାତରେ ଥାଏ ଦୁଇଟି ପଦ୍ମ, ଅନ୍ୟ ଦୁଇ ହାତରେ ଥାଏ ବର ଅଭୟ ମୁଦ୍ରା। ପଦ୍ମ ହେଉଛି ଚେତନାର ପ୍ରତୀକ। ଯାହାକୁ ଆମେ 'ଜ୍ଞାନ' କହିପାରିବା। ବର ଅଭୟ ହେଉଛି ଶାନ୍ତିର ପ୍ରତୀକ। ଏଠାଠି ଶ୍ରୀମନ୍ଦିର ଉପାସନାରେ ଆଗମ-ନିଗମ ଆଡ଼ ହୋଇଯାଇଛନ୍ତି। ଏକ ଅଭିନ୍ନ ଅଙ୍ଗାକାରର ଉଦାହରଣ ଅନବଦ୍ୟ ଅନୁଭବ ସୃଷ୍ଟି କରିଛି।

## ପଟିରେ ପ୍ରଣମ୍ୟବାର୍ତ୍ତା

ଲୋକମୁଖରେ ପ୍ରସିଦ୍ଧ ଅଛି ଯେ, ଶ୍ରୀମନ୍ଦିରରେ ପଟିଦିଅଁ ପରମ୍ପରାରେ ଦଶାବତାର ଉପାସିତ ହୁଅନ୍ତି। ପ୍ରକୃତରେ ତ୍ରିବିଗ୍ରହ ପଟିଦିଅଁ ଭାବେ ରହିଥାଆନ୍ତି ଶ୍ରୀଦେବୀ, ଭୂଦେବୀ, ଶ୍ରୀନୃସିଂହ, ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଗୋବିନ୍ଦ ଏବଂ ଶ୍ରୀମଦନମୋହନ ଧାତୁ ବିଗ୍ରହରେ ସ୍ଥାନ ପାଆନ୍ତି। ପଟିଦିଅଁ ପୂଜାରେ ଏମାନେ ଅବତାର ନୁହନ୍ତି, ମହାପ୍ରଭୁଙ୍କ ପ୍ରତିନିଧି। ବର୍ଷସାରା ଜଗତ ମଙ୍ଗଳ ପାଇଁ, ଆଜ୍ଞାମାଳ ନେଇ କାର୍ଯ୍ୟ ନିର୍ବାହ କରୁଥିବାବେଳେ ଅଣସର ସମୟରେ ପଟିଦିଅଁ ପୂଜାରେ ଯୋଗଦେଇ ଜଗତମଙ୍ଗଳ ଲୀଳା କରନ୍ତି। ଭୁବନର କର୍ତ୍ତା, ଭୁବନର ଧର୍ତ୍ତା ଓ ଭୁବନର ଈଶ୍ୱରୀଙ୍କ ଉପାସନାରେ ନିଜେ ଭୂଦେବୀ ଉପସ୍ଥିତ ରହନ୍ତି। ଐଶ୍ୱର୍ଯ୍ୟର ଅଧିକାରିଣୀ ଶ୍ରୀଦେବୀ, ଆକର୍ଷଣ ତତ୍ତ୍ୱର ପ୍ରତିଭୂ ଶ୍ରୀକୃଷ୍ଣ, ପୁରୁଷତ୍ୱ ଉତ୍ତମପୁରୁଷ ବିଷ୍ଣୁ ପ୍ରତୋଦିତ କରିବାର ପ୍ରତୀକ ରୂପେ ଶ୍ରୀରାମ ବିଜେ କରନ୍ତି। ଶ୍ରୀମନ୍ଦିର ଉପାସନା ଧାରାରେ ଶ୍ରୀନୃସିଂହ ହେଉଛନ୍ତି ମହାପ୍ରଭୁଙ୍କ ପ୍ରତିନିଧି। ଏହା ମହାବିଷ୍ଣୁ ପରମ୍ପରା। ମହାବିଷ୍ଣୁ ଶ୍ରୀନୃସିଂହ ଚେତନା ସାମାଜିକ ବାର୍ତ୍ତା ଦିଏ ପଶୁତ୍ୱରୁ ମୁକ୍ତି ହୋଇ ମହାମାନବରେ ପ୍ରବେଶ କରିବା ପାଇଁ। ଶାନ୍ତ ଓ ଉଦାର ନ ହେଲେ ମହାମାନବ ଦିଗକୁ ଆଗେଇବା ସମ୍ଭବ ନୁହେଁ। ସେଥିପାଇଁ ବିଜେ କରନ୍ତି ପାଖରେ ମଦନମୋହନ। ଶାନ୍ତିଦାତା ଶ୍ରୀମଦନମୋହନ ଶାନ୍ତି ପ୍ରଦାନ କରିବା ପରେ ଆନନ୍ଦ ଦିଅନ୍ତି ଶ୍ରୀଗୋବିନ୍ଦ। ସମସ୍ତେ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଅଣସର ସମୟରେ ଜଗତ ମଙ୍ଗଳ ଲୀଳା ପାଇଁ ଚଳଚଞ୍ଚଳ ରୁହନ୍ତି।

## ପଟିଦିଅଁ ପ୍ରସ୍ତୁତିର ପର୍ବ

ଅଣସର ସମୟରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି। ଏହି ପଟିଦିଅଁଙ୍କୁ ଚିତ୍ରକାର ସେବାୟତମାନେ ନିର୍ମାଣ କରିଥାନ୍ତି। ତେବେ ପଟିଦିଅଁ ପ୍ରସ୍ତୁତି ସମୟରେ ଗଭୀର ଭକ୍ତି ଓ ସମର୍ପିତ ଭାବେ କେବଳ ଶିଳ୍ପୀ ନୁହେଁ, ତାଙ୍କ ପରିବାର ବି ହବିଷ୍ୟାନ୍ନରେ ରୁହନ୍ତି। ଆମିଷ କି ଉଷୁମା ଘରେ ପଶେ ନାହିଁ। ଚିତ୍ର ପ୍ରସ୍ତୁତ ହେଉଥିବା ଘରକୁ ମହିଳାମାନେ ଯାଆନ୍ତି ନାହିଁ। ନୂଆ କନା ଓ କଇଥ ଅଠା ବ୍ୟବହାର ହୁଏ। ୫ଟି ଦେଶୀୟ ରଙ୍ଗ ଯଥା-ନାଲି, ହଳଦିଆ, ନୀଳ, କଳା ଓ ଧଳା ବ୍ୟବହାର କରାଯାଇଥାଏ। ଚୂନରୁ ଆସେ- ଧଳାରଙ୍ଗ, ହରିତାଳ ପଥରରୁ- ହଳଦିଆ, ହିଙ୍ଗୁଳରୁ- ନାଲି, ଖଣ୍ଡନୀଳରୁ- ନୀଳରଙ୍ଗ, ଦୀପ ଜଳାଇ କଳାରଙ୍ଗ ସଂଗ୍ରହ କରାଯାଏ। ଏହି ପ୍ରାକୃତିକ ରଙ୍ଗରୁ ପ୍ରସ୍ତୁତ ହୁଏ ପଟିଚିତ୍ର।



ପଟିଦିଅଁ ଅନନ୍ତ ନାରାୟଣ (ଶ୍ରୀଜଗନ୍ନାଥ)।

– ଡ. ସୁରେନ୍ଦ୍ର କୁମାର ମିଶ୍ର

# ଜଳ, ଭେକ୍ଟରବାହିତ ରୋଗ ନିରାକରଣ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪।୬ (ବନ୍ଦନା ସେଠୀ)

ବର୍ଷାଋତୁର ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗଗୁଡ଼ିକର ନିରାକରଣ, ପ୍ରତିଷେଧ ଏବଂ ପରିଚାଳନା ପାଇଁ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲକ୍ଷ୍ୟଭେଦୀ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍ ଉପସ୍ଥିତ ରହି ସଦ୍ୟତମ ତଥ୍ୟ ଓ ତତ୍ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଥିଲେ। ବର୍ଷାଦିନିଆ ରୋଗ ଯଥା ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ, ଡେଙ୍ଗୁ ଆଦିର ପ୍ରତିରୋଧ ଓ ଚିକିତ୍ସା ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲାସ୍ତରୀୟ ସ୍ଥିତିର ସମୀକ୍ଷାକରି କ୍ଷେତ୍ର ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା, ଘରକୁ ଘର ସର୍ବେକ୍ଷଣ କରି ଆରମ୍ଭରୁ ରୋଗର ଚିହ୍ନଟ କରିବା, ସରକାରୀ ଡାକ୍ତରଖାନାଗୁଡ଼ିକରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ ରଖିବା ଆଦି ନିଶ୍ଚିତ କରାଇବା ନେଇ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରାମ ଓ ସହରାଞ୍ଚଳରେ ଥିବା ସମସ୍ତ ନଳକୂପ ଓ ପାନୀୟ ଜଳସ୍ରୋତକୁ ନିୟମିତ ଭାବେ ବିଶୋଧନ କରିବା ପାଇଁ ଜନଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କହିଥିଲେ। ସ୍କୁଲ ନଳକୂପ, କୂପ ଓ ପାଣିଟାଙ୍କି ଆଦିକୁ ବୈଜ୍ଞାନିକ ପଦ୍ଧତିରେ ଠିକ୍ ଭାବେ ବିଶୋଧିତ କରିବା ପାଇଁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ହୋଇଛି। ଦୁର୍ଗମ ଓ ଦୂରାଞ୍ଚଳରେ ମୋବାଇଲ ହେଲ୍ଥ ୟୁନିଟ୍‌ଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା, ମ୍ୟାଲେରିଆ ଓ ଡେଙ୍ଗୁପ୍ରବଣ ଅଞ୍ଚଳରେ 'ଦମନ' କାର୍ଯ୍ୟକ୍ରମକୁ ସଘନ ଓ ବ୍ୟାପକ କରିବା ପାଇଁ ମଧ୍ୟ କୁହାଯାଇଛି। ବର୍ଷାଋତୁଜନିତ ରୋଗର ସର୍ବେକ୍ଷଣ, ଚିକିତ୍ସା ଓ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରରେ ୨୪ x ୭ ଘଣ୍ଟା ଭିତ୍ତିରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳଙ୍କୁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

# ବିଚାର ବିଭାଗୀୟ ତଦନ୍ତ ଦାବିକଲା ରାଜ୍ୟ ଆଇନଜୀବୀ ପରିଷଦ

## ବାଲେଶ୍ୱର ଓକିଲ ସଂଘ ସଦସ୍ୟ ପୁରୁଷୋତ୍ତମ ଦାସଙ୍କୁ ପୋଲିସ ନିର୍ଯାତନା ଦେବା ଘଟଣା

କଟକ,୧୪।୬(କାର୍ତ୍ତିକ ସାହୁ)

ବାଲେଶ୍ୱର ଓକିଲ ସଂଘ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ଗତ ୬ ତାରିଖରେ ଅମାନୁଷିକ ଭାବେ ପୋଲିସ ନିର୍ଯାତନାର ଶିକାର ହୋଇଛନ୍ତି। ଏହି ଘଟଣାକୁ ନେଇ ଆଗାମୀ ୧୦ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏକ ପ୍ରେସ୍ ଇସ୍ତାହାରରେ ଶୁକ୍ରବାର ସୂଚନା ଦିଆଯାଇଛି। ଏଥିସହ ସମସ୍ତ ଘଟଣାର ଠିକ୍ ପ୍ରମାଣ ନିମନ୍ତେ ଏକ ବିଚାର ବିଭାଗୀୟ ତଦନ୍ତ, ସହଦେବ ଖୁଣ୍ଟା ମଡେଲ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ, ସଂପୃକ୍ତ ମହିଳା ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବାଲେଶ୍ୱର ଓକିଲ ସଂଘ ଏହି ଘଟଣାରେ ବାଲେଶ୍ୱରର ପୋଲିସ ଅଧିକାରୀଙ୍କୁ ଘଟଣାରେ ହସ୍ତକ୍ଷେପ କରିବା ତଥା ସମ୍ପୃକ୍ତ ଭାରପ୍ରାପ୍ତ ଅଧିକାରୀଙ୍କୁ ଦାସଙ୍କ ଦ୍ୱାରା ଦିଆଯାଇଥିବା ସୂଚନାକୁ ରେଜିଷ୍ଟର କରିବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଆଇନ ସେବା ତଥା ଆଇନ ପେସାର ସର୍ବୋଚ୍ଚ ନିୟାମକ ସଂସ୍ଥା ଭାବେ ଉକ୍ତ ଘଟଣାକୁ ନେଇ ଗୁରୁବାର ଏକ ଜରୁରୀକାଳୀନ ବୈଠକ କରାଯାଇଛି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଉକ୍ତ ଘଟଣାକୁ ନିନ୍ଦା କରାଯାଇଛି।


## OFFICE OF THE NOTIFIED AREA COUNCIL: G.UDAYAGIRI

### E-Procurement Notice

**Bid Identification No: GUDGR-NAC-01/2025-26**
**Letter No: 1530 Date. 11.06.2025**

**No.C-518:** Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. 1 to 13 of G.UDAYAGIRI NAC area for the F.Y. 2025-26.

Estimated cost of work (Annually) - **Rs. 1,42,71,036/-**

1. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Five years and fulfilling the other criteria as given in the D.T.C.N.
2. The Bid documents will be available in the web-site i.e http://www.tendersodisha.gov.in from **11.00 A.M of 13.06.2025 to 5.00 P.M of 25.06.2025** for online bidding.
3. Bid identification No:
4. Last date & time of receipt of Bid through online: **25/06/2025 of 5.00 P.M**
5. Deposit original financial documents online: **11.00 A.M of 13/06/2025 up to 25/06/2025 of 5 P.M**
6. Opening of Bid on **26/06/2025 at 11.00 AM** at G.UDAYAGIRI NAC.
7. The bidder has to participate in online bidding only.
8. For further detail information any one can visit the-procurement portal of the Govt. of Odisha i.e. **http://www.tendersodisha.gov.in.**

**Sd./- Executive Officer**
**G. Udayagiri NAC**

OIPR-13202/11/0001/2526



## OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH

E.Mail- rw_sundargarh@yahoo.co.in, Ph-06622-272280 (off)

**1st Corrigendum to Bid Identification No.Online-SESNG-03 of 2025-26**

**No.O-281:** In Continuation to this office bid identification No: Online-SESNG-03 of 2025-26 invited vide this office notice no.3237, dt.29.05.2025 is partial modified in TCN has been made as follows:-

| Sl. No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 04.06.2025 at 11.00 A.M. to 18.06.2025 upto 06.00 P.M. | Extended upto 24.06.2025 upto 5.00 P.M. |
| 2 | Last date of seeking clarification | 17.06.2025 at 11.00 A.M. | Extended upto 23.06.2025 upto 11.00 A.M. |
| 3 | Date of Opening of Tender | 19.06.2025 at 10.00 A.M. | Extended upto 24.06.2025 at 05.15 P.M. |

All other terms & conditions remain unchanged.

**Sd./- Superintending Engineer,**
**R.W.Division, Sundargarh**

OIPR-25046/11/0058/2526



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI

NATIONAL COMPETITIVE BIDDING THROUGH e-Procurement

**1st Corrigendum to Online Tender 01/RWD-I, MKG/2025-26, dt.23.05.2025**

No.O-284: In partial modification to this office tender call notice Online Tender 04/RWD-I, MKG/2024-25, dt.09.10.2024 availability of Tender on-line for bidding have been rescheduled as follows.

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date and Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender-01/ RWD-I, MKG/ 2025-26 | Total 7 Nos. (Single Cover & Double Cover) | 23.06.2025 from 11.00 AM | 07.07.2025 upto 5.00 PM | 30.06.2025 upto 5.00 P.M. | Tech. Bid opening: (Single Cover & Double Cover Tech.Bid) 08.07.2025 at 11.00 AM |

All other terms and conditions will remain unaltered.

OIPR-25058/11/0013/2526 **Sd./- Executive Engineer, R.W.Division-I, Malkangiri**


# ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟ ଠିକ୍ ରହିବ ନାହିଁ

## ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ

ଭୁବନେଶ୍ୱର, ୧୪।୬ (ବନ୍ଦନା ସେଠୀ)

ଏବେ ଓଡ଼ିଶାର ନଦୀଗୁଡ଼ିକର ସ୍ୱାସ୍ଥ୍ୟ ଗମ୍ଭୀର ଅବସ୍ଥାରେ ରହିଛି। ଅନେକ ନଦୀ ମରିବାକୁ ବସିଲାଣି। ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ ବୋଲି ଜଳମାନବ ଡ. ରାଜେନ୍ଦ୍ର ସିଂ ଚେତାବନୀ ଦେଇଛନ୍ତି। ଶୁକ୍ରବାର ମହାନଦୀ ବଞ୍ଚାଓ ଆନ୍ଦୋଳନ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ରେଡ୍‌କ୍ରସ୍ ଭବନରେ ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ସିଂ ଏହାକୁ ଉଦ୍‌ଘାଟନ କରି ସରକାର ତୁରନ୍ତ ଜଳ ସମ୍ପଦ ବିଭାଗ, ବିଶେଷଜ୍ଞ, ନଦୀ ଆନ୍ଦୋଳନ କର୍ମୀ ତଥା ନାଗରିକ ସମାଜର ମିଳିତ କନ୍‌ଭେନଶନ ଆୟୋଜନ କରି ନଦୀଗୁଡ଼ିକର ସମସ୍ୟା ନିରୂପଣ କରିବା ସହିତ ସମାଧାନର ରାସ୍ତା ବାହାର କରିବାକୁ ଦାବି ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା କହିଲେ, ବିକାଶ ନାମରେ ବିନାଶ ଯେମିତି ଗ୍ରହଣୀୟ ନୁହଁ, ଠିକ୍ ସେମିତି ଅସ୍ମିତା ନାମରେ ନିଜର ଅସ୍ତିତ୍ୱ ହରାଇଲା ଭଳି ପଦକ୍ଷେପ ଆଦୌ ସ୍ପୃହଣୀୟ ନୁହଁ। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ଓଡ଼ିଶାର ସମସ୍ତ ନଦୀ ଆନ୍ଦୋଳନଗୁଡ଼ିକୁ ସଂଯୋଜିତ କରି ଏକ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓଡ଼ିଶାରେ ନଦୀ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସୁଦର୍ଶନ ଦାସଙ୍କୁ 'ନଦୀ ପ୍ରଭାରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ପ୍ରକାଶ କରିବା ସହ ନଦୀ ନୀତି ପ୍ରଣୟନ ପାଇଁ ସରକାରଙ୍କଠାରେ ଦୃଢ଼ ଦାବି କରାଯାଇଛି। ସ୍କୁଲ ଓ କଲେଜଗୁଡ଼ିକରେ ନଦୀ ସୁରକ୍ଷା ବିଷୟକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଶିଳ୍ପ ସଂସ୍ଥା ଓ ସହରର ଆବର୍ଜନା ଆଦିକୁ ସିଧା ନଦୀରେ ନ ପକାଇବା, ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ଓ ନଦୀ ନୀତି ପ୍ରଣୟନ, ସ୍କୁଲ କଲେଜଗୁଡ଼ିକରେ ନଦୀ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି, ଗଙ୍ଗୁଆ, ସାଳନ୍ଦୀ ଆଦି ନଦୀର ପୁନରୁଦ୍ଧାର ଆଦି ପ୍ରସ୍ତାବ ସମ୍ମିଳନୀରେ ପାରିତ ହୋଇଥିଲା। ଲେଖକ ସଞ୍ଜୀବ ହୋତା, ଇଞ୍ଜିନିୟର ମନୋରଞ୍ଜନ ମିଶ୍ର, ବିଜୟ ପ୍ରଧାନ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ପ୍ରକାଶ ରଥ ଯୋଗଦେଇଥିଲେ। ଦୟା ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ସମ୍ମିଳନୀରେ ଜଳମାନବ ଡ. ରାଜେନ୍ଦ୍ର ସିଂଙ୍କ ସହ ଅନ୍ୟ ଅତିଥିମାନେ।


## GOVERNMENT OF ODISHA, e- PROCUREMENT NOTICE
## WORKS DEPARTMENT

**Bid Identification No.S.E.CBT (R&B) 07/2025-26**

**No.B-205:** **charbatiadivision1@gmail.com**

| | | |
|---|---|---|
| i. Name of the Work | : | Civil Work-01 No. |
| ii. Estimated Cost | : | Rs.82,20,613.00 |
| iii. Period of Completion | : | 04 Months (120 days) |
| iv. Date & Time of availability of bid documents in the portal | : | **From 10.00 AM of 17.06.2025 to 24.06.2025 upto 5.00 PM for "online" bidding** |
| v. Last date/time for receipt of Bids in the portal | : | **24.06.2025 upto 5.00 PM** |
| vi. Name and address of the Officer Inviting Bid | : | **Superintending Engineer, Charbatia (R&B) Division, Choudwar** |

Further details can be seen from the e-Procurement portal http://www.tendersorissa.gov.in. Any addendum/corrigendum/ cancellation of tender can also be seen in the said website.

**Sd./-Superintending Engineer**
**Charbatia (R&B) Division, Choudwar**

OIPR-34092/11/0020/2526



## DIRECTORATE OF HORTICULTURE
## KRUSHI BHAVAN, ODISHA, BHUBANESWAR
## GOVT. OF ODISHA

**Advt. No. DHO-SEC II- MISC-0006-2025-63** **Dt. 12.06.2025**

### REQUEST FOR PROPOSAL

**No.L-22** : The Director of Horticulture-cum-Ex-Officio Additional Secretary to Govt., Odisha invites RFP in sealed cover from eligible bidders (agencies/ organizations) for engagement of professional agencies for setting up of Project Management Unit in Odisha. The sealed application along with all documents mentioned in the RFP should be submitted to this Directorate on or before **17.07.2025 by 5.00 P.M.** through Regd. Post/Speed Post (P&T Deptt.) only. The sealed envelope should be superscribed with **"Application for engagement of professional agencies for setting up of Project Management Unit in Directorate of Horticulture, Odisha"** with proper details of the Bidder as mentioned in the Section-2 of the RFP. The detail along with TOR is available in the website. https://agri.odisha.gov.in/, www.odisha.gov.in

**Sd./- Director of Horticulture-Cum- Ex-officio Addl. Secretary to Govt.**
**Odisha, Bhubaneswar**

OIPR-01425/11/0006/2526



## ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ : ବଣାଇଁ ବନଖଣ୍ଡ
## OFFICE OF THE DIVISIONAL FOREST OFFICER : BONAI FOREST DIVISION

At/PO. - Bonaigarh, Dist. : Sundargarh-770038
Email - dfo.bonai@odisha.gov.in, Landline : 06626-244454

### WALK IN INTERVIEW

**No.MM-90** : Bonai Forest Division invites Applications from interested legal personnel such as Advocate for engagement as legal experts in the Offence Cell under SSWLCP, in Bonai Forest Division. The Interested candidates may apply directly or by e-mail to the office of the undersigned. The complete application along with relevant documents should reach this office on or before 25.06.2025. The application form along with detailed role and responsibilities shall be available on the website **www.sundargarh.odisha.gov.in/ www.odishaforest.in**.

**Sd./- Divisional Forest Officer**
**Bonai Division**

OIPR-08040/11/0016/2526



## MUNICIPAL OFFICE : PATTAMUNDAI

**EOI Notice No. 1598** **Date. 12.06.25**

**EXPRESSION OF INTEREST FOR SELECTION OF AGENCY for preparation of DPR and Estimate for different Development work of Pattamundai Municipality**

**No.C-513** : Executive Officer, Pattamundai Municipality, on behalf of Municipal Council Pattamundai, invites expression of interest for the work "Preparation of Plan and Estimate for different Development work of Pattamundai Municipality. The Registered Firm/Reputed Consultants/Architect desires to participate in this EOI notice must submit all documents as per Notice and must submit in two bid system and the envelop must superscribed "Submission of proposal for preparation of DPR and Estimate for different Development Project".

The filled in EOI must submit along with non refundable paper cost of Rupees 10000.00 should be drawn in the shape of Demand Draft drawn in favour of Executive Officer, Pattamundai Municipality, Payable at Pattamundai & EMD amount of 10000.00 in the shape of TDR duly pledged to Executive Officer, Pattamundai Municipality. The EOI paper can be downloaded from District Website https://kendrapara.odisha.gov.in from 13-06-2025 11 A.M. to 5 P.M. of 26-06-2025 and same should submitted by Regd. Post/Speed Post to the undersigned by 5 P.M. of 27-06-2025 and same will be opened at 11A.M. of 28-06-2025 at Office of the Executive Officer, Pattamundai Municipality. The Tender Inviting Authority reserves the right to cancel the EOI at any point of time without assigning any reason thereof.

**Sd./- Executive Officer**
**Pattamundai Municipality**

OIPR-13220/11/0015/2526



## OFFICE OF THE PANCHAYAT SAMITI BHUBAN, DHENKANAL
## PR & DW DEPARTMENT

### Re-Tender Call Notice

**Bid Identification No. BDO, Bhuban-02/2025-26**
**Bhuban, Dhenkanal-759017, E-mail:ori-bhuban@nic.in**

**No.i-154:** The Block Development Officer, Bhuban on behalf of Government of Odisha inviting percentage rate from eligible contractors for construction of ACR building work detail in the table below.

| | | |
|---|---|---|
| 1. Nature of Work | : | Building Works |
| 2. Number of Work | : | 02 (Two) Nos. |
| 3. Tender Cost & EMD | : | As mentioned in DTCN |
| 4. Class of Contractor | : | As mentioned in DTCN |
| 5. Available Bid document in the District Website | : | From 16.06.2025 10.00 AM to 30.06.2025 upto 5.00 PM |
| 6. Last date/Time of receipt of the original bid documents | : | 30.06.2025 5.00 PM (only Regd.Post/Speed Post) |
| 7. Date of Opening of Bid | : | 02.07.2025, 11.00 AM |
| 8. Name & Address of the Office | : | Office of the **Block Development Officer, Bhuban.** |

9. Further details can be seen from the Dhenkanal Portal **www.dhenkanal.nic.in.** Any Addendum/Corrigendum/Cancellation of tender can also be seen in the said website.

**Sd./- Block Development Officer,**
**Bhuban**

OIPR-19323/11/0003/2526



No.A-285

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
## ଆଖୁଆପଦା ଜଳସେଚନ ବିଭାଜନ

ଇମେଲ–akp.irrigationdivision@gmail.com

**'e'- Procurement Notice No.06/2025-26**

| | | |
|---|---|---|
| 1. କାର୍ଯ୍ୟର ନାମ | : | କେନାଲ ଓ ନଦୀ ବନ୍ଧ ମରାମତି କାର୍ଯ୍ୟ |
| 2. ମୋଟ କାର୍ଯ୍ୟ ସଂଖ୍ୟା | : | ୦୭ ଗୋଟି କାର୍ଯ୍ୟ |
| 3. ଅଟକଳ ମୂଲ୍ୟ | : | ୦୭.୭୭ ଲକ୍ଷରୁ ୫୫.୨୪ ଲକ୍ଷ |
| 4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | : | The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5. କାର୍ଯ୍ୟ ସମାପ୍ତି ସମୟ | : | ୬ ମାସ |
| 6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | | |
| I. Procurement Officer | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| II. ଅନ୍‌ଲାଇନ Biddingର ସମୟସୀମା | : | ତା.୧୩.୦୬.୨୦୨୫ ଦିବା ୧୦ ଘଟିକାରୁ ତା.୨୧.୦୬.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୩.୦୬.୨୦୨୫ ଦିବା ୧୧.୩୦ |
| IV. Transparent Lotteryର ତାରିଖ ଓ ସମୟ | : | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୨.୦୭.୨୦୨୫ ଦିବା ୧୧.୦୦ ଘଟିକା ସମୟରେ । |

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in

ସ୍ୱା./– ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ,
ଆଖୁଆପଦା

OIPR-32548/11/0006/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:.......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ବ୍ଲାକ୍ ଟାଇଗର୍ସ ପ୍ରଥମେ ହିରୋଜ୍‌କୁ ଭେଟିବ

## ରଗ୍‌ବୀ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

ରଗ୍‌ବୀ ଇଣ୍ଡିଆ ଓ ଜିଏମ୍‌ଆର୍‌ର ମିଳିତ ଆନୁକୂଲ୍ୟରେ ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍) ରବିବାରଠାରୁ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସ (ମୁମ୍ବାଇ ଫୁଟବଲ ଆରେନା)ରେ ଆରମ୍ଭ ହେବାକୁ ଯାଉଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଫ୍ରାଞ୍ଚାଇଜ୍ ଭିତ୍ତିକ ୭ଏସ୍ ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ କଳିଙ୍ଗ ବ୍ଲାକ୍ ଟାଇଗର୍ସ, ମୁମ୍ବାଇ ଡ୍ରିମର୍ସ, ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ, ଚେନ୍ନାଇ ବୁଲ୍ସ, ଦିଲ୍ଲୀ ରେଜ୍ ଓ ହାଇଦ୍ରାବାଦ ହିରୋଜ। ଭୁବନେଶ୍ୱର ଭିତ୍ତିକ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳ ଏହାର ପ୍ରଥମ ମ୍ୟାଚ ହାଇଦ୍ରାବାଦ ହିରୋଜ ବିପକ୍ଷରେ ଖେଳିବ। ଏହି ମ୍ୟାଚ ରାତି ୮ଟା ୩୫ରେ ଆରମ୍ଭ ହେବ। ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସନ୍ଧ୍ୟା ୭ଟା ୧୫ ଏବଂ ଚେନ୍ନାଇ ବୁଲ୍ସ ଓ ମୁମ୍ବାଇ ଡ୍ରିମର୍ସ ମଧ୍ୟରେ ପରବର୍ତ୍ତୀ ମ୍ୟାଚ ୭ଟା ୫୫ରେ ଆରମ୍ଭ ହେବ। ପ୍ରତି ଦଳରେ ୧୩ ଜଣ ଲେଖାଏ ଖେଳାଳି ରହିଛନ୍ତି। ଏହା ମଧ୍ୟରେ ୮ ବିଦେଶୀ ଓ ୫ ଘରୋଇ ଖେଳାଳି ସାମିଲ। ବିଶ୍ୱର ପ୍ରତିଷ୍ଠିତ ରଗ୍‌ବୀ କୋଚ୍ ମାଇକ୍ ଫ୍ରାଇଡେ, ବେନ୍ ଗୋଲିଙ୍ଗ୍ସ, ଡି.ଜେ. ଫୋର୍ବେସ୍, ଟୋମାସି କାମା, ଫ୍ରାନ୍ସିସ୍କୋ ହେର୍ନାଣ୍ଡେଜ ଓ ଟିମ୍ ୱାଲ୍ସ ୬ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି।

ପ୍ରତିଯୋଗିତାରେ ମୋଟ ୩୪ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ଦଳ ପରସ୍ପରକୁ ୨ ଥର ଲେଖାଏ ଭେଟିବେ। ପ୍ରତି କ୍ୱାର୍ଟର ୪ ମିନିଟ ବିଶିଷ୍ଟ ହେବ। କ୍ୱାର୍ଟର ମଝିରେ ୨ ମିନିଟର ବ୍ରେକ୍ ରହିବ। ଫଳରେ ପ୍ରତି ମ୍ୟାଚ ୨୨ ମିନିଟ ଧରି ଖେଳାଯିବ। ପୁଲ୍ ପର୍ଯ୍ୟାୟରେ ପ୍ରତି ଦଳ ୧୦ଟି ଲେଖାଏ ମ୍ୟାଚ ଖେଳିବେ। ୨ଟି ସେମିଫାଇନାଲ, ଗୋଟିଏ ବ୍ରୋଞ୍ଜ ପଦକ ମ୍ୟାଚ ଏବଂ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ ଦଳରେ ୫ ଘରୋଇ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଆଶିଷ ଶବର ସାମିଲ ଅଛନ୍ତି। ଇଂଲଣ୍ଡର ମାଇକ୍ ଫ୍ରାଇଡେ ଦଳର ମୁଖ୍ୟ କୋଚ୍ ଏବଂ ପୂର୍ବତନ ଓଡ଼ିଶା ଦଳର ଅଧିନାୟକ ରାଜୀବ ନାଥ ସହକାରୀ କୋଚ୍ ଅଛନ୍ତି। ଆୟର୍ଲାଣ୍ଡର ହ୍ୟାରୀ ମ୍ୟାକ୍‌ନଲ୍ଟି ଅଧିନାୟକ ଦାୟିତ୍ୱ ତୁଲାଇବେ।



ରଗ୍‌ବୀ ପ୍ରିମିୟର ଲିଗ୍‌ରେ ସାମିଲ ୬ ଦଳର ମୁଖ୍ୟ କୋଚ୍।

### ଓଡ଼ିଶାରୁ ୪ ଖେଳାଳି

ରଗ୍‌ବୀ ପ୍ରିମିୟର ଲିଗ୍ ପାଇଁ ଗତ ଏପ୍ରିଲରେ ଅନୁଷ୍ଠିତ ଖେଳାଳି ନିଲାମରେ ଓଡ଼ିଶାର ୪ ରଗ୍‌ବୀ ପ୍ରତିଭା ସାମିଲ ହୋଇଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡ଼ା ମାଝି, ସମ୍ବିତ ପ୍ରଧାନ ଓ ଶାନାୱାଜ ଅହମଦ। କଳାହାଣ୍ଡିର ଆଶିଷଙ୍କୁ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୧.୫୦ ଲକ୍ଷ ଟଙ୍କାରେ କିଣିଥିଲା। ସେହିପରି ମାଲକାନଗିରିର ଗଣେଶ ୫୦ ଲକ୍ଷ ଟଙ୍କାରେ ମୁମ୍ବାଇ ଡ୍ରିମର୍ସ ଦଳକୁ ଯାଇଛନ୍ତି। ଆଶିଷ ଓ ଗଣେଶଙ୍କ ବ୍ୟତୀତ ଭୁବନେଶ୍ୱରର ଦୁଇ ଖେଳାଳି ସମ୍ବିତ ପ୍ରଧାନ ୫୦ ଲକ୍ଷରେ ହାଇଦ୍ରାବାଦ ହିରୋଜ ଓ ଶାନାୱାଜ ଅହମଦ ୮୦ ଲକ୍ଷରେ ଚେନ୍ନାଇ ବୁଲ୍ସ ଦଳରେ ସାମିଲ ହୋଇଛନ୍ତି।

## ରଗ୍‌ବୀ ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ସମୟ | ମ୍ୟାଚ୍ |
|---|---|---|
| ଜୁନ ୧୫ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ଦିଲ୍ଲୀ ରେଜ୍ |
| ଜୁନ ୧୫ | ସନ୍ଧ୍ୟା ୭:୫୫ | ଚେନ୍ନାଇ ବୁଲ୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୧୫ | ରାତି ୮:୩୫ | ହାଇଦ୍ରାବାଦ ହିରୋଜ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୧୬ | ସନ୍ଧ୍ୟା ୭:୧୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୧୬ | ସନ୍ଧ୍ୟା ୭:୫୫ | ମୁମ୍ବାଇ ଡ୍ରିମର୍ସ-ଚେନ୍ନାଇ ବୁଲ୍ସ |
| ଜୁନ ୧୭ | ସନ୍ଧ୍ୟା ୭:୧୫ | ଦିଲ୍ଲୀ ରେଜ୍-ଚେନ୍ନାଲ ବୁଲ୍ସ |
| ଜୁନ ୧୭ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ୍ ହିରୋଜ- ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୧୮ | ସନ୍ଧ୍ୟା ୭:୧୫ | ଚେନ୍ନାଇ ବୁଲ୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୧୮ | ସନ୍ଧ୍ୟା ୭:୫୫ | ମୁମ୍ବାଇ ଡ୍ରିମର୍ସ-ଦିଲ୍ଲୀ ରେଜ୍ |
| ଜୁନ ୧୯ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୧୯ | ସନ୍ଧ୍ୟା ୭:୫୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ହାଇଦ୍ରାବାଦ ହିରୋଜ |
| ଜୁନ ୨୦ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ଚେନ୍ନାଇ ବୁଲ୍ସ |
| ଜୁନ ୨୦ | ସନ୍ଧ୍ୟା ୭:୫୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ଦିଲ୍ଲୀ ରେଜ୍ |
| ଜୁନ ୨୦ | ରାତି ୮:୩୫ | ମୁମ୍ବାଇ ଡ୍ରିମର୍ସ-ହାଇଦ୍ରାବାଦ ହିରୋଜ |
| ଜୁନ ୨୧ | ସନ୍ଧ୍ୟା ୭:୧୫ | ଚେନ୍ନାଇ ବୁଲ୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୨୧ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ ହିରୋଜ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୨୧ | ରାତି ୮:୩୫ | ଦିଲ୍ଲୀ ରେଜ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୨୨ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-ହାଇଦ୍ରାବାଦ ହିରୋଜ |
| ଜୁନ ୨୨ | ସନ୍ଧ୍ୟା ୭:୫୫ | ଚେନ୍ନାଇ ବୁଲ୍ସ-ଦିଲ୍ଲୀ ରେଜ୍ |
| ଜୁନ ୨୨ | ରାତି ୮:୩୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ମୁମ୍ବାଇ ଡ୍ରିମର୍ସ |
| ଜୁନ ୨୩ | ସନ୍ଧ୍ୟା ୭:୧୫ | ଦିଲ୍ଲୀ ରେଜ୍-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୨୩ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ୍ ହିରୋଜ- ଚେନ୍ନାଇ ବୁଲ୍ସ |
| ଜୁନ ୨୪ | ସନ୍ଧ୍ୟା ୭:୧୫ | ମୁମ୍ବାଇ ଡ୍ରିମର୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୨୪ | ସନ୍ଧ୍ୟା ୭:୫୫ | ଚେନ୍ନାଇ ବୁଲ୍ସ-ହାଇଦ୍ରାବାଦ୍ ହିରୋଜ |
| ଜୁନ ୨୫ | ସନ୍ଧ୍ୟା ୭:୧୫ | ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ |
| ଜୁନ ୨୫ | ସନ୍ଧ୍ୟା ୭:୫୫ | ଦିଲ୍ଲୀ ରେଜ୍-ମୁମ୍ବାଇ ଡ୍ରିମର୍ସ |
| ଜୁନ ୨୬ | ସନ୍ଧ୍ୟା ୭:୧୫ | କଳିଙ୍ଗ ବ୍ଲାକ ଟାଇଗର୍ସ-ଚେନ୍ନାଇ ବୁଲ୍ସ |
| ଜୁନ ୨୬ | ସନ୍ଧ୍ୟା ୭:୫୫ | ହାଇଦ୍ରାବାଦ୍ ହିରୋଜ-ଦିଲ୍ଲୀ ରେଜ୍ |
| ଜୁନ ୨୭ | ସନ୍ଧ୍ୟା ୭:୧୫ | ଦିଲ୍ଲୀ ରେଜ୍-ହାଇଦ୍ରାବାଦ ହିରୋଜ |
| ଜୁନ ୨୭ | ସନ୍ଧ୍ୟା ୭:୫୫ | ମୁମ୍ବାଇ ଡ୍ରିମର୍ସ-ବେଙ୍ଗାଲୁରୁ ବ୍ରେଭହାର୍ଟ୍ସ |
| ଜୁନ ୨୮ | ସନ୍ଧ୍ୟା ୭:୧୫ | ର୍ୟାଙ୍କ ୨-ର୍ୟାଙ୍କ ୩ |
| ଜୁନ ୨୮ | ସନ୍ଧ୍ୟା ୭:୫୫ | ର୍ୟାଙ୍କ ୧-ର୍ୟାଙ୍କ ୪ |
| ଜୁନ ୨୯ | ସନ୍ଧ୍ୟା ୭:୧୫ | ଦୁଇ ସେମିଫାଇନାଲରେ ପରାଜିତ ଦଳ |
| ଜୁନ ୨୯ | ସନ୍ଧ୍ୟା ୭:୫୫ | ଦୁଇ ସେମିଫାଇନାଲର ବିଜେତା ଦଳ |

## ଓଡ଼ିଶା ଏଫ୍‌ସିରେ ଖ୍ୱାଙ୍ଗଟେ

ଭୁବନେଶ୍ୱର, ୧୪।୬(ଅନାଦି କର)

ଓଡ଼ିଶା ଏଫ୍‌ସି ଶନିବାର ମିଡ୍‌ଫିଲ୍ଡର ଲାଲରିନଫେଲା ଖ୍ୱାଙ୍ଗଟେଙ୍କ ସହ ୩ ବର୍ଷ ଲାଗି ଚୁକ୍ତି କରିଛି। ଏହି ଚୁକ୍ତିରେ ଅତିରିକ୍ତ ୧ ବର୍ଷ ବୃଦ୍ଧି କରିବାର ବିକଳ୍ପ ମଧ୍ୟ ରଖାଯାଇଛି। ମିଜୋରାମରେ ଜନ୍ମିତ ୨୫ ବର୍ଷୀୟ ରିନଫେଲା ୨୦୧୫ରେ ମୋହନ ବାଗାନ ଫୁଟବଲ ଏକାଡେମୀ ସହ ଫୁଟବଲ ଅଭିଯାନ ଆରମ୍ଭ କରିଥିଲେ। ୨୦୧୭ରେ ରିନଫେଲା ବେଙ୍ଗାଲୁରୁ ଏଫ୍‌ସି ରିଜର୍ଭ ଦଳରେ ଯୋଗଦେଇଥିଲେ ଏବଂ ସେମାନଙ୍କର ୧୮ ବର୍ଷରୁ କମ୍ ଦଳ ପାଇଁ ଖେଳିଥିଲେ। ପରେ ସେ ୨୦୨୧ ସନ୍ତୋଷ ଟ୍ରଫିରେ ମିଜୋରାମର ପ୍ରତିନିଧିତ୍ୱ କରିଥିଲେ। ୨୦୨୨ରେ ସେ ଆଇଜଲ ଏଫ୍‌ସିରେ ଯୋଗଦେଇଥିଲେ। ୨୦୨୩-୨୪ ଆଇ-ଲିଗ୍ ସିଜନରେ ସେ ୨୨ରୁ ୨୧ ମ୍ୟାଚ୍ ଖେଳିବା ସହ ୨ଟି ଗୋଲ କରିଥିବା ବେଳେ ୪ ଥର ଆସିଷ୍ଟ କରିଥିଲେ। ଗତ ବର୍ଷ ଜୁନରେ ସେ ମହମଡାନ ଏସ୍‌ସିରେ ଯୋଗଦେଇଥିଲେ ଏବଂ ସେପ୍ଟେମ୍ବରରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ପଦାର୍ପଣ କରିଥିଲେ।

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପଦକ ବିଜୟୀ କରାଟେକା।

### ଜାତୀୟ ଜୁନିୟର କରାଟେ

ଭୁବନେଶ୍ୱର, ୧୪।୬ (ବିଜୟ ରଣା)

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ ଜୁନିୟର କରାଟେ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶା ୫ ସ୍ୱର୍ଣ୍ଣ ସହ ୧୭ ପଦକ ହାସଲ କରିଛି। ଅଶ୍ଲେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନ୍‌ଗୋ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ଲିନ୍‌ସି ସିଂ ପ୍ରମୁଖ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ଲିନ୍‌ସି ସିଂ, ଆକାଂକ୍ଷା ମହାନ୍ତି, ଆଦ୍ୟାଶା ନାୟକ, ଏନ୍. ଜିସିକା, ଇଶାନୀ ପଣ୍ଡା, ବଂଶିକା ମହାପାତ୍ର, ସୌମ୍ୟା ଶୁଭଦର୍ଶିନୀ ମହାନ୍ତି ଏବଂ ଲିନ୍‌ସିଂ ସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ, ଅନନ୍ୟା ସାହୁ ଓ ରାଜେଶ୍ୱରୀ ସିଂଙ୍କୁ ନେଇ କାଟା ସବ୍ ଜୁନିୟର ମହିଳା ଦଳ ରୌପ୍ୟ ପଦକ ହାସଲ କରିଛନ୍ତି। ସୌମିତା ପାତ୍ର, ପ୍ରିଶା ଦାସ, ଦିବ୍ୟାଂଶୀ ପଟ୍ଟନାୟକ, ଅନନ୍ୟା ସାହ ପ୍ରମୁଖ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରଟେ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଅଷ୍ଟ୍ରେଲିଆଠାରୁ ହାରିଲା ମହିଳା ଦଳ

### ପ୍ରୋ-ଲିଗ୍

ଲଣ୍ଡନ, ୧୪।୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ୨-୩ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ହାରିଯାଇଛି। ଅଷ୍ଟ୍ରେଲିଆ କର୍ଟନୀ ସ୍କୋନେଲ (୧୬ତମ ମିନିଟ୍), ଲେକ୍ସି ପିକରିଂ(୨୬ତମ) ଗୋଟିଏ ଲେଖାଏ ଫିଲ୍ଡ ଗୋଲ୍ ଦେଇଥିବା ବେଳେ ଟାଟମ ଷ୍ଟିୱାର୍ଟ (୩୫ତମ) ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲ୍‌ରେ ପରିଣତ କରିଥିଲେ। ଭାରତ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା। ଦୀପିକା ଓ ନେହା ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲେ।

## କୋଚ୍‌ଙ୍କ ବିରୋଧରେ ଜୁଡୋ ଖେଳାଳିଙ୍କ ଯୌନ ନିର୍ଯାତନା ମାମଲା

### ସୋମବାର ପରବର୍ତ୍ତୀ ଶୁଣାଣି

ନୈନିତାଲ,୧୪।୬(ପି.ଟି.)

କୋଚ୍‌ଙ୍କ ବିରୋଧରେ ଟ୍ରେନିଂ ବେଳେ ଯୌନ ନିର୍ଯାତନା ଅଭିଯୋଗରେ ୧୯ ବର୍ଷୀୟା ଜୁଡୋ ଖେଳାଳିଙ୍କ ଦ୍ୱାରା ଦାଖଲ କରାଯାଇଥିବା ପିଆଇଏଲ୍‌ର ପରବର୍ତ୍ତୀ ଶୁଣାଣି ସୋମବାର ହେବ ବୋଲି ଉତ୍ତରାଖଣ୍ଡ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଶୁକ୍ରବାର ମନୋଜ କୁମାର ତିୱାରୀ ଓ ସୁଭାଷ ଉପାଧ୍ୟାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ଶୁଣାଣି ଲାଗି ୧୬ ତାରିଖକୁ ଧାର୍ଯ୍ୟ କରିଥିଲେ। ଡେରାଡୁନ ବାସିନ୍ଦା ଦାଖଲ କରିଥିବା ପିଆଇଏଲ୍‌ରେ ଦର୍ଶାଇଛନ୍ତି ଯେ, ସେ ଜଣେ ଜାତୀୟ ସ୍ତରର ଜୁଡୋ-କରାଟେ ଖେଳାଳି ଏବଂ ସେ ଗତ ୭ ବର୍ଷ ହେଲା ଡେରାଡୁନରେ ସବିତା ଗୁରୁଙ୍ଗଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ କରୁଛନ୍ତି। ୨୦୨୪ରେ ଭୋପାଳରେ ଅନୁଷ୍ଠିତ ଜାତୀୟ ସ୍ତରର ଟ୍ରେନିଂ ଲାଗି ତାଙ୍କୁ ଚୟନ କରାଯାଇଥିଲା। ଭୋପାଳକୁ ଯିବାକୁ ଅନୁମତି ଦେବା ବଦଳରେ କୋଚ୍ ସବିତା ତାଙ୍କୁ କୋଚ୍ ସତିଶ ଶର୍ମାଙ୍କ ନିକଟକୁ ମୋରାଦାବାଦକୁ ପଠାଇଥିଲେ। ସତିଶ ହେଉଛନ୍ତି ସବିତାଙ୍କ କୋଚ୍। ମାର୍ଚ୍ଚ ୧୨ ତାରିଖରେ ଟ୍ରେନିଂ ବେଳେ କୋଚ୍ ସତିଶ ତାଙ୍କୁ ଫାର୍ମହାଉସ୍ ନେଇଯାଇଥିଲେ ଏବଂ ଯୌନ ନିର୍ଯାତନା ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ କୋଚ୍ ସତିଶ ତାଙ୍କ କ୍ୟାରିୟର ନଷ୍ଟ କରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ପାଇଥିବା ମାନସିକ ଆଘାତ ଯୋଗୁ ସେ ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିପାରି ନ ଥିଲେ। ଏପ୍ରିଲ ୨୮ ତାରିଖରେ ଡେରାଡୁନର ରାଇପୁର ଥାନାରେ ଏଫ୍‌ଆଇଆର ରୁଜୁ କରିବା ପରେ ଡେରାଡୁନ ପୋଲିସ ପକ୍ଷରୁ ମାମଲାକୁ ଭୋଜପୁର ଥାନାକୁ ସ୍ଥାନାନ୍ତର କରାଯାଇଛି। ଏହି ପିଆଇଏଲ୍ ଦ୍ୱାରା ଅଭିଯୋଗକାରୀ ଏକ କମିଟି ଜରିଆରେ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି।


# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

MBA XIMB, 5'8", 40yrs, unmarried Karan boy, working in Private Bank, in AGM rank, Hyderabad, own house in BBSR seeks unmarried B.Sc/ B.Com/ MBA girl from Karan/ Khandayat/Brahmin educated family within 35yrs height above 5'2". Contact: 9337003506 between 7pm-10pm. D-945

**GROOM WANTED**

Fair beautiful Delhi based Working Odia Girl (MA) First Divn. 1997 born 5'5" seeks well settled Delhi/ NCR based boy# csdillip@gmail.com. D-895

ବରପାତ୍ର ଆବଶ୍ୟକ। ଜାତି ପ୍ରତିବନ୍ଧକ ନୁହେଁ। ବୟସ-48, 5'2", B.act., Govt. Teacher. ମାସିକ ଆୟ 48000. ଯୋଗାଯୋଗ କରନ୍ତୁ। 7440732439. D-944



REAL ESTATE

SALE

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call-9861642492.** D-738

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Non-Agricultural (KISAM- GHARABARI) Converted land containing 3.75 acre (appx. 94 Gunthas) in Mouza- BILTERUAN, P.S.- TANGI, DIST.- CUTTACK, ODISHA (prime location). Location: Beside NH No.- 16 (previously 5). In front of NIRGUNDI Railway Station, 7 KMs from Cuttack. Only genuine & interested parties to contact: 033-40586666, 9831931994.** D-942

Readymade 5BHK Triplex for sale (land 1500sqft. construction 2700sqft.) at Balian-ta, Price @80/- lakhs, Contact: 9337413323, 9437313522. D-76832

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338481309. D-71398



Healthcare

Newly open Jyoti SPA positively health benefits (expert therapist). 8458067955. D-870

Full body massage by Odia therapist in homely atmosphere. 9556498382. D-75390

Newly open SPA positively health benefits (expert therapist). Contact- 7749034655. D-76919

**Relax, Refresh your body, Mind at Saikrupa SPA with best therapies. 7848011468.** D-859

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit before the Notary Public, Jharsuguda, No.24, dated 12.06.25, I, Jai Lamba, S/o- Manoj Kumar Lamba, R/o. At-Jagannathmandir Gali, P.O./P.S.- Brajrajnagar, Dist.- Jharsuguda, Odisha, PIN- 768216 declare that in my Aadhaar Card my father's name has not been mentioned. Now I want to mention my father's name as Manoj Kumar Lamba in my Aadhaar Card and in 10th Marksheet my father's name printed as Manoj Lamba instead of Manoj Kumar Lamba. D-941

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Kantamal, dated- 10.06.2025, I, Nimain Charan Rana, Address: Village-Landapadar, P.S.- Ghantapada, Dist.- Boudh, PIN- 762018 declare that I have changed my name from Namei Charan Rana to Nimain Charan Rana. Henceforth, I shall be known as Nimain Charan Rana for all purposes. Nimain Charan Rana. D-940

By virtue of an affidavit sworn before G. Mahapatra, Executive Magistrate Bhubaneswar, dated- 12.06.2025, I, Shubhashree Sahoo, Address: At/P.O.- Bandalo, P.S.- Banki, Dist.- Cuttack declare that I have changed my name from (Shubhashree Behera) to (Shubhashree Sahoo). Henceforth, I shall be known as Shubhashree Sahoo for all purposes. Shubhashree Sahoo D-938

**୩୧ତମ ଜନ୍ମବାର୍ଷିକୀ**



**୰ସତ୍ୟ ରଞ୍ଜନ ନାୟକ**

ଆବିର୍ଭାବ- ୧୫।୦୬।୧୯୯୪

ତିରୋଧାନ- ୦୨।୦୧।୨୦୨୨

ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା' ଭଲରେ ଥା'।

ଶୋକସନ୍ତପ୍ତ- ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)

ଧ-୯୩୯



# ବାପାଙ୍କ ପରି

**ବାପାଙ୍କ ଶିକ୍ଷା ଓ ଆକଟ ସନ୍ତାନକୁ ଭଲ ମଣିଷ କରି ଗଢ଼ି ତୋଳେ। ତାଙ୍କ ପ୍ରେରଣା ଓ ମାର୍ଗଦର୍ଶନ ସନ୍ତାନ ପାଇଁ ସଫଳତାର ମାର୍ଗ କଢ଼ାଏ। ଆଉ ଯେଉଁ ସନ୍ତାନ ନିଜ ବାପାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ତାଙ୍କୁ ଆଦର୍ଶ ମାନି ସେହି କ୍ଷେତ୍ରରେ ସଫଳ ହେବାକୁ ଲକ୍ଷ୍ୟ ରଖେ, ତା' ପାଇଁ ସଫଳତାର ମାର୍ଗ ହୋଇଯାଏ ଆହୁରି ସହଜ ଓ ସରଳ। ଆଜି ଫାଦର୍ସ ଡେ'(ଜୁନ୍ ୩ୟ ରବିବାର) ଉପଲକ୍ଷେ ନିଜ ବାପାଙ୍କୁ ଆଦର୍ଶ ମାନି ଏକା କ୍ଷେତ୍ରରେ କାର୍ଯ୍ୟ କରୁଥିବା କେତେଜଣ ଯୁବତୀ ଯୁବକଙ୍କୁ ନେଇ ବିଶେଷ ଉପସ୍ଥାପନା...**

## ବାପା ମୋର ଆଦର୍ଶ

**ଶ୍ରୀରଞ୍ଜନୀ ବେହେରା**(ରାୟଗଡ଼ା)– ସଂଗୀତ ଗୁରୁ, କୁହାଯାଏ, ଗୁରୁ ବିନା ପିଲାଙ୍କ ଭବିଷ୍ୟତ ଅନ୍ଧକାର। ଆଉ ଯେବେ ପିଲାର ଗୁରୁ ଓ ଆଦର୍ଶ ନିଜ ବାପା ହୋଇଥାନ୍ତି ; ସେତେବେଳେ ଏହି ଅନୁଭୂତି ପାଲଟିଯାଏ ସବୁଠୁ ନିଆରା। ସେମିତି ନିଜ ବାପାଙ୍କୁ ପିଲାଟି ଦିନରୁ ଗୀତ ଗାଇବା ଦେଖି ଅନୁପ୍ରାଣିତ ହୋଇ ତାଙ୍କୁ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରି ଆଜି ଜଣେ ସଫଳ ସଂଗୀତ ଗୁରୁ ଏବଂ ନୃତ୍ୟଗୁରୁ ଭାବେ ଏକ ପରିଚୟ ସୃଷ୍ଟି କରିପାରିଛି। ମୋ ବାପା (ଲକ୍ଷ୍ମୀ ନାରାୟଣ ବେହେରା) ରାୟଗଡ଼ାରେ ଜଣେ ପ୍ରତିଷ୍ଠିତ ସଂଗୀତ ଗୁରୁ ଭାବେ ବେଶ୍ ଜଣାଶୁଣା।

ବାପାଙ୍କୁ ଦେଖି ସଂଗୀତ ପ୍ରତି ଆଗ୍ରହ ସୃଷ୍ଟି ହେଲା। ମାତ୍ର ୯ ବର୍ଷ ବୟସରୁ ଗାଇବା ଆରମ୍ଭ କରିଥିଲି। ମୋର ଆଗ୍ରହ ଦେଖି ବାପା ଜେକେ କମ୍ପାନୀ ପକ୍ଷରୁ କରାଯାଇଥିବା ନୃତ୍ୟ ସଦନ ନାମକ ଅନୁଷ୍ଠାନରେ ଆଡ୍‌ମିଶନ କରାଇଥିଲେ ଏବଂ ସେବେଠୁ ହିନ୍ଦୁସ୍ତାନ ଭୋକାଲ ମ୍ୟୁଜିକରେ ମୁଁ ପରୀକ୍ଷା ଦେବା ଆରମ୍ଭ କଲି। ବାପା ମୋତେ ସବୁବେଳେ ଏ ଦିଗରେ ଶିଖାଇବା ସହିତ ତାଙ୍କ ତତ୍ତ୍ୱାବଧାନରେ ଅନେକ ମଞ୍ଚରେ ମଧ ସଂଗୀତ ଓ ନୃତ୍ୟ ପରିବେଷଣ କରିବା ସହ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଦିଲ୍ଲୀଠାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଲି। ତେଣୁ ବାଣିଜ୍ୟ ବିଭାଗରେ ସ୍ନାତକୋତ୍ତର ପାସ୍ କଲେ ବି ସଂଗୀତକୁ ନିଜର ନିଶା ଏବଂ ପେସା ଭାବେ ବାଛିବାକୁ ପସନ୍ଦ କଲି। ବର୍ତ୍ତମାନ ସଂଗୀତ ଏବଂ ନୃତ୍ୟଗୁରୁ ଭାବେ ଏକ ଘରୋଇ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛି। ସଂଗୀତ ଏବଂ ନୃତ୍ୟ ମୋ ପାଇଁ ଖାଲି ଏକ କ୍ୟାରିୟର ନୁହଁ, ଏହା ଦ୍ୱାରା ମୋ' ବାପାଙ୍କ ସ୍ୱପ୍ନ ଆଉ କଳାକୁ ବଞ୍ଚାଇ ପାରୁଥିବାରୁ ବହୁତ ଖୁସି। ମୋ'ଠାରୁ ଶିଖି ଅନେକ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି, ଯାହାର ଶ୍ରେୟ ନିଜ ବାପାଙ୍କୁ ଦେବା ସହ ଆଗକୁ ଏହି କଳାକୁ ସାରା ଜୀବନ ବଜାୟ ରଖିବି ବୋଲି ସେ କହିଛନ୍ତି।



ବାପାଙ୍କ ସହ ଶ୍ରୀରଞ୍ଜନୀ

## ବାପା ହିଁ ମୋ ମାର୍ଗଦର୍ଶକ

**ଡା. ସୌମ୍ୟା ଶିବାନୀ ସାହୁ** (ସହକାରୀ ପ୍ରାଧାପିକା, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ, କଟକ)– ପିଲା ବେଳୁ ଆମେ ସର୍ବପ୍ରଥମେ ନିଜ ମାଆବାପାଙ୍କୁ ଠାରୁ ସବୁ କିଛି ଶିଖିଥାଉ। ତେଣୁ ସେମାନେ ଆମର ପ୍ରଥମ ଗୁରୁ ହୋଇଥାନ୍ତି। ଆଉ ବିଶେଷ କରି ବାପା ଯେଉଁ ପ୍ରଫେଶନ୍‌ରେ କାର୍ଯ୍ୟ କରନ୍ତି ତାହା ପିଲାଙ୍କୁ ଅଧିକ ଆକୃଷ୍ଟ କରିଥାଏ। ମୋ କ୍ଷେତ୍ରରେ ଏପରି ହିଁ ହୋଇଥିଲା। ବାପାଙ୍କୁ ଡାକ୍ତର ଭାବେ ରୋଗୀ ସେବା କରୁଥିବାରୁ ଦେଖି ପିଲାବେଳୁ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିଲି। ଜଣେ ଡାକ୍ତର ଭାବେ ମୋର ପରିଚୟ ଏବଂ ସାମାଜିକ ସ୍ଥିତି ପାଇଁ ବାପା (ଅବସରପ୍ରାପ୍ତ ଡାକ୍ତର ବିଷ୍ଣୁ ଚରଣ ସାହୁ)ଙ୍କର କେତେ ଯେ ଅବଦାନ ରହିଛି, ତାକୁ ପରିପ୍ରକାଶ କରିବା ମୋ ପକ୍ଷରେ ଅସମ୍ଭବ। ପିଲାବେଳେ ସେ ମୋତେ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢ଼ିବାର ମାର୍ଗ ଦର୍ଶନ ଯୋଗାଇ ଆସିଛନ୍ତି। ଶ୍ରେଣୀରେ ସର୍ବଦା ଆଗୁଆ ହେବାକୁ କହିଛନ୍ତି। ମନେପଡୁଛି, ପିଲାଦିନେ ପଢ଼ିବା ବେଳେ ପାଠରେ କମା, ପୂର୍ଣ୍ଣଚ୍ଛେଦ ଭୁଲ୍ କଲେ ବି ସେ ଗାଳି ଦିଅନ୍ତି। ଯେଉଁଥିପାଇଁ ନିର୍ଭୁଲ୍ ଭାବେ ଲେଖିବା ଏବଂ ସବୁ ବିଷୟକୁ ଅଗ୍ରାଧିକାର ଦେଇ ପାଠ ପଢ଼ିବା ତାଙ୍କଠାରୁ ଶିଖିଛି। କଠିନ ପରିଶ୍ରମ ସହିତ ସମୟାନୁବର୍ତ୍ତୀ ହେବାକୁ ସବୁବେଳେ ଗୁରୁତ୍ୱ ଦେଇଛନ୍ତି। ସେ ସବୁବେଳେ କୁହନ୍ତି, ଅନ୍ୟମାନଙ୍କ ବିରୋଧରେ କିଛି ନ କହି, କର୍ମ କରି ଚାଲ, ଭଗବାନ୍ ଫଳ ଦେବେ। ନିଷ୍ଠାପର କର୍ମ କେବେ ଅସଫଳ ହେବ ନାହିଁ ବୋଲି ସେ ସବୁବେଳେ କୁହନ୍ତି। ବାପା ଜଣେ ଡାକ୍ତର ହୋଇଥିବା ବେଳେ ମୋର ଡାକ୍ତର ହେବାର ଇଚ୍ଛା ପୂରଣ କରିବାକୁ ସେ ଯଥେଷ୍ଟ ପ୍ରୋତ୍ସାହନ ଓ ପ୍ରେରଣା ଦେଇଥିଲେ। ତାଙ୍କ ଇଚ୍ଛା ପୂରଣ କରିଥିବାରୁ ମୋତେ ବି ଅପାର ଖୁସି ଲାଗୁଛି।



ବାପାଙ୍କ ସହ ସୌମ୍ୟା

## ବାପା ମୋର ଗୁରୁ

**ଆଲୋକ କୁମାର ମହାପାତ୍ର** (ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ)– ମୋ ବାପା ଡ. ଅଶୋକ କୁମାର ମହାପାତ୍ର କେବଳ ମୋର ବାପା ନ ଥିଲେ, ମୋର ଆଇନ ଅଧ୍ୟବସାୟର ଗୁରୁ ମଧ। ପିଲାଟିଦିନୁ ତାଙ୍କୁ ଦେଖି ଓକିଲାତି କରିବାକୁ ମୋର ଆଗ୍ରହ ବଢ଼ିଥିଲା। ଯେବେ ଓକିଲ ଭାବେ ଯୋଗ ଦେଲି, ପ୍ରଥମ ଦିନ ଚ୍ୟାମ୍ବରରେ ମୁଁ ତାଙ୍କୁ ବାପା ବୋଲି ଡାକିଥିଲି। ସେ ମୋତେ କହିଥିଲେ, ଚ୍ୟାମ୍ବର ଭିତରେ ମୁଁ ତମ ବାପା ନୁହଁ, ସାର (ଗୁରୁ)। ଅନ୍ୟ ଜୁନିୟରମାନେ ଯେପରି ତମେ ମଧ ସେପରି। ଏହି ଚ୍ୟାମ୍ବରର ବହିଠାରୁ ଆରମ୍ଭ କରି ସମସ୍ତ ଜିନିଷ ମହକିଲମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନଙ୍କ କେସ୍‌ରେ କିପରି ଜିତିବ ସେଥିପାଇଁ ଏସବୁକୁ ପଢ଼ିବାକୁ ହେବ ଏବଂ କାମରେ ଲଗାଇବାକୁ ହେବ। କେସ୍‌ରେ ହାର୍, ଜିତ୍ ଥାଏ। କିନ୍ତୁ ଯଦି ତମେ ତମର ୨୦୦% କେସ୍ ଜିତିବାରେ କାର୍ଯ୍ୟ କରିଛ, ହେଲେ ବି କେସ୍ ହାରୁଛ ତା'ହେଲେ ତମେ ନିଜକୁ କ୍ଷମା କରିପାରିବ ନାହିଁ। ମହକିଲ ତା'ର ସବୁ ବିଶ୍ୱାସ ତମ ଉପରେ କରିଛି। ଜଣେ ଆଇନଜୀବୀ ତା'ର ଜୀବନ ତମାମ ଜଣେ ଛାତ୍ର ... ଇତ୍ୟାଦି ଅନେକ କଥା ଏବଂ ତାଙ୍କର କାମ ପ୍ରତି ନିଷ୍ଠା, ପଢ଼ିବା ପାଇଁ ଆଗ୍ରହ ଅକଳ୍ପନୀୟ। ସେ ଦିନକୁ ପ୍ରାୟ ୧୦ରୁ ୧୨ ଘଣ୍ଟା ଚାମ୍ବରରେ କଟାନ୍ତି। ଏହିପରି ଅନେକ କଥା ମୋ ବାପାଙ୍କ ପରି ପ୍ରଫେସନ୍‌ରେ ଉତ୍ସର୍ଗୀକୃତ ହେବା ପାଇଁ ମୋତେ ଶିଖାଇଛି।



ବାପାଙ୍କ ସହ ଆଲୋକ

## ସତ କହିବା ଶିଖାଇଛନ୍ତି ବାପା

**ସ୍ମୃତି ସଞ୍ଚିତା ଜେନା**(ପ୍ରଧାନ ଶିକ୍ଷୟିତ୍ରୀ, ହରିପୁର ହାଇସ୍କୁଲ, ବାଲେଶ୍ୱର)– ବାପା ଏମିତି ଜଣେ ମଣିଷ ଯାହାଙ୍କର ତୁଳନା ନାହିଁ। ତାଙ୍କୁ ଠାରୁ ଆମେ ବହୁତ କଥା ଶିଖୁ। ମୋ ବାପା (ନବ କିଶୋର ଜେନା) ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ସିନ୍ଧୁକେଶ୍ୱର ସ୍କୁଲରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷକତା କରି ବେଶ ସୁନାମ ଅର୍ଜନ କରିଛନ୍ତି। ପିଲାବେଳୁ ତାଙ୍କୁ ନିଜ ଆଦର୍ଶ ମାନି ଶିକ୍ଷକତା କରିବାକୁ ଲକ୍ଷ୍ୟ ରଖିଥିଲି। ଆଉ ସେ ମଧ ମୋତେ କେବଳ ଜଣେ ଭଲ ଶିକ୍ଷକ ହେବା ପାଇଁ ପରାମର୍ଶ ଦେଉ ନ ଥିଲେ ବରଂ ସବୁବେଳେ ସତକଥା କହିବାକୁ ଶିଖାଉଥିଲେ। ବାପାଙ୍କ ପଥ ଅନୁସରଣ କରି, ବାପାଙ୍କ ପରାମର୍ଶରେ ଶିକ୍ଷକତା ପାଇଁ ବାଲ୍ୟକାଳରୁ ଲକ୍ଷ୍ୟ ରଖିଥିବା ଆଜି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛି। ବାପା ମଧ ଏଥିପାଇଁ ଖୁବ୍ ଉତ୍ସାହିତ କରିଥିଲେ। +୨ ଏବଂ ପରେ ବି.ଏଡ୍. ପାସ୍ ପରେ ହରିପୁର ହାଇସ୍କୁଲରୁ ୨୦୧୬ରେ ସହକାରୀ ଶିକ୍ଷୟିତ୍ରୀ ଭାବେ ଜୀବନ ଆରମ୍ଭ କଲି। କେବଳ ଜଣେ ଭଲ ଶିକ୍ଷୟିତ୍ରୀ ହେବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ସବୁ କିଛି ନୁହେଁ ବରଂ ସତ କହିବା ଏବଂ ସତ୍ୟପଥରେ ଚାଲିବା ନିହାତି ଦରକାର ବୋଲି ବାପା ସବୁବେଳେ କହୁଥିଲେ । ଯାହା ଆଜି ବାସ୍ତବ ଜୀବନରେ ମୋତେ ଅନେକ ଉପଲବ୍ଧି ଦେଇଛି ଏବଂ ଆଗକୁ ମଧ ଦେବ ବୋଲି ମୋର ବିଶ୍ୱାସ।



ବାପାଙ୍କ ସହ ସ୍ମୃତି ସଞ୍ଚିତା

**–ପୌର୍ଣ୍ଣମାସୀ**
ଭାଗ୍ୟଶ୍ରୀ ମିଶ୍ର, କାର୍ତ୍ତିକ ସାହୁ, ଉତ୍କଳବନ୍ଧୁ ପଣ୍ଡା

---

## ଜାଣନ୍ତୁ ଦୁନିଆ

# ସାଙ୍ଘାଇ ପୋର୍ଟ

**ପୃଥିବୀର ସବୁଠାରୁ ବଡ଼ ଏବଂ ବ୍ୟସ୍ତବହୁଳ ବନ୍ଦର ହେଉଛି ଚାଇନାରେ ଥିବା ସାଙ୍ଘାଇ ପୋର୍ଟ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**



- ଚାଇନା ଏବଂ ଗ୍ରେଟ୍ ବ୍ରିଟେନ୍ ମଧ୍ୟରେ ହୋଇଥିବା ପ୍ରଥମ ଅଫିମ ଯୁଦ୍ଧ ପରେ ଏହି ବନ୍ଦର ୧୮୪୨ରେ ପ୍ରତିଷ୍ଠା କରାଯାଇଥିଲା।



- ଏହି ବନ୍ଦର ପ୍ରାୟ ୩୯୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ, ଯେଉଁଠି ଅନେକ କେନାଲ, ନଦୀ ଏବଂ ଜଳପଥ ସଂଯୋଗ ହୋଇଛି।
- ଏହି ବନ୍ଦରକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା– ଦି ୟଙ୍ଗଶାନ୍ ଡିପ୍‌ୱାଟର ପୋର୍ଟ, ଦି ହୁଆଙ୍ଗପୁ ରିଭର ପୋର୍ଟ ଏବଂ ଦି ଚୋଙ୍ଗମିଙ୍ଗ୍ ଆଇସ୍‌ଲାଣ୍ଡ ପୋର୍ଟ। ଦି ୟଙ୍ଗଶାନ୍ ଡିପ୍‌ୱାଟର ପୋର୍ଟ ୨୦୦୫ ମସିହାରେ ଆରମ୍ଭ କରାଯାଇଥିଲା। ଏହା ପୃଥିବୀର ସବୁଠୁ ଗଭୀରତମ ବନ୍ଦର ମଧ୍ୟରେ ଗୋଟିଏ, ଯେଉଁଠି ସବୁଠୁ ବଡ କଣ୍ଟେନରଶିପ୍ ବା ବିମାନ ରହିପାରିବାର କ୍ଷମତା ରହିଛି।
- ଏହି ବନ୍ଦର ପୃଥିବୀର ପ୍ରାୟ ୨୦୦ଟି ଦେଶର ୬୦୦ଟିରୁ ଊର୍ଦ୍ଧ୍ୱ ବନ୍ଦର ସହିତ ସଂଯୋଗ କରିଥାଏ।
- ସାଙ୍ଘାଇ ଇଣ୍ଟରନ୍ୟାଶନାଲ୍ ପୋର୍ଟ ଗ୍ରୁପ୍ ପକ୍ଷରୁ ଏହି ବନ୍ଦରର ମ୍ୟାନେଜମେଣ୍ଟ ଏବଂ ଡେଭେଲପ୍‌ମେଣ୍ଟ କାର୍ଯ୍ୟ ପରିଚାଳନା କରାଯାଇଥାଏ।
- ଏଠାରେ ବଡ଼ ବଡ଼ କଣ୍ଟେନର୍ ଶିପିଙ୍ଗ୍ ପାଇଁ ବିଭିନ୍ନ ପ୍ରକାରର କାର୍ଗୋ ବ୍ୟବହାର ହୋଇଥାଏ। ଯେଉଁଥିରେ ବଲ୍କ କାର୍ଗୋ, ଲିକ୍ୱିଡ୍ ବଲ୍କ କାର୍ଗୋ ଏବଂ ରୋଲ୍ ଅନ୍ କିମ୍ବା ରୋଲ୍ ଅଫ୍ କାର୍ଗୋ ମୁଖ୍ୟତଃ କାର୍ଯ୍ୟ କରିଥାଏ।
- ସିଙ୍ଗାପୋର୍ ଏବଂ ହଙ୍ଗ୍‌କଙ୍ଗ୍ ପୋର୍ଟକୁ ପଛରେ ପକାଇ ୨୦୧୦ ମସିହାରେ ଏହା ପୃଥିବୀର ସର୍ବବୃହତ୍ ଏବଂ ବ୍ୟସ୍ତବହୁଳ ବନ୍ଦରର ମାନ୍ୟତା ପାଇଛି।

---

## ଏ ସପ୍ତାହର ପ୍ରଶ୍ନ

୧– ଆଇସ୍ ବ୍ରେକର୍ ମିସାଇଲ ......... ଦେଶ ଦ୍ୱାରା ନିର୍ମାଣ କରାଯାଇଛି ?
୨– ୱାର୍ଲ୍ଡ ୱେଲ୍‌ଥ ରିପୋର୍ଟ ୨୦୨୫ ........ ପକ୍ଷରୁ ପ୍ରକାଶିତ ହୋଇଛି ?
୩– ପ୍ରାଇମ୍ ମିନିଷ୍ଟର ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ(ପିଏମ୍‌ଇଜିପି)......... ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ଫୁଏଗୋ ଆଗ୍ନେୟଗିରି ................ ଦେଶରେ ଅବସ୍ଥିତ ?
୫– ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିର .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ରାଜସ୍ଥାନ
୨ ଫୁଡ୍ ଆଣ୍ଡ ଏଗ୍ରିକଲ୍ଚର ଅର୍ଗାନାଇଜେଶନ୍
୩ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି
୪ ଦୁବାଇ
୫ ଡେନିସ୍ ପାପିନ୍

## ଉତ୍ତରଦାତା



ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର



ସୁଶାନ୍ତ କୁମାର ଦେହୁରୀ, ସୁକିନ୍ଦା



ସ୍ୱସ୍ତିକ ଷଡ଼ଙ୍ଗୀ, ବାଙ୍ଗାଲୋର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ଲମ୍ବା ସାପ

୧– ଡାନ୍ୟାଙ୍ଗ୍–କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା....................... ୧୬୪.୮୦ କିମି.
୨– ଚାଙ୍ଘୁଆ– କାଓସିଅଙ୍ଗ୍ ଭିଆଡକ୍ଟ, ତାଇୱାନ୍ .................... ୧୫୭.୩୦ କିମି.
୩– ତିଆଞ୍ଜିନ୍ ଗ୍ରାଣ୍ଡ ବ୍ରିଜ୍, ଚାଇନା.................................. ୧୧୩.୭ କିମି.
୪– କାଙ୍ଗଡେ ଗ୍ରାଣ୍ଡ ବ୍ରିଜ୍, ଚାଇନା ............................... ୧୦୫.୮୮୧ କିମି
୫– ୱିନାନ୍ ୱହେ ଗ୍ରାଣ୍ଡ ବ୍ରିଜ୍ , ଚାଇନା ............................ ୭୯.୭୩୨ କିମି.
୬– ବ୍ୟାଙ୍ଗ ନା ଏକ୍ସପ୍ରେସ୍‌ୱେ, ଥାଇଲାଣ୍ଡ ................................ ୫୪ କିମି.
୭– ବେଜିଂ ଗ୍ରାଣ୍ଡ ବ୍ରିଜ୍ , ଚାଇନା ........................................ ୪୮.୨ କିମି.
୮– ମେଟ୍ରୋ ମାନିଲା ସ୍କାଏୱେ ସିଷ୍ଟମ୍, ଫିଲିପାଇନ୍ସ .................. ୩୯.୨ କିମି.
୯– ଲେକ୍ ପଞ୍ଚାର୍‌ଟ୍ରେନ୍ କଜ୍‌ୱେ, ଆମେରିକା ...................... ୩୮.୪୪୨ କିମି.
୧୦– ଉହାନ୍ ମେଟ୍ରୋ ବ୍ରିଜ୍, ଚାଇନା.............................. ୩୭. ୭୮୮ କିମି.

## ଅଭୁଲା ଅନୁଭୂତି

# ରଜଘରେ ଏକାଠି ରହୁଥିଲୁ ଗାଁସାରା ଝିଅ



**ଡ. ସୁଲୋଚନା ଦାସ,** କଥାଶିଳ୍ପୀ

ରଜ ଆସିଲେ ଗାଁ ମନେପଡ଼େ। ଭାରି ମନେପଡ଼େ। ଗାଁ ମୁଣ୍ଡରୁ ସତେ କି ଭାସି ଆସେ ଦୋଳି ଗୀତ।

ଦୋଳି ପଟା କଟମଟ,
ମୋ ଭାଇ ମୁଣ୍ଡରେ ସୁନା ମକୁଟ ଲୋ
ଦିଶୁଥାଇ ଝଟଝଟ।

ମନ ପବନ ଯାନରେ ମନଟା ଉଡ଼ିଯାଏ ଗାଁକୁ। ଯେଉଁଠି ବିତିଛି ମୋ ପିଲାଦିନ। ମୋ କିଶୋରୀ ଜୀବନ। ସ୍ମୃତିର କାନ୍‌ଭାସରେ ଚିତ୍ରାୟିତ ହୋଇ ଉଠନ୍ତି ମୋ ସାଙ୍ଗସାଥୀ। ପରିବାର ଲୋକ ଯେଉଁମାନଙ୍କ ସ୍ନେହ, ଶ୍ରଦ୍ଧା ଆଦର ଯତ୍ନରେ ମୋ ପିଲାଦିନ ସ୍ୱର୍ଗୀୟ ଆନନ୍ଦରେ ନିରନ୍ତର ଭିଜୁଥିଲା। କି ସୁନ୍ଦର ଥିଲା ରଜ ପାଳିବାର ବିଭୋର ମୁହୂର୍ତ୍ତଗୁଡିକ! ରଜ ଆସିବାର କେତେ ଦିନ ଆଗରୁ ଆରମ୍ଭ ହୋଇଯାଏ ପ୍ରସ୍ତୁତି। ରଜସ୍ୱଳା ପୃଥିବୀର ନିରାଦନା ପାଇଁ କୁଆଁରୀ ଝିଅମାନଙ୍କୁ ଆଗାମୀ ଭବିଷ୍ୟତରେ ମା'ଟିଏ କରି ଗଢ଼ିବାର ମାନସିକ ପ୍ରସ୍ତୁତି ପାଇଁ। ସଜବାଜ ଦିନ ସକାଳୁ ଆମେ ବାରି ପଛପଟ ପୋଖରୀରେ ଗାଧୋଇବା ପାଇଁ ସବୁ ଝିଅ ଯାଉ। ନୂଆବୋହୂ ହୋଇ ଗାଁକୁ ଆସିଥିବା ମୋର ଭାଉଜ, ଖୁଡ଼ୀ ଏମିତି କେତେଜଣ ସାଙ୍ଗରେ ଯାଆନ୍ତି। ମୁଣ୍ଡ ଧୋଇ, ହଳଦୀ ଲଗାଇ ଗାଧାଉ। ସମସ୍ତଙ୍କ ଘରେ ପୋଡ଼ପିଠା ଓ ନଡିଆ ରାଇ ହୁଏ। ସଜବାଜ ଦିନରୁ ପ୍ରସ୍ତୁତି ହୋଇଥାଏ ରଜଘର, ଯାହାର ପ୍ରଶସ୍ତ ଘର ଥାଏ ତା'ରି ଘରେ ରଜ ହେଁସ ପକାଯାଏ। ଗାଁର ସବୁଝିଅ ରଜ ସରିବା ଯାଏ ସେଇଠି ରହୁ। ସେଇଠିକୁ ସମସ୍ତଙ୍କ ଘରୁ ପିଠା, ମିଠା, ଫଳ ଆସେ। ସେଠାରୁ ସମସ୍ତେ ଏକାଠି ଦୋଳି ଖେଳିବାକୁ ଯାଉ। ଯାହାର ପରିବାର ଲୋକେ ବାହାରେ ଥାଆନ୍ତି ରଜ ପାଳିବାକୁ ଛୁଟିରେ ଆସନ୍ତି। ଏକାଠି ସଭିଙ୍କ ସହ ଏହି ତିନିଦିନ ସ୍ୱପ୍ନ ପରି ବିତିଯାଏ। ବନ୍ଧୁବାନ୍ଧବଙ୍କ ଯିବାଆସିବା ବି ସେତେବେଳେ ଥିଲା ଏକ ମୁଖ୍ୟ ଆକର୍ଷଣ। ମଧ୍ୟାହ୍ନରେ ରଜବରଣିରେ ଯାଆନ୍ତି ଝିଅ ବୋହୂ ଆଜି ୟା' ଘରେ ତ କାଲି ତା'ଘରେ ଖିଆପିଆ ହୁଏ। ନୂଆ ବାହା ହୋଇଥିବା ବୋହୂ ଘରୁ ଭାର ଆସେ ଓ ଗାଁ ସାରା ବଣ୍ଟା ହୁଏ। ସେତେବେଳେ ବର୍ତ୍ତମାନ ସମୟ ପରି ଦୋକାନରେ ଚିକେନ୍, ମଟନ୍ ମିଳୁ ନ ଥିଲା। ରଜରେ ଗାଁରେ ଛେଳି କଟା ହୋଇ ସମସ୍ତଙ୍କ ଘର ପାଇଁ ଭାଗ ପଡୁଥିଲା। ମନେଅଛି ଆମ ରୋଷେଇ ଘରେ ଆମିଷ ପଶୁ ନ ଥିବାରୁ ବାରିପଟ ଚାଳିଆ କିମ୍ବା ଦାଣ୍ଡପଟ ଉଠାଚୁଲିରେ ରୋଷେଇ ହେଉଥିଲା। ସଂଧ୍ୟା ପୂର୍ବରୁ ବିଲୁଆ ଭୁକିବା ଆଗରୁ ଝିଅମାନଙ୍କୁ ରାତ୍ରଭୋଜନ କରିବାକୁ ପଡୁଥିଲା। ରାତି ୮ଟା ବେଳକୁ ସମସ୍ତେ ପହଞ୍ଚି ଯାଉଥିଲେ ନିକଟରେ ଥିବା ଦକ୍ଷିଣେଶ୍ୱର ମନ୍ଦିର ଯାତ୍ରା ପଡିଆରେ। ଭୋର ୪ଟା ପର୍ଯ୍ୟନ୍ତ ଯାତ୍ରା। ତିନିଦିନ ଧରି ଦୁଇ ଦଳ ଯାତ୍ରା କରନ୍ତି ଏବଂ ପ୍ରତିଯୋଗିତାରେ ଯେଉଁ ଦଳ ଜିତୁଥିଲା ତାକୁ ପୁରସ୍କାର ମିଳୁଥିଲା। ଦିନରେ ସେହି ପଡିଆରେ ବାଗୁଡି ଖେଳ ହୁଏ। ରଜ ତିନ ଦିନ ହଳ ଓ ଚାଷବାସ ବନ୍ଦ ହୁଏ। ମା' ମାଟିକୁ ବିଶ୍ରାମ ଦିଆଯାଏ। ଏହା ମଧ ଏକ କୃଷିଭିତ୍ତିକ ପର୍ବ। ସେତେବେଳେ ଏକାଠି ରଜପର୍ବ ପାଳିବା, ପରସ୍ପର ଘରକୁ ପିଠାପଣା ଦେବା ଭଳି ଯେଉଁ ସୁନ୍ଦର ପରମ୍ପରା ଥିଲା ତାହା ଏବେ ଆଉ ନାହିଁ। ଏ ସେହି ପୁରୁଣା ଦିନର ରଜ ପାଳିବାର ମାଧୁର୍ଯ୍ୟ ବହୁମାତ୍ରାରେ କମି ଗଲାଣି। ସତରେ ଆମ ପିଲାଦିନର ସେ ଅନୁଭୂତି ଏବେବି ଅଭୁଲା।

# ୨୭ ବର୍ଷ ପ୍ରତୀକ୍ଷାର ଅବସାନ

## ଦକ୍ଷିଣ ଆଫ୍ରିକାକୁ ଆଇସିସି ଟ୍ରଫି



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ହାସଲ ପରେ ଉଲ୍ଲସିତ ଦକ୍ଷିଣ ଆଫ୍ରିକା ଦଳ।

**ଲଣ୍ଡନ, ୧୪।୬**

ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଫଳରେ ଏହି ଆଫ୍ରିକୀୟ ଦେଶ ପାଇଁ ସିନିୟର ସ୍ତରରେ ଏକ ଆଇସିସି ଟ୍ରଫି ହାସଲ ଲାଗି ଦୀର୍ଘ ୨୭ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ୧୯୯୮ରେ ୱେଷ୍ଟଇଣ୍ଡିଜକୁ ହରାଇ ଦକ୍ଷିଣ ଆଫ୍ରିକା ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଏହାପରେ ୨୦୨୩ ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ, ୨୦୨୪ ପୁରୁଷ ଟି୨୦ ବିଶ୍ୱକପ ଫାଇନାଲରେ ଭାରତ ଏବଂ ୨୦୨୪ ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ହାରି ନିରାଶ ହୋଇଥିଲା।

ଲର୍ଡ୍ସରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ସ୍କୋର ୧୩୮ରେ ସୀମିତ ରହିଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ୨୦୭ ରନ କରିବାକୁ ସକ୍ଷମ ହେବାରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୮୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ଦଳ ୮୩.୩ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଏଡେନ ମାରକ୍ରମ ୧୩୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିବାବେଳେ ଅଧିନାୟକ ଟେମ୍ବା ବଭୁମା ୬୬ ରନର ଉପଯୋଗୀ ରନ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାକୁ ଏହି ଐତିହାସିକ ସଫଳତା ଦେଇଥିଲେ। ତୃତୀୟ ଉଇକେଟରେ ଦୁହିଁଙ୍କ ୧୪୭ ରନର ଭାଗୀଦାରି ଦକ୍ଷିଣ ଆଫ୍ରିକାକୁ ବିଜୟ ପଥରେ ଅଗ୍ରସର କରାଇଥିଲା। ୱିଆନ ମୁଲ୍ଡରଙ୍କ ୨୭ ଓ ଡେଭିଡ ବେଡିଂହାମଙ୍କ ଅପରାଜିତ ୨୧ ରନର ଇନିଂସ ମଧ୍ୟ ମୂଲ୍ୟବାନ ସାବ୍ୟସ୍ତ ହୋଇଥିଲା। ୨ଟି ଉଇକେଟ ନେବା ସହ ଶତକୀୟ ଇନିଂସ ଖେଳିଥିବା ମାରକ୍ରମ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୩ଟି ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ଜୋଶ ହାଜେଲଉଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ୨୦୧୯-୨୦୨୧ ସିଜନ ଫାଇନାଲରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିୟନ ହୋଇଥିଲା। ୨୦୨୧-୨୦୨୩ ଫାଇନାଲରେ ଭାରତକୁ ପରାସ୍ତ କରି ଅଷ୍ଟ୍ରେଲିଆ ଟାଇଟଲ ହାସଲ କରିଥିଲା। ୨୦୨୩-୨୦୨୫ ସିଜନ ଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ନୂଆ ଚାମ୍ପିୟନ ହୋଇଛି ଦକ୍ଷିଣ ଆଫ୍ରିକା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୭। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୮୨/୫ (ଏଡେନ ମାରକ୍ରମ-୧୩୬, ଟେମ୍ବା ବଭୁମା-୬୬, ମିଚେଲ ଷ୍ଟାର୍କ-୩/୬୬, ପ୍ୟାଟ୍ କମିନ୍ସ-୧/୫୯, ଜୋଶ ହାଜେଲଉଡ-୧/୫୮)।

### ଆଇସିସି ସିନିୟର ଟୁର୍ନାମେଣ୍ଟ ଫାଇନାଲରେ ଦକ୍ଷିଣ ଆଫ୍ରିକା

୧୯୯୮ ଚାମ୍ପିୟନ୍ସ ଟ୍ରଫି: ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଜୟୀ
୨୦୨୩ ମହିଳା ଟି୨୦ ବିଶ୍ୱକପ: ଅଷ୍ଟ୍ରେଲିଆଠାରୁ ପରାସ୍ତ
୨୦୨୪ ପୁରୁଷ ଟି୨୦ ବିଶ୍ୱକପ: ଭାରତଠାରୁ ପରାସ୍ତ
୨୦୨୪ ମହିଳା ଟି୨୦ ବିଶ୍ୱକପ: ନ୍ୟୁଜିଲାଣ୍ଡଠାରୁ ପରାସ୍ତ
୨୦୨୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍: ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟୀ

### ଲର୍ଡ୍ସରେ ସର୍ବାଧିକ ରନ୍ ଚେଜ୍

୩୪୨: ୱେଷ୍ଟଇଣ୍ଡିଜ ବନାମ ଇଂଲଣ୍ଡ, ୧୯୮୪
୨୮୨: ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ୨୦୨୫
୨୮୨: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ, ୨୦୦୪
୨୭୭: ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ, ୨୦୨୨

# ବାଉଣ୍ଡ୍ରି ଲାଇନ୍ କ୍ୟାଚ୍ ଲାଗି ନୂଆ ନିୟମ

## ଚଳିତ ମାସରୁ କାର୍ଯ୍ୟକାରୀ ହେବ

**ଲଣ୍ଡନ,୧୪।୬(ପି.ଟି.)**

ବାଉଣ୍ଡ୍ରି ଲାଇନ୍ ଡେଇଁ କିମ୍ବା ବାଉଣ୍ଡ୍ରି ବାହାରେ ବଲକୁ ବହୁବାର ଟଚ୍ କରି ନିଆଯାଉଥିବା କ୍ୟାଚ୍‌କୁ କ୍ରିକେଟ୍‌ରେ ପ୍ରଚଳିତ ନିୟମର ତଦାରଖ କରୁଥିବା ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ପକ୍ଷରୁ ଅସିଦ୍ଧ କରାଯାଇଛି। ଏହି ନୂଆ ନିୟମ ଚଳିତ ମାସରୁ ଆଇସିସିର ପ୍ଲେଇଂ କଣ୍ଡିଶନରେ ସାମିଲ କରାଯିବ। ଏହି ନିୟମ କାର୍ଯ୍ୟକାରୀ ହେବା ପରେ ୨୦୨୩ ବିବିଏଲ୍‌ରେ ମାଇକେଲ ନେସର ଓ ୨୦୨୦ରେ ମ୍ୟାଟ ରେନଶଙ୍କ ସହାୟତାରେ ଟମ୍ ବାଣ୍ଟନ ନେଇଥିବା କ୍ୟାଚ୍‌କୁ ବେଆଇନ ଦର୍ଶାଯିବ।

ଆଇସିସି ଦ୍ୱାରା ସଦସ୍ୟ ବୋର୍ଡମାନଙ୍କୁ ପଠାଯାଇଥିବା ଏମ୍‌ସିସି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପ୍ରଚଳିତ ନିୟମ ଯୋଗୁ କିଛି ଦର୍ଶନୀୟ କ୍ୟାଚ୍ ଦେଖିବାକୁ ମିଳୁଛି। ହେଲେ ଏହା ଫିଲ୍ଡରଙ୍କୁ ଅସାଧାରଣ କ୍ୟାଚ୍ ନେବାକୁ ଅନୁମତି ଦେଉଛି, ଯାହାକି ଅଧିକାଂଶ ପ୍ରଶଂସକଙ୍କ ମତରେ ଅନୁଚିତ। ବ୍ରିସବେନ ହିଟ୍ ପାଇଁ ଜୋର୍ଡାନ ସିଲ୍କଙ୍କୁ ଆଉଟ୍ କରିବା ଲାଗି ନେସର ନେଇଥିବା କ୍ୟାଚ୍ ସମ୍ପର୍କରେ ପ୍ରକାଶ କରାଯାଇଛି, ବାଉଣ୍ଡ୍ରି ଲାଇନ ମଧ୍ୟରେ କ୍ୟାଚ୍ ନେବା ପୂର୍ବରୁ ଫିଲ୍ଡର ବାଉଣ୍ଡ୍ରି ଲାଇନ୍ ଅତିକ୍ରମ କରିଥିଲେ। ଫିଲ୍ଡର କ୍ୟାଚ୍ ନେବା ପାଇଁ ଅଧିକ ଦୂରକୁ ଚାଲିଯାଇଥିବା ଅନୁଭବ ହେଉଛି।

ବିବିଏଲ୍‌ରେ ନିଆଯାଇଥିବା ଉକ୍ତ ଦୁଇଟି କ୍ୟାଚ୍ ଯୋଗୁ ପ୍ରବଳ ଚର୍ଚ୍ଚା ହୋଇଥିଲା, ଯାହା ଫଳରେ ଆଇସିସି ଓ ଏମ୍‌ସିସିକୁ ନିୟମ ୧୯.୫.୨ରେ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ଅନ୍ତିମ ଥର ୨୦୧୦ରେ ଏହାକୁ ଅପଡେଟ୍ କରାଯାଇଥିଲା। ପରିବର୍ତ୍ତିତ ନିୟମ ମୁତାବକ, କୌଣସି ଫିଲ୍ଡର ବାଉଣ୍ଡ୍ରି ଲାଇନ୍ ବାହାରକୁ ଡେଇଁ ଦ୍ୱିତୀୟ ଥର ବଲ ସମ୍ପର୍କରେ ଆସିବା ପରେ ତାଙ୍କୁ ଫିଲ୍ଡ ମଧ୍ୟରେ ଲ୍ୟାଣ୍ଡ କରିବାକୁ ପଡ଼ିବ, ନ ହେଲେ ଏହାକୁ ବାଉଣ୍ଡ୍ରି ବୋଲି ଧରାଯିବ। କିନ୍ତୁ ଫିଲ୍ଡ ଭିତରେ ଥାଇ ବଲକୁ ଉପରକୁ ଫୋପାଡ଼ି ବାଉଣ୍ଡ୍ରି ବାହାରକୁ ଯାଆନ୍ତି ଏବଂ ପରେ ଡାଇଭ୍ କରି ଫିଲ୍ଡରେ କ୍ୟାଚ୍ ଧରନ୍ତି, ଏଭଳି କ୍ଷେତ୍ରରେ ଆଉଟ୍ ଦିଆଯିବ। ବାଉଣ୍ଡ୍ରି ବାହାରକୁ ଯାଇଥିବା ଫିଲ୍ଡର ପବନରେ ଥାଇ ବଲକୁ କେବଳ ଥରେ ହିଁ ସ୍ପର୍ଶ କରିପାରିବେ ଏବଂ ପରେ ତାଙ୍କୁ ବାଉଣ୍ଡ୍ରି ଭିତରରେ କ୍ୟାଚ୍ ସମ୍ପୂର୍ଣ୍ଣ କରିବାକୁ ପଡ଼ିବ। ଏହି ନିୟମ ରିଲେ କ୍ୟାଚ୍ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଯଦି ଜଣେ ଫିଲ୍ଡର ପବନରେ ଥାଇ ବାଉଣ୍ଡ୍ରି ବାହାରୁ ବଲକୁ ପଡ଼ିଆ ଭିତରକୁ ଫୋପାଡନ୍ତି, ତେବେ ତାଙ୍କ ସାଥି ଖେଳାଳି କ୍ୟାଚ୍ ଧରିବା ପୂର୍ବରୁ ତାଙ୍କୁ ଫିଲ୍ଡକୁ ଫେରିବାକୁ ପଡ଼ିବ। ନ ହେଲେ ଏହାକୁ ବାଉଣ୍ଡ୍ରି ଧରାଯିବ। ଏପରି କି ଯଦି ଜଣେ ଫିଲ୍ଡର ଫିଲ୍ଡ ମଧ୍ୟରେ ଥାଇ ବଲକୁ ଅନ୍ୟ ଫିଲ୍ଡରଙ୍କ ଆଡ଼କୁ ଫୋପାଡ଼ିବା ପରେ ବାଉଣ୍ଡ୍ରି ବାହାରକୁ ଚାଲି ଯାଆନ୍ତି, ତେବେ ମଧ୍ୟ ଏହାକୁ ବାଉଣ୍ଡ୍ରି ଗଣନା କରାଯିବ। ଏହାର ଅର୍ଥ ଫିଲ୍ଡରଙ୍କୁ ବାଉଣ୍ଡ୍ରି ବାହାରୁ ଭିତରକୁ ଡେଇଁଲା ବେଳେ ବଲକୁ ସ୍ପର୍ଶ କରିବା ପାଇଁ ଥରେ ହିଁ ସୁଯୋଗ ମିଳିବ। ସ୍ପର୍ଶ କରିବା ପରେ ତାଙ୍କୁ ଯେମିତି ବି ହେଲେ ଫିଲ୍ଡ ମଧ୍ୟରେ ରହିବା ଦରକାର। ଏହି ପରିବର୍ତ୍ତିତ ନିୟମ ଆସନ୍ତା ୧୭ ତାରିଖରୁ ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଗାଲେଠାରେ ହେବାକୁ ଥିବା ଟେଷ୍ଟ ମ୍ୟାଚ୍‌ରୁ କାର୍ଯ୍ୟକାରୀ ହେବ। ଏହି ମ୍ୟାଚ୍ ସହ ନୂଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ସାଇକେଲ ଆରମ୍ଭ ହେବ।

# ଅଭିଜିତ୍ ଗୁପ୍ତାଙ୍କୁ ଦିଲ୍ଲୀ ଓପନ ଟାଇଟଲ



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ନୂଆଦିଲ୍ଲୀ, ୧୪।୬**

ଭାରତୀୟ ଗ୍ରାଣ୍ଡମାଷ୍ଟର (ଜିଏମ୍) ଅଭିଜିତ୍ ଗୁପ୍ତା ତାଙ୍କର ଚତୁର୍ଥ ଦିଲ୍ଲୀ ଗ୍ରାଣ୍ଡମାଷ୍ଟର୍ସ ଓପନ ଟାଇଟଲ ଜିତିଛନ୍ତି। ଏସିଆର ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟରେ ସେ ୧୦ ରୁ ୮.୫ ପଏଣ୍ଟ ସ୍କୋର କରିଥିଲେ। ୩୬ ବର୍ଷୀୟ ଗୁପ୍ତା ୧୦ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତ୍ରୁଟିହୀନ ଅଭିଯାନ କରି ଶେଷ ପର୍ଯ୍ୟନ୍ତ ଅପରାଜେୟ ରହିଥିଲେ। ୯ମ ରାଉଣ୍ଡରେ ବେଲାରୁଷର ଗ୍ରାଣ୍ଡମାଷ୍ଟର ମିହେଲ ନିକିଟେଙ୍କୋଙ୍କ ବିପକ୍ଷରେ ବିଜୟ ତାଙ୍କ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଫାଇନାଲ ରାଉଣ୍ଡରେ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ଆରୋଣ୍ୟକ ଘୋଷଙ୍କ ବିପକ୍ଷରେ ଡ୍ର ରଖି ସେ ଟାଇଟଲ ହାସଲ କରିଥିଲେ। ନିକିଟେଙ୍କୋ (୨୫୨୦ ବେଲାରୁଷ) ଟାଇବ୍ରେକରରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପ୍ତିୟାନ ଘୋଷ (୨୫୬୩)ଙ୍କୁ ପରାସ୍ତ କରି ୮ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଘୋଷ ଫାଇନାଲ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର କାର୍ତ୍ତିକ ଭେଙ୍କଟରମଣଙ୍କ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ସମାନ ୮ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ ମଧ୍ୟ ଆଇଏମ୍ ଆରୋଣ୍ୟକ ଘୋଷ ଓ ଜିଏମ୍ ଆଦିତ୍ୟ ଏସ୍. ସାମନ୍ତ ଟାଇବ୍ରେକର ସହିତ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ଟପ୍ ଟେନ୍‌ରେ ପୁରୁଖା ପ୍ରଫେଶନାଲ ଓ ଉଦୀୟମାନ ଖେଳାଳିମାନେ ସ୍ଥାନ ପାଇଛନ୍ତି। ଭିଏତ୍‌ନାମର ଜିଏମ୍ ଏନ୍‌ଗୁୟେନ ଡକ୍ ହୋଆ ୭.୫ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ତାଙ୍କ ପଛକୁ ଭାରତର ଟପ୍ ସିଡ୍ ଗ୍ରାଣ୍ଡମାଷ୍ଟର ଏସ୍ଏଲ୍ ନାରାୟଣନ ୭ମ ହୋଇଥିଲେ। ଆର୍ମେନିଆର ଦୁଇ ଗ୍ରାଣ୍ଡ ମାଷ୍ଟର ମାମିକନ ଘାରିବ୍ୟାନ ଓ ମାନୁଏଲ୍ ପେଟ୍ରୋସ୍ୟାନ ଯଥାକ୍ରମେ ୮ମ ଓ ୯ମ ସ୍ଥାନ ଅଧିକାର କରିଥିଲେ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଦେବବ୍ରତ ଭଞ୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଭାରତ ପୁଣି ପରାସ୍ତ

**ଆଣ୍ଟୱର୍ପ (ବେଲଜିୟମ),୧୪।୬ (ପି.ଟି.)**

ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପରାଜୟ ଜାରି ରହିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଭିଷେକଙ୍କ ଡବଲ ଗୋଲ୍ ବଳରେ ଭାରତ ଅଗ୍ରଣୀ ଲାଭ କରିଥିଲେ ମଧ୍ୟ ପରେ ଅଷ୍ଟ୍ରେଲିଆ ତିନୋଟି ଗୋଲ୍ ସ୍କୋର କରି ମ୍ୟାଚ୍‌କୁ ୩-୨ ଗୋଲ୍‌ରେ ଜିତି ନେଇଥିଲା। ଟୁର୍ନାମେଣ୍ଟରେ ଭାରତର ଏହା କ୍ରମାଗତ ୫ମ ପରାଜୟ। ଦଳ ପୂର୍ବରୁ ନେଦରଲାଣ୍ଡ ଓ ଆର୍ଜେଣ୍ଟିନାଠାରୁ ଦୁଇଥର ଲେଖାଏଁ ପରାସ୍ତ ହୋଇ ସାରିଛି। ଶନିବାର ଅଭିଷେକ (୮ମ ଓ ୩୫ତମ ମିନିଟ)ଙ୍କ ଡବଲ ଗୋଲ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଗୋଲ୍ ଖେଳର ୪୨ତମ ମିନିଟ୍‌ରେ ନାଥାନ ଏଫ୍ରାମସ୍ ସ୍କୋର କରିଥିଲେ। ପରେ ଜୋଏଲ ରିଣ୍ଟାଲା (୫୬ତମ) ଓ ଟମ୍ କ୍ରେଗ୍ (୬୦ତମ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ।

# ସ୍କୁଲ୍ସ ଓପନ ଚେସ୍: ପ୍ରାଂଶୁ ଚାମ୍ପିୟନ

**ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)**


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ତ୍ରିନାଥ ଦାସ ମେମୋରିଆଲ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରାଂଶୁ ଦାଶ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସତ୍ୟ ମାଧବ ଶତପଥୀ, ଆୟାଭନ୍ତ ମହାନ୍ତି, ସାରାଂଶ ମିଶ୍ର ଓ ରେୟାଂଶ ଦାସ ଟପ୍-୫ରେ ରହିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ନେଭି କ୍ୟାପ୍‌ଟେନ ଅମିତ ପଟ୍ଟନାୟକ, ସ୍ୱର୍ଗତ ତ୍ରିନାଥ ଦାସଙ୍କ ଝିଅ ସବିତା ଦାସ ଏବଂ ସମ୍ପର୍କୀୟ ଦେବବ୍ରତ ପଟ୍ଟନାୟକ ଓ ଦେବାଂଶି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




# ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ରେଫରି କର୍ମଶାଳା



କର୍ମଶାଳା ଅବସରରେ କର୍ମକର୍ତ୍ତାମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମଠାରେ ଦେଶର ସର୍ବପ୍ରଥମ ବ୍ୟାଡ୍‌ମିଣ୍ଟନ ରେଫରି (ଟେକ୍ନିକାଲ ଅଫିସିଆଲ) କର୍ମଶାଳା ଆରମ୍ଭ ହୋଇଛି। ବିଭିନ୍ନ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ମ୍ୟାଚଗୁଡିକ ପରିଚାଳନା ସମୟରେ ତ୍ରୁଟିଶୂନ୍ୟ ଭାବେ ମ୍ୟାଚ ଯେପରି ସମାପ୍ତ ହେବ ତା' ଉପରେ ଅଡିଓ ଓ ଭିଡିଓ ମାଧ୍ୟମକୁ ଉପଯୋଗ କରି ରାଜ୍ୟ ସଂଘର ୧୦୫ ଟେକ୍ନିକାଲ ଅଫିସିଆଲଙ୍କୁ ଏହି କର୍ମଶାଳାରେ ଶିକ୍ଷା ଦିଆଯାଉଛି। ଏଥି ସହ ରାଜ୍ୟ ଅଫିସିଆଲମାନଙ୍କ ଖେଳ ପରିଚାଳନା ପଦ୍ଧତିରେ ଆହୁରି ଉତ୍କର୍ଷତା ଆଣି ତାଙ୍କର ଦକ୍ଷତାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରକୁ ଯେପରି ଆଗାମୀ ଦିନରେ ପହଞ୍ଚାଯାଇପାରିବ ତାହା ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର ପ୍ରକାଶ କରିଛନ୍ତି। ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ହେଉଥିବା ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ଭାବେ ବ୍ୟାଡ୍‌ମିଣ୍ଟନ ଏସିଆ ରେଫରି ବାଲା ରାମ ମୂର୍ତ୍ତିଙ୍କ ସହ ଓସବା ଉପସଭାପତି ତଥା କମିଟି ଅଧ୍ୟକ୍ଷ କାର୍ତ୍ତିକ ଦାସ, ସହ ଅଧ୍ୟକ୍ଷ ମନୋରଞ୍ଜନ ଦାସ, ସମ୍ପାଦକ ନିଳିନ କୁମାର କର୍ମଶାଳା ପରିଚାଳନା କରୁଥିବା ବେଳେ ଉପସଭାପତି ପ୍ରଦୀପ ପଟ୍ଟନାୟକ, ସନ୍ଦୀପ ମିଶ୍ର, ସମୀର ଦାସ, ଜୟପ୍ରକାଶ ଜେନା, ଶୁଭମ୍ ନାୟକ ଓ ଅବଦୁଲ ହାକିମ ସହଯୋଗ କରୁଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ